
-45

❊ କେଶବାବ୍ଦ : ସପ୍ତପଞ୍ଚାଶତ୍ (୫୭) ❊ ଆବିର୍ଭାବ ମାସ ❊ କୁମାର ପୂର୍ଣ୍ଣିମା ❊

# ପ୍ରବେଶ ପରିଚିତି

❊ ନବମ ପୁଷ୍ପ ❊

ଦ୍ୱିତୀୟ ପାଖୁଡ଼ା

ପଞ୍ଚଚତ୍ୱାରିଂଶତ୍ତମ ସଂଖ୍ୟା (୪୫)

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦପଦ୍ମ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଚରମ ପ୍ରାପ୍ତି | ୨ |
| ଭଜନ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୯ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୧୦ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୨ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୬ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୨୦ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୩ |
| ଜିଜ୍ଞାସା : ଜିଜ୍ଞାସୁ : | ୨୬ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୯ |
| କଲ୍ୟାଣ ଦେଖି ତୋତେ | ୩୩ |
| କେଶବ କୈବଲ୍ୟ କଣିକା | ୩୪ |
| **ନୀଳଚକ୍ର** | |
| ଚରମର ସଂକେତ<br>ଉତ୍ସବ ପରିଚିତି | ୩୬ |
| ଆଶ୍ରମ ସନ୍ଦେଶ | ୪୪ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣସ୍ତମ୍ଭ



**ମଙ୍ଗଳାଚରଣ**

ବରଦଂ ଶୁଭଦଂ ଚୈବ
କରୁଣାର୍ଦ୍ର ବିଶାଳାକ୍ଷମ୍ ।
ଚରମ ପିତରୌବନ୍ଦେ
ପ୍ରକୃତି ପୁରୁଷ ଦ୍ୱୟମ୍ ।।

## ଶ୍ରୀପାଦ ପଦ୍ମ ବନ୍ଦନା

ଜୟତୁ ଜୟ ଶ୍ରୀପଦ ବ୍ରହ୍ମାଣ୍ଡରେ ସାର ।
ବନ୍ଦନା କରନ୍ତି ନିତି ସୁରସିଦ୍ଧ ନର ।।୧।।
ଜୟତୁ ଜୟ ଶ୍ରୀପଦ ମହିମା ଅପାର ।
ତୋତେ ବନ୍ଦିବାକୁ ଶକ୍ତି ଅଛଇ କାହାର ।।୨।।
ଜୟତୁ ଜୟ ଶ୍ରୀପଦ ଅନାଦି ଈଶ୍ୱର ।
ସେବି ସଂସାରରୁ ମୁକ୍ତ ହୋଇଥାନ୍ତି ନର ।।୩।।
ଜୟତୁ ଜୟ ଶ୍ରୀପଦ ହୃଦରତ୍ନ ହାରା ।
ଜୟତୁ ଜୟ ଶ୍ରୀପଦ ଧ୍ୟାନନେତ୍ର କାରା ।।୪।।
ଜୟ ଜୟ ଶ୍ରୀପଦ ଜଗତ ହିତକାରୀ ।
ତ୍ରେତୟାରେ ତାରିଥିଲୁ ଗଉତମ-ନାରୀ ।।୫।।
ଜୟତୁ ଜୟ ଶ୍ରୀପଦ ପଦ୍ମରେ ଶରଣ ।
କୃପାକରି ମୋ ହୃଦରେ ରହ ଅନୁକ୍ଷଣ ।।୬।।
ଜୟତୁ ଜୟ ଶ୍ରୀପଦ ଜଗତ କାରେଣୀ ।
ତୋ ଅନୁଗ୍ରହରୁ ବଦ୍ଧ ହୋଇଥାଏ ପ୍ରାଣୀ ।।୭।।
ଜୟତୁ ଜୟ ଶ୍ରୀପଦ ଜଗତର ନାଥ ।
ତୋହର ପୀଠରେ ଲୋଟି ଯାଉ ମୋର ମାଥ ।।୮।।
ଜୟତୁ ଜୟ ଶ୍ରୀପଦ ଜଗତ ଜୀବନ ।
ଜୟତୁ ଜୟ ଶ୍ରୀପଦ ଭକ୍ତ ପ୍ରାଣଧନ ।।୯।।
ଜୟତୁ ଜୟ ଶ୍ରୀପଦ ଅଗତିର ଗତି ।
ତୋହ ଠାରେ ସଦାମୋର ଲାଖିଥାଉ ମତି ।।୧୦।।

ଜୟତୁ ଜୟ ଶ୍ରୀପଦ ତ୍ରିଭୁବନେ ଖ୍ୟାତ ।
ତୋର ଦରଶନେ ଭକ୍ତ ହୁଏ ତୋଷ ଚିତ୍ତ ।।୧୧।।
ଜୟତୁ ଜୟ ଶ୍ରୀପଦ ମହିମା ତୁମର ।
ବର୍ଣ୍ଣନା ପାଇଁ ଅକ୍ଷମ ବ୍ରହ୍ମା ବିଷ୍ଣୁ ହର ।।୧୨।।
ଜୟତୁ ଜୟ ଶ୍ରୀପଦ ପ୍ରାନ୍ତରୁ ତୁମର ।
କଲ୍ୟାଣ ବରଷେ ଯଥା ଆକାଶରୁ ନୀର ।।୧୩।।
ଜୟତୁ ଜୟ ଶ୍ରୀପଦ ଅତ୍ରାହି ଭଂଜନ ।
ଜୟତୁ ଜୟ ଶ୍ରୀପଦ ଦୁଷ୍ଟନିସୂଦନ ।।୧୪।।
ଜୟତୁ ଜୟ ଶ୍ରୀପଦ ମହିମା ବଖାଣ ।
କରି ନ ପାରି ଶ୍ରୀପଦେ ପଶୁଛି ଶରଣ ।।୧୫।।
ଜୟତୁ ଜୟ ଶ୍ରୀପଦ ଅତି ମନୋହର ।
ମହିମା ଗାଇବି ପ୍ରଭୁ ଥରେ ଦୟାକର ।।୧୬।।
ଜୟତୁ ଜୟ ଶ୍ରୀପଦ ଜଗତ ବନ୍ଦନ ।
ଶ୍ରୀପାଦ ପଦ୍ମ ହେ ରଖ ମୋର ନିବେଦନ ।।୧୭।।
ଜୟତୁ ଜୟ ଶ୍ରୀପଦ ଏତିକି ମିନତି ।
ଲେଖନୀ ସଦା ମୋ ଥାଉ ପ୍ରଭୁ ତୁମ କତି ।।୧୮।।
ଜୟତୁ ଜୟ ଶ୍ରୀପଦ ପଦ୍ମ ଅନୁସରି ।
ବିତିଯାଉ ଏ ଜୀବନ ଦିବସ ଶର୍ବରୀ ।।୧୯।।
ଜୟତୁ ଜୟ ଶ୍ରୀପଦ ମାନସ ବନ୍ଦନ ।
ଜୟ ତୁ ଜୟ ଶ୍ରୀପଦ ଲଲାଟ ଚନ୍ଦନ ।।୨୦।।




## ଚରମ ପ୍ରାପ୍ତି

ରେ ମୂଢ଼ମତି ! ଗୁରୁବିନା ନାହିଁ ତୋ' ମୁକତିରେ -
ମୂଢ଼ମତି ! ଲକ୍ଷ୍ୟ ତୋ' ଚରମପ୍ରାପତି ।।୦।।

ମାୟାମୋହ ବଶେ ପଡ଼ି — ଅନିତ୍ୟ ସୁଖରେ ବୁଡ଼ି
ହରାଉଛୁ କିଆଁ ତୋର ପୂରବ ସୁକୃତିରେ ।।୧।।

ଗୁରୁଇଷ୍ଟ ଗୁରୁକର୍ତ୍ତା — ଗୁରୁ ଭର୍ତ୍ତା ପିତାମାତା
ଏକାଧାରେ ସଖାବନ୍ଧୁ ସହୋଦର ଜ୍ଞାତିରେ ।।୨।।

ଗୁରୁସେବା ତୁ ନକଲେ — ଇନ୍ଦ୍ରିୟସୁଖେ ମଜିଲେ
ଏ ଜୀବନେ ନପାଇବୁ ନିତ୍ୟ ସୁଖ ଶାନ୍ତିରେ ।।୩।।

ବେଳୁଁ ନିଅ ଗୁରୁବରି — ସେ ଏକା ଭବ ନାଉରୀ
ଏ ଭବସାଗରୁ ତୋତେ ତାରିବେ ଝଟତିରେ ।।୪।।

ଈଶ୍ୱରଙ୍କ ଅବଦାନ — ଅଙ୍ଗ ଅବୟବମାନ
କରିବାକୁ ଗୁରୁପଦ ସେବା ଦିନରାତିରେ ।।୫।।

ଏ ବିଶ୍ୱ ବିଭୁ ସୃଜନ — ଶ୍ରୀଗୁରୁ ମାଧମେ ଜାଣ
ଗୁରୁସେବା ବିଭୁସେବା ନୁହଇ ଭିନ୍ନ ତିରେ ।।୬।।

ପ୍ରଭୁଲୀଳା ଶୁଣ କାନେ — ସେ ରୂପ ଦେଖ ନୟନେ
ରସନାରେ ଗାଅ ନାମ ନକରି ବିରତିରେ ।।୭।।

ଶ୍ରୀଗୁରୁ ପଦ୍ମଚରଣ — ସୁବାସ କର ସେବନ
ତୋ ନାସା ବାସନା ମୋହ ବଳେ ଯିବ ତୁଟିରେ ।।୮।।

ଶ୍ରୀଗୁରୁ ଚରଣ ରେଣୁ — ପରଶେ ପୁଲକ ତନୁ
ପଲକେ ଭବବନ୍ଧନ ଦେବ ତୋର କାଟିରେ ।।୯।।

ଗୁରୁଦତ୍ତ ବୀଜମନ୍ତ୍ର — ମାନସେ ଜପନିରତ
ଇହଲୋକରେ ଲଭିବୁ 'ଚରମପ୍ରାପତି'ରେ ।।୧୦।।



ସିଂହଦ୍ୱାର

# ଭଜନ

ମରି ମୁହିଁ ଆଜି ବଞ୍ଚି ରହିଅଛି ମରିବାର ଆଶାନେଇ
ସବୁ ଦେଖି କିଛି ଦେଖି ନ ପାରଇ ସତେ ଅବା ଆଖି ନାହିଁ ..... (୦)

କିମ୍ପାଇଁ ମରତେ ପଠାଇଛ ମୋତେ
କି କର୍ମ କରିବି ଜଗତର ହିତେ
ହିତାହିତ ଜ୍ଞାନ ନଦେଇ କିମ୍ପାଇଁ ରହିଛ ମଉନ ହୋଇ ..... (୧)

ଭାବ ବିନୋଦିଆ ଭାବ ଭାବି ଭାବି
ଅଜ୍ଞାନ ଅଭାବ ପଥ ମନେ ସେବି
ନ ଦିଶଇ ବୁଦ୍ଧି ନ ମିଳଇ ସିଦ୍ଧି ଦ୍ୱାର ବୁଦ୍ଧ କାହିଁ ପାଇଁ ..... (୨)

ଶ୍ରୀଗୁରୁହେ ତୁମ ବଚନକୁ ପାଇ
ଧାଉଁଛି ଧରାର ମମତା ତୁଟାଇ
ତୁମ ବିନା ଆଉ କିଛି ମୋର ନାହିଁ ଦେଖ ଥରେ ଭାବଗ୍ରାହୀ ..... (୩)

# ମୁଖଶାଳା

## ସମ୍ପାଦକୀୟ

**ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!**

ଯେଉଁ ବିଦ୍ୟାଦ୍ୱାରା ବ୍ରହ୍ମ ପ୍ରାପ୍ତି ହୁଏ, ତାହା ହିଁ ଶ୍ରେଷ୍ଠ ବିଦ୍ୟା । ଯେଉଁ ଜ୍ଞାନ ଦ୍ୱାରା ମୁକ୍ତି ମିଳେ, ତାହା ହିଁ ଶ୍ରେଷ୍ଠ ଜ୍ଞାନ । ଆତ୍ମ ତତ୍ତ୍ୱଜ୍ଞାନ ହିଁ ପ୍ରକୃତ ଲାଭ । ସେହିପରି ମନକୁ ଯିଏ ଜୟକରି ଅନ୍ତଃକରଣର ବାଣୀ ଶୁଣିପାରୁଛି, ସେ ହିଁ ବାସ୍ତବରେ ସଂସାରକୁ ଜୟ କରିଛି । ନୀତିଶାସ୍ତ୍ର କହେ, କାମ ବାଣରେ ଯିଏ ଜର୍ଜରିତ ନୁହେଁ ବା ସ୍ତ୍ରୀ ସଙ୍ଗ ପାଇଁ ଯିଏ କାମାତୁର ନୁହେଁ, ସେ ହିଁ ସର୍ବଶ୍ରେଷ୍ଠ ବୀର ଓ ସେହିପରି କାମିନୀର କଟାକ୍ଷ ଦ୍ୱାରା ଯିଏ ମୁଗ୍ଧ ବା ମୋହିତ ହୁଏ ନାହିଁ, ସେ ହିଁ ପ୍ରକୃତ ଅର୍ଥରେ ପଣ୍ଡିତ, ଧୀର ଓ ସମଦର୍ଶୀ ।

ଯେତେ ମାନବକୃତ ଅଘଟଣ ଏ ପୃଥିବୀରେ ଘଟିଯାଇଛି ବା ଘଟିଯାଉଛି ତାହା ଅବିଦ୍ୟା, ଅଜ୍ଞାନତା, ଅସଂଯତ ମାନସିକତା, କାମ କାମନା ପ୍ରବଣତା ଏବଂ ମାୟା, ମୋହ ଜର୍ଜରତାର ଫଳଶ୍ରୁତି ବ୍ୟତୀତ ଅନ୍ୟ କିଛି ନୁହେଁ । ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ - ଏହି ପ୍ରତ୍ୟେକଟି ବିଷୟ ବାସନା ପ୍ରତିକ୍ଷଣରେ ମଣିଷକୁ ଚରମପ୍ରାପ୍ତିରେ ବିପଥଗାମୀ କରିଚାଲିଛି । ଆଉ ଯେଉଁଠି ଏହି ପାଞ୍ଚଗୋଟି ବାସନା ଠୁଳ ହୋଇ ଯାଇଛି ସେହିଠାରେ ଯୋଗୀ, ଭୋଗୀ, ତପସ୍ୱୀ, ସାଧକ ପ୍ରତ୍ୟେକଙ୍କର ସର୍ବସ୍ୱ ଲୁଣ୍ଠିତ ହୋଇଛି ।

ମାନ ଅଭିମାନ ଜ୍ଞାନ ନିଶ୍ଚିତ ଭାବରେ କ୍ଷତିକାରକ । ଏହା ହୃଦୟର ଗଭୀରତମ ପ୍ରଦେଶରେ ବିଷାକ୍ତ କ୍ଷତ ସୃଷ୍ଟି କରେ । କିନ୍ତୁ ଏହା ଅପେକ୍ଷା ମମତ୍ୱବୋଧ ବା ମମତାଭିମାନ ଅର୍ଥାତ୍ ''ମୋର ମୋର'' ବୋଲି କହିବାରେ ଯେଉଁ ପ୍ରଚ୍ଛନ୍ନ ଗର୍ବ ପ୍ରକାଶ ପାଏ, ତାହାର ବନ୍ଧନ ବିଷାକ୍ତ କ୍ଷତାତିରିକ୍ତ ଯନ୍ତ୍ରଣାଦାୟକ । କାରଣ ଏହା ସମଦର୍ଶିତା, ସମ୍ବେଦନଶୀଳତା, ନିଃସ୍ୱାର୍ଥପରତାପରି ସତ୍ୱେନ୍ଦ୍ରିୟ ବୃତ୍ତି ସକଳକୁ ଅଚିରେ ଧ୍ୱଂସକରି ସେହି ଧ୍ୱଂସସ୍ତୁପ ଉପରେ ଈର୍ଷାକାତରତା, ସ୍ୱାର୍ଥପରତା, ପକ୍ଷପାତିତା ଆଦି ବୀଜେନ୍ଦ୍ରିୟ ବୃତ୍ତି ସକଳର ନଶ୍ୱରସ୍ଥାୟୀ ପ୍ରାସାଦ ନିର୍ମାଣ କରି ବ୍ୟକ୍ତିର ଆତ୍ମୋନ୍ନୟନ ଓ ପରମାର୍ଥ ପ୍ରାପ୍ତି ପଥକୁ ରୁଦ୍ଧ କରିଦିଏ ।

ଏହି ସଂସାର ହିଁ ଗୋଟିଏ ପ୍ରବଳ ଅସାଧ ରୋଗ । ସଂସାର ରୂପକ ପ୍ରବଳ ଅସାଧ ରୋଗକୁ ସାଧ କରି ଆରୋଗ୍ୟଲାଭ କରିବା ପାଇଁ ଏକମାତ୍ର ଫଳପ୍ରଦ ଔଷଧ ହେଉଛି ପରମାତ୍ମାଙ୍କୁ ଚିନ୍ତନ କରିବା । ପରମାତ୍ମା ପରାତ୍ପର ଚରମ ପୁରୁଷ ହିଁ କୃପାକରି ସତ୍-ଅସତ୍ ବିଚାର ବୁଦ୍ଧି ପ୍ରଦାନ କରନ୍ତି । ସେହି ବୁଦ୍ଧି ହିଁ ମଙ୍ଗଳମୟ । ତାହାହିଁ ସଂସାର-ରୋଗ ନିବାରଣର ପ୍ରଧାନ ଓ ଅବ୍ୟର୍ଥ ଔଷଧ । ଆଚରଣ ଓ ଶାଳୀନତା ହିଁ ଚରିତ୍ର । ସଂସାରରେ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ନିମନ୍ତେ ଶାଳୀନ ଆଚରଣ ସର୍ବଦା ଓ ସର୍ବଥା ପ୍ରତ୍ୟେକଙ୍କ ପାଇଁ ଏକାନ୍ତ ପ୍ରୟୋଜନ । ସବୁଜ କବି କାଳିନ୍ଦୀଚରଣ ପାଣିଗ୍ରାହୀ ଏ ସଂପର୍କରେ ସରସ ସୁନ୍ଦର ଭାବ ଓ ଭାଷାରେ ଲେଖିଯାଇଛନ୍ତି -

'ନିଜର ଚରିତ୍ର ଯା'ର ଅମୂଲ୍ୟ ସଂପଦ

ଅପରକୁ ଦିଏ ନାହିଁ ଭୟ ।

ନିର୍ଭୀକ ସେ, ପଥ ତା'ର ସଦା ନିରାପଦ

ସବୁଠାରେ ଲଭେ ସେହୁ ଜୟ ।।'

**ଆଚରଣର ଆଦର୍ଶ** ପ୍ରଖ୍ୟାପନ କରି ବ୍ୟାସକବି ଫକୀରମୋହନ ଲୋକଶିକ୍ଷା ପାଇଁ ଯେଉଁ ମହାମୂଲ୍ୟ ଉପଦେଶ ଦେଇ ଗାଇଯାଇଛନ୍ତି, ତାହା ଯେପରି ପ୍ରଣିଧାନ ଯୋଗ୍ୟ ସେହିପରି ଅନନ୍ୟ -

'ଏହି ଆଜ୍ଞା କର ଆହେ ପ୍ରଭୁ ଭଗବାନ

ମନେ ନରହିବ ଶତ୍ରୁକୃତ ଅପମାନ ।

ନଭୁଲିବି କେବେ ଉପକାରୀ ଉପକାର

ନକରିବି ଶତ୍ରୁଗଣ ପ୍ରତି ଅତ୍ୟାଚାର ।

**ଯେଉଁ ଦୟା ଯେଉଁ କ୍ଷମା ମାଗଇ ତୁମକୁ**

**କାତର** ନହେବି ତାହା ଦେବାକୁ ଅନ୍ୟକୁ ।

**ତୁମ୍ଭ ବାୟୁ ଅନ୍ନ ଜଳେ ଅଛି** ଦେହଧରି

ଏହା ଯେହ୍ନେ କେତେବେଳେ ନଯିବି ପାଶୋରି ।

ଯେଉଁ ଦୋଷ ଦେଖି ଆନେ ଜାତ ହୁଏ ରୋଷ

ସେହି ଦୋଷ ମୋତେ ଯେହ୍ନେ ନକରୁ ପରଶ ।

ଅଥବା ନଦିଅ କିଛି ପ୍ରଭୁ ଦୟାଦାନ


ତୁମ୍ଭ ଇଚ୍ଛା ଯାହା ତାହା କର ମୋତେ ଦାନ ।'

ସଂସାର ପଥରେ ନିଷ୍କଳଂକ ହୋଇ ଚଳିଯିବା ପାଇଁ ଏହାଠାରୁ ବଡ଼ ଆଚରଣ ଆଉ କ'ଣ ଥାଇପାରେ ? ମହାପ୍ରଭୁ ଠାକୁରଙ୍କ ପବିତ୍ର ଶ୍ରୀପାଦପଦ୍ମ ପୀଠରେ ହାତପାତି ମାଗିବା ପାଇଁ ଏହାଠାରୁ ବଳି ଅଧିକ ମାଗୁଣି କ'ଣ ଥାଇପାରେ ?? ମାତ୍ର ଦୁର୍ଭାଗ୍ୟ ଆମର ଯେ ଆମେ ମୁହଁ ଖୋଲି ମାଗୁଛୁ ବିଷୟା ବିଷର ତୀବ୍ରତା, ପାଶ ବନ୍ଧନର ଉଗ୍ରତା ଓ **ଅନ୍ତସାରଶୂନ୍ୟତା !** ପ୍ରଭୁ ଆମର ଦୟାବାନ ଭଗବାନ । ତାଙ୍କର ଦରବାରରେ ଛିଡ଼ାହୋଇ ହାତପାତି ମାଗିଲେ, ସେ ନିରାଶ କରିବେ ନାହିଁ, କରିନାହାନ୍ତି କାହାକୁ । କିନ୍ତୁ ମାଗିବାପରି ମାଗିବା ହେବା ଉଚିତ । ଏ

ପ୍ରସଙ୍ଗରେ ଆମେ ପୂର୍ବରୁ 'ଚରମ' ପୃଷ୍ଠାରେ ସୂଚନା ମଧ୍ୟ ଦେଇଛୁ । ଏବେ ତା'ର ପୁନରାବୃତ୍ତି ନକରି କେବଳ ସ୍ମରଣ କରାଇ ଦେଉଛୁ ମାତ୍ର ।

'ତା' ଜନ୍ମ ଧନ୍ୟ ଏ ସଂସାରେ । ଯେ ରହେ ପର ଉପକାରେ ।' ଜଗନ୍ନାଥ ଦାସ ଭାଗବତରେ ସମାଜ ଓ ସଂସାରରେ ସାର୍ଥକ ଜୀବନ ଧାରଣ ନିମନ୍ତେ ଏହିପରି ଅସଂଖ୍ୟ ହିତୋପଦେଶ ଦେଇଯାଇଛନ୍ତି । ମାନବିକ ସନାତନ ଧର୍ମର ମୂଳମନ୍ତ୍ର ନିଃସ୍ୱାର୍ଥ ଜନହିତ । ଗୋପବନ୍ଧୁ ଏହା ସ୍ପଷ୍ଟ କରି ଗାଆନ୍ତି - 'ନିଜ ସ୍ୱାର୍ଥ ପାଇଁ ଜାତ ନୁହେଁ ହିନ୍ଦୁ । ବିଶ୍ୱ ହିତେ ତା'ର ପ୍ରତି ରକ୍ତ ବିନ୍ଦୁ ।' ପର ଦୁଃଖରେ ଦୁଃଖୀ, ପର ସୁଖରେ ସୁଖୀ ହୋଇ କ୍ଷମା, ଦୟା, ପ୍ରେମବ୍ରତକୁ ଆଚରଣ କରି ଯିଏ ଅବିରତ ଧର୍ମ ପାଳନ କରନ୍ତି ସେ ସ୍ୱସୁଖ ବିସର୍ଜନ କରି ପରାର୍ଥେ ଜୀବନ ଧାରଣ କରନ୍ତି । ସେ ହିଁ ଜଗତ୍‌ଜନ ହିତକାରୀ, ତେଣୁ ସେ ଧନ୍ୟ । ତାଙ୍କ ଜୀବନ ଧନ୍ୟ । ଏ ମର୍ତ୍ତ୍ୟଧାମରେ ସେ ହିଁ ଦିବ୍ୟାତ୍ମା । ତାଙ୍କ ଚରଣ ମଧ୍ୟ ପୂଜାର ଯୋଗ୍ୟ ।

'କାଲି ତା'ର ଦୁଃଖ ସମୟରେ ଉପକାର କରିଛି । ଆଜି ତା'ର ସୁଖ ସମୟରେ ସ୍ୱାର୍ଥ ଲୁଟି ନେବି ।' ଏହା ଦୁଷ୍ଟ ସ୍ୱଭାବ । ଦୁଃଖୀର ଦୁଃଖ ସମୟରେ ସ୍ୱାର୍ଥ ଲୁଟିବା ପରି ଏହା ମଧ୍ୟ ଶଠତା । ଆଜିର ସମାଜରେ ଏପରି ଶଠଦୁଷ୍ଟଙ୍କର ଅଭାବ ନାହିଁ । ତଥାପି ଏ ମହାଘୋର ଅରଣ୍ୟ ମଧ୍ୟରେ ଆମକୁ ଗତି କରିବାକୁ ହେବ । ସେଥିପାଇଁ ସହାୟ ଆମର ଏକମାତ୍ର ଠାକୁରେ । ତାଙ୍କରି ଶ୍ରୀପାଦ ପଦ୍ମରେ ସ୍ଥିର ଲୟ ରଖିଲେ, ସେହି ପାଦପଦ୍ମ ହିଁ ଆମର ପଥପ୍ରଦର୍ଶକ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି । ଏହି ଭରସା ଦୃଢ଼ ଓ ଗାଢ଼ ହୋଇଗଲେ, ସଂସାରପଥରେ ବାଟବଣା ହେବାର ସମ୍ଭାବନା ହିଁ ନଥାଏ । ଆସନ୍ତୁ ଆମେ ତାଙ୍କୁ ହିଁ ଭରସା କରି ସଂସାର ପଥର ଯାତ୍ରୀ ହେବା । ଦିବ୍ୟାତ୍ମା ହେବାପାଇଁ ସାଧନା ଅବ୍ୟାହତ ରଖିବା । ଭ୍ରାତୃତ୍ୱ ପ୍ରେମରେ ଅବଗାହନ କରିବା ।



**କିମଧିକମ୍ ?**

**ଶ୍ରୀ କେଶବ ସମର୍ପଣମସ୍ତୁ !**

**ଓମିତି ନମସ୍କାରାନ୍ତେ**

**ବିନୀତ,**

**କେଶବଦାସ**

**ସଂପାଦକ, 'ଚରମ'**



୪୫

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ

## 'ଆନନ୍ଦ ଓ ଆନନ୍ଦ'

'ନହି ସୁପ୍ତସ୍ୟ ସିଂହସ୍ୟ ପ୍ରବେଶନ୍ତି ମୁଖେ ମୃଗାଃ' । ସିଂହ ବଣରେ ପଶୁମାନଙ୍କର ରାଜା ହେଲେ ମଧ ଶିକାର କରିବା ପାଇଁ ଓ ଧରିବା ପାଇଁ ତା'କୁ ଉଦ୍ୟମ କରିବାକୁ ହୁଏ । ଗୁମ୍ଫାରେ ଛାଇରେ ଶୋଇ ରହିଥିବା ସିଂହର ପାଟି ଭିତରକୁ ବଳେ ବଳେ ଆସି ପଶୁମାନେ ପଶିଯାଇ ତା'କୁ ଆହାର ଯୋଗାଇ ଦେଇ ନଥାନ୍ତି । ଇଂରାଜୀ ଭାଷାରେ ମଧ ଅନୁରୂପ ଲୋକବାଣୀଟିଏ ଅଛି - 'A Sleeping lion catches no deer' ଏକ କଥା । ସଂସ୍କୃତରେ ହେଉ କି ଇଂରାଜୀରେ ହେଉ, ପ୍ରାଚ୍ୟରେ ହେଉକି ପାଶ୍ଚାତ୍ୟରେ ହେଉ, ସବୁଠାରେ ସତ୍ୟ ହିଁ ଏକ । ଏହା କଦାଚନ ଅନେକ ହୋଇ ନ ଥାଏ, ହୋଇ ନ ପାରେ । ଯାହା କ୍ଷଣ କ୍ଷଣକେ ଆନ, କ୍ଷଣକୁ କ୍ଷଣ ରଂଗ ବଦଳାଇ ଥାଏ, କ୍ଷଣକୁ କ୍ଷଣ ବଦଳି ଚାଲିଥାଏ, ଅର୍ଥାତ୍ ସତତ ପରିବର୍ତ୍ତନଶୀଳ, ତାହା ସତ୍ୟ ହୋଇ ନପାରେ । ତାହା ଅସତ୍ୟ, ତାହା ମିଥ୍ୟା । ତାହା ଅବିଦ୍ୟା, ଅଜ୍ଞାନତା, ତାହା ମାୟା । ଆମେ ଗାଁ ଗଣ୍ଡାରେ ଲୋକେ କହୁଥିବାର ଶୁଣୁଁ - 'ଶୋଇଲା ପୁଅର ଭାଗ ନାହିଁ ।' ଏ କଥାର ତାତ୍ପର୍ଯ୍ୟ ଗଭୀର ଓ ଗମ୍ଭୀର । ଯେଉଁ ଲୋକ ଶୋଇରହେ ତା'ର ଭାଗ୍ୟ ମଧ ହୋଇଯାଏ ସୁପ୍ତ । ମଣିଷ ଯେତେ ଅଧିକ ସମୟ ଶୋଇରହେ, ଆଳସ୍ୟ ପରାୟଣ, କର୍ମ ବିମୁଖ, ନିଷ୍କର୍ମା ହୁଏ, ଅଯଥାରେ ସମୟ ଅପବ୍ୟୟ କରେ, ତାହା ତା' ପାଇଁ କଳିଯୁଗ । କଳିକାଳ ବା କଳିଯୁଗ ବୋଇଲେ, ଜଡ଼ ସ୍ୱଭାବ ଯୁକ୍ତ ବା ନିଷ୍କର୍ମା ମନୁଷ୍ୟର ଜୀବନ । ଏହି କାଳ ବା ସମୟରେ ଧର୍ମାଚରଣ ହୁଏ ନାହିଁ । ମାତ୍ର ଯେତେବେଳେ ସୁପ୍ତ ଅବସ୍ଥାରୁ ସେ ଜାଗ୍ରତ ଅବସ୍ଥା ପ୍ରାପ୍ତହୁଏ, ତାହାହିଁ ତା'ପାଇଁ ଦ୍ୱାପରଯୁଗ । ଏ କାଳରେ ସେ ଧର୍ମାଚରଣ ପାଇଁ ଚୈତନ୍ୟ ଲାଭ କରେ । ଯେଉଁ ବ୍ୟକ୍ତି ଜାଗ୍ରତ ହୋଇ ସାରିଚି, ତା'ର ଜୀବନ ହିଁ ତ୍ରେତୟା ଯୁଗ । ସେ ଧର୍ମାଚରଣ ପାଇଁ ଉପଯୁକ୍ତ ଚୈତନ୍ୟ ପ୍ରାପ୍ତ ହୋଇସାରିଛନ୍ତି । ବ୍ୟକ୍ତି ଯେତେବେଳେ ଧର୍ମପଥରେ ପାଦେ ପାଦେ ଆଗେଇ ଚାଲେ, ସେତେବେଳେ ତା' ଜୀବନରେ ସତ୍ୟ ଯୁଗର ଆରମ୍ଭ ହୋଇସାରିଛି । ତେଣୁ 'ଆଗେଇ ଚାଲିବା' ହିଁ ମନୁଷ୍ୟ ଜୀବନର କର୍ତ୍ତବ୍ୟ କର୍ମ ॥

ବେଦ ତେଣୁ ଗାନ କରେ : 'ଚରୈବେତି....ଚରୈବେତି....' । ଯାହାର ଅର୍ଥ 'ଆଗେଇ ଚାଲ - ଆଗେଇ ଚାଲ' । ଜୈବ ବା ଅଜୈବ, ସ୍ଥାବର ବା ଜଙ୍ଗମ ଏ ବିଶ୍ୱରେ ସମସ୍ତଙ୍କୁ ହିଁ ଆଗେଇ ଚାଲିବାକୁ ହୁଏ, ହେବ । ଏହାହିଁ ସୃଷ୍ଟିର ନିୟମ, ସ୍ରଷ୍ଟା ପୁରୁଷଙ୍କର ବିଧାନ । ଆମେ ପ୍ରତ୍ୟେକେ ଯେଉଁ କେନ୍ଦ୍ରବିନ୍ଦୁରୁ ସୃଷ୍ଟି ହୋଇଛୁ, ସେହି କେନ୍ଦ୍ର ବିନ୍ଦୁ ହିଁ ଆମର ଗନ୍ତବ୍ୟ ସ୍ଥଳ, ତାହା ହିଁ ଆମର ଲକ୍ଷ୍ୟସ୍ଥଳ; ଆମକୁ ପ୍ରତି ମୁହୂର୍ତ୍ତରେ ଆଗେଇ ଚାଲି ସେହିଠାରେ ହିଁ ପହଞ୍ଚିବାକୁ ହେବ ହିଁ ହେବ । ସେଠାରେ ନ ପହଞ୍ଚିବା ପର୍ଯ୍ୟନ୍ତ ଆମର ଅନ୍ୟଗତି ନାହିଁ, ଅନ୍ୟପଥ ମଧ ନାହିଁ । ଆମେମାନେ ପ୍ରତ୍ୟେକେ ସେହି ଅନନ୍ତପଥର ଯାତ୍ରୀ । ଏହି ଯାତ୍ରାକାଳରେ ଆମ ପ୍ରତ୍ୟେକଙ୍କୁ ଆମର ବହିର୍ଜଗତ ଓ ଅନ୍ତର୍ଜଗତ, ଭୌତିକ ପରିବେଶ ଓ ଅନ୍ତଃପ୍ରେରଣା ମଧରେ ଯଥାର୍ଥ ସାମଞ୍ଜସ୍ୟ ରକ୍ଷାକରି ଆଗେଇ ଚାଲିବାକୁ ହେବ । ଆଗେଇ ଚାଲିବା ହିଁ ଆମର କର୍ମ, ଆଗେଇ ଚାଲିବା ହିଁ ଆମର ଧର୍ମ । ନିଜ ନିଜର ସ୍ଥିତାବସ୍ଥା ହରାଇ ପ୍ରତି ମୁହୂର୍ତ୍ତରେ ନୂତନ ଭିତ୍ତିଭୂମି ଉପରେ ନୂତନ ସ୍ଥିତି ସୋପାନ ଗଢ଼ି ପ୍ରତିଟି ସୋପାନ ଚଢ଼ି ଆମକୁ ଊର୍ଦ୍ଧ୍ୱ 'ଗାମୀ ହେବାକୁ ହେବ ହିଁ ହେବ । ଚଳଧର୍ମିତା ହରାଇ ସ୍ଥାଣୁ ପରି ସ୍ଥିର ହୋଇ ବସି ରହିବା ମନୁଷ୍ୟ କ'ଣ ଜୀବଜନ୍ତୁ, ପଶୁ ପକ୍ଷୀ, କୀଟ ପତଙ୍ଗ, ସରୀସୃପ କ'ଣ, ମାଟି ଗୋଡି, ଗଛ ଲତାଦିର ମଧ ସ୍ୱଧର୍ମ ନୁହେଁ ॥

ବିଶ୍ୱ ବ୍ରହ୍ମାଣ୍ଡରେ ସ୍ଥିତାବସ୍ଥା ବୋଲି କିଛିନାହିଁ । କାରଣ ଏଠାରେ କିଛି ହିଁ ସ୍ଥିର ନୁହେଁ । ସ୍ଥିର କେବଳ ସେହି କେନ୍ଦ୍ରବିନ୍ଦୁ - ସୃଷ୍ଟି ଚକ୍ରର କେନ୍ଦ୍ରବିନ୍ଦୁ । ତେଣୁ ଏଠାରେ କୌଣସି ସତ୍ତା ସ୍ଥିର ହୋଇ ସ୍ଥିତାବସ୍ଥା ବଜାୟ ରଖିପାରେ ନାହିଁ । ପରିବର୍ତ୍ତନ ହିଁ ଏ ସୃଷ୍ଟିର ଅନ୍ୟତମ ସତ୍ୟ । ପରିବର୍ତ୍ତନ ଯଦି ଅବଶ୍ୟମ୍ଭାବୀ, ତେବେ ଆଗକୁ ଏପରି ପରିବର୍ତ୍ତନ ସ୍ରୋତରେ ଭାସି ଯିବାକୁ ହେବ, ଯଦ୍ୱାରା ଆମର କ୍ରମୋନ୍ନତି ସମ୍ଭବ ହେବ - ପ୍ରତିଟି ମୁହୂର୍ତ୍ତରେ ଏପରି ବିନିଯୋଗ କରିବାକୁ ହେବ, ଯେପରି ଆମେ ଗୋଟିଏ ଗୋଟିଏ ପାହଚ ଚଢ଼ି ଆତ୍ମୋନ୍ନୟନ କରିପାରିବା । ଏହାର ବିପରୀତ ପରିବର୍ତ୍ତନ ସ୍ରୋତରେ ହୁଏ ଅଧୋଗତି, ଅଧଃପତନ, କାରଣ ଏହାଦ୍ୱାରା ଅଗ୍ରଗତି

(ଆଗେଇଚାଲିବା)ର ପଥରୁଦ୍ଧ ହୁଏ । ଯେଉଁମାନେ ସ୍ଥିର ଲକ୍ଷ୍ୟରେ ଆଗେଇ ଚାଲନ୍ତି ନାହିଁ, ସେମାନେ ସମସ୍ତେ ଏ ପୃଥିବୀର ବୋଝ । ସେମାନେ ପୃଥିବୀରେ ପାପ ଭାର ବଢ଼ାଇ ଚାଲନ୍ତି । ମନେରଖ - ଯିଏ ଆଳସ୍ୟର ବଶୀଭୂତ ହୋଇ କୌଣସି ନିର୍ଦ୍ଦିଷ୍ଟକାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ କରେ ନାହିଁ, ନିଖୁଣ ଭାବରେ ଚଞ୍ଚଳତାର ସହିତ କୌଣସି ନା କୌଣସିଟି କାର୍ଯ୍ୟ କରିବାର ଦକ୍ଷତା ଅର୍ଜନ କରିପାରେ ନାହିଁ, ତା' ଜୀବନର କୌଣସି ମୂଲ୍ୟ ହିଁ ନାହିଁ, ବିଶ୍ୱରେ ତା'ର ଅସ୍ତିତ୍ୱର ମୂଲ୍ୟ ମଧ୍ୟ ନାହିଁ । ମାତ୍ର ଯେଉଁମାନେ ଆଗେଇ ଚାଲିଛନ୍ତି, ସେମାନଙ୍କ ଶ୍ରମ ଝାଳ ବିନ୍ଦୁରେ ସେମାନଙ୍କ କପାଳ ଦେଶ ସୁନ୍ଦର ଦିଶୁଅଛି, ସେମାନେ ଏ ସୌନ୍ଦର୍ଯ୍ୟରେ ବିଶ୍ୱର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛନ୍ତି । ଏପରି ବ୍ୟକ୍ତି ପରମ ସୁନ୍ଦର ଚରମ ପୁରୁଷ ଠାକୁରଙ୍କର ସନ୍ତୋଷ ବିଧାନ କରିପାରନ୍ତି । ସେମାନେ ତାଙ୍କର କରୁଣା ଓ କଲ୍ୟାଣ ପୂର୍ଣ୍ଣମାତ୍ରାରେ ଲାଭ କରି ଜୀବନକୁ ଧନ୍ୟ କରନ୍ତି । ମନେରଖ - ଆମର ଗତି ଯଦି ଉନ୍ନତି ଦିଗରେ ଆତ୍ମୋନ୍ନୟନ ମାର୍ଗରେ ନ ହେବ, ତେବେ ତାହା ନିଶ୍ଚିତ ଭାବରେ ଅବନତି ଦିଗରେ ଓ ଅଧଃପତନ ମାର୍ଗରେ ହେବ ହିଁ ହେବ । ଯେଉଁଠି ଅବନତି, ସେଇଠି ହିଁ ଦୁର୍ଗତି । ଯେଉଁଠି ଅଧଃପତନ, ସେଇଠି ହିଁ ଦୁର୍ଭାଗ୍ୟ ତୁମକୁ ଅପେକ୍ଷା କରି ବସିଛି । ତେଣୁ ବେଦର ଆହ୍ୱାନକୁ - ସ୍ମରଣରେ ରଖ 'ଚରୈବେତି.....ଚରୈବେତି....ଆଗେଇଚାଲ.....ଆଗେଇଚାଲ.... ନିରଳସ ଭାବରେ, ନିଖୁଣ ଭାବରେ, ଚଞ୍ଚଳତାର ସହିତ । ଆଉ ଯେ ବେଳ ନାହିଁ, ମଠ କରି ମଠୁଆ ସାଜନାହିଁ । ଦୁର୍ଲଭ ମଣିଷ ଜନ୍ମ ଓ ଜୀବନକୁ ନଷ୍ଟ କରନାହିଁ ।

ଆଧ୍ୟାତ୍ମିକ ଜଗତରେ 'ମମତ୍ୱ ଅଭିମାନ' ବା 'ମୁଁତ୍ୱ' ବୋଧର ତାତ୍ତ୍ୱିକ ଅର୍ଥ ସୁଦୂର ପ୍ରସାରୀ । ଅନନ୍ତ ପଥର ଯାତ୍ରୀ ଜୀବର, ବିଶେଷତଃ ମନୁଷ୍ୟର ଯେଉଁ ମୁଁତ୍ୱ ବୋଧ ଅଛି ଏହା ମୁଖ୍ୟତଃ ଦ୍ୱିଧା ବା ଦୁଇ ଭାଗରେ ବିଭକ୍ତ । ପୁନଶ୍ଚ ଏହା ତ୍ରିଧା - ତିନୋଟି ଧାରାରେ ପ୍ରବାହିତ : ଶାରୀରିକ (Physical), ମାନସିକ (Psycho) ଓ ଆଧ୍ୟାତ୍ମିକ (Spiritual) । ଭୌତିକ ବହିର୍ଜଗତ ସହିତ ଏହି ମୁଁତ୍ୱର ଯେପରି ନିବିଡ଼ ସମ୍ବନ୍ଧରେ ରହିଛି, ମାନସିକ ସ୍ତରରେ ଅନ୍ତଃକରଣ ସହିତ ମଧ୍ୟ ସେହିପରି ଘନିଷ୍ଠ ସଂପର୍କ ରହିଛି ଓ ଆଧ୍ୟାତ୍ମିକ ଜଗତରେ ପରମପୁରୁଷଙ୍କ ସହିତ ମଧ୍ୟ ଅନ୍ତରଙ୍ଗ ସମ୍ବନ୍ଧ ରହିଛି । ମୁଁତ୍ୱ ବୋଧ ଯେତେବେଳେ ଖଣ୍ଡ ଖଣ୍ଡ ହୋଇ ପ୍ରକାଶ ପାଏ, ସେତେବେଳେ ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱରେ ଅନେକ ଧରଣର ମୁଁତ୍ୱ ବୋଧ ଆସି ପହଞ୍ଚିଯାଏ । ଏହା ହିଁ ମନୁଷ୍ୟର ଅଧୋଗତିର କାରଣ ସ୍ୱରୂପ ଦଣ୍ଡାୟମାନ ହୋଇ ଅଗ୍ରଗତିର ପଥରୁଦ୍ଧ କରେ । ମୁଁତ୍ୱ ବୋଧର ସଂଖ୍ୟା ଯେତେ ଅଧିକ, ଅଧୋଗତି ମଧ୍ୟ ସେତେ ଅଧିକ ଓ ସେତେ ତୀବ୍ର । ଏପରି ବ୍ୟକ୍ତି ଗୋଟିଏ ପ୍ରକାର ଚିନ୍ତା କରନ୍ତି, ଆଉ ଗୋଟିଏ ପ୍ରକାର କଥା କହନ୍ତି ଓ ସଂପୂର୍ଣ୍ଣ ଭିନ୍ନ ଅନ୍ୟଗୋଟିଏ ପ୍ରକାର କାମ କରି ବସନ୍ତି । ଅହଂତତ୍ତ୍ୱର ବହୁଧାକରଣର ଏହାହିଁ ପରିଣତି । ମୁଁତ୍ୱ ବୋଧ ଭିତରେ ଯେଉଁ ଆଧ୍ୟାତ୍ମିକ ମୁଁ (spiritual I) ବା 'ଜ୍ଞାତାହଂ' (knower I) ବିଦ୍ୟମାନ, ତାହା ସମସ୍ତଙ୍କର ସମାନ । ଏହାକୁ ପରମ ପୁରୁଷ କୁହାଯାଏ । ପ୍ରତ୍ୟେକ ବ୍ୟକ୍ତି ଭିତରେ ଯେଉଁ 'ବ୍ୟକ୍ତି ମୁଁ' ରହିଛି, ତାହା ତା'କୁ ବିଭ୍ରାନ୍ତ କରୁଛି । ଦେହ ବୋଧର ଏହା ହିଁ ଚରମ ଅବସ୍ଥା । ସବୁ ଅଘଟଣର ଏହାହିଁ ମୂଳ କାରଣ । ଏହାରି ପାଇଁ ବ୍ୟକ୍ତି ସତ୍ତାର ପ୍ରାଣାନ୍ତକ ବା ଜୀବନ୍ମୃତ ଅବସ୍ଥା । ପ୍ରତ୍ୟେକ ଅଣୁ ପରମାଣୁ ସତ୍ତା ଭିତରେ 'କ୍ଷୁଦ୍ର ମୁଁ' ଟିଏ ରହିଛି ଓ 'ବୃହତ୍ ମୁଁ' ଟିଏ ମଧ୍ୟ ଅଛି । ଏହି 'ବୃହତ୍ ମୁଁ' ସମସ୍ତଙ୍କର ଏକ ହିଁ ଏକ । ସେ ହିଁ ହେଉଛନ୍ତି ପରମ ପୁରୁଷ । ତେଣୁ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ପ୍ରତ୍ୟେକ ବ୍ୟକ୍ତି ସତ୍ତାର ପରମପୁରୁଷଙ୍କ ପ୍ରତି ଆଭ୍ୟନ୍ତରୀଣ ଭଲପାଇବା ଭାବ ରହିଛି । ଏହି ଭାବକୁ କ୍ରମ ବର୍ଦ୍ଧିଷ୍ଣୁ କରି ଗଢ଼ି ତୋଳିବା ହିଁ ଅଗ୍ରଗତି ଓ ଉନ୍ନତି । ଏହାର ବିପରୀତ ଆଚରଣ ହିଁ ଅବନତି ଓ ପଶ୍ଚାଦ୍‌ଗତି । ବେଦବାକ୍ୟ ଅନୁସାରେ ପ୍ରତି ମୁହୂର୍ତ୍ତରେ ଅଗ୍ରଗତି ପଥରେ ଆଗେଇ ଚାଲିଲେ, ବ୍ୟକ୍ତିସତ୍ତାର ଆଭ୍ୟନ୍ତରୀଣ ଭଲପାଇବାର ଭାବ କ୍ରମଶଃ ବୃଦ୍ଧିପ୍ରାପ୍ତ ହୁଏ । ଅନୁରକ୍ତି କ୍ରମବର୍ଦ୍ଧିଷ୍ଣୁ ହେଲେ, ବିରକ୍ତି ଭାବ (ଅଭାବ) ଦୂର ହୋଇଯାଏ । ଶେଷରେ ଏପରି ଗୋଟିଏ ଅବସ୍ଥା ଆସିଯାଏ, ଯେତେବେଳେ ବ୍ୟକ୍ତି ଅନ୍ତଃକରଣରେ ପ୍ରଚୁର ସୁଗଭୀର ଆନନ୍ଦାନୁଭୂତି ଲାଭକରେ । ଏହି ଆନନ୍ଦ ଅନୁଭୂତିର ଅବସ୍ଥାକୁ ସମାଧି କୁହାଯାଏ । ଏହି ଅବସ୍ଥା ପ୍ରାପ୍ତି ହିଁ ଚରମ ପ୍ରାପ୍ତି । ଏହା ହିଁ ଆମର ଚରମଲକ୍ଷ୍ୟ । ଏହି ଲକ୍ଷ୍ୟ ପଥରେ ଆମେ ସମସ୍ତେ ଅନନ୍ତ ପଥର ଯାତ୍ରୀ । ଏହି ଅନନ୍ତ ପଥରେ ତୁମେ ଆଗେଇଚାଲ........ଆଗେଇ ଚାଲ......


ଶ୍ରୀମନ୍ଦିର

**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!**

## ଅଚ୍ୟୁତଙ୍କ ଲେଖନୀରୁ

### ମାଳା ଭକୁଛୁରେ

ମାଳା ଭକୁଛୁରେ
ଭଜନ ରହିବ ନାହିଁ ।
ଲୋକ ଜାଣିବାକୁ ଭଗତିଆ ହୋଇ
ଠକ ଠକ କରୁ ତୁହି ॥୦॥
ତୁ କିସ ଭଜିବୁ ଭଜନ ଲାଗିଛି
ତ୍ରିକୂଟ ସନ୍ଧିରେ ଯାଇ ।
ତ୍ରିଭଙ୍ଗିମା ରୂପ ଲୟେ ତୁହିକଲେ
ରାଧା କୃଷ୍ଣ ଭେଟ ପାଇ ॥୧॥
ମନ୍ତ୍ର ଯନ୍ତ୍ର ନାହିଁ ମାଳା ନ ଗଡ଼ଇ
ମନ ସୂତ୍ରରେ ଭଜନ ।
ଆସୁଛି ଯାଉଛି ବାରଣ ନୋହୁଛି
ଭଜି ତୁ ପାରିଲେ ଚିହ୍ନ ॥୨॥
ସେ ଯେଉଁ ଭଜନ ମାତା ଗର୍ଭୁ ଜାଣ
ଆଜି କାଲି ଭକୁ ନାହିଁ ।
କାୟାକୁ ମାୟାସେ ବାହାର ହୋଇଣ
ରାହୁ ପ୍ରାୟେ ଘୋଟିଥାଇ ॥୩॥
ତହିଁକି ଅନେକ ଗୀତା ଭାଗବତ
ଚେତା କରାଇବା ପାଇଁ ।
ନ ଚେତି ଅଗ୍ୟାନ ନ ଭଜିଲେ ନାମ
ମାୟା ମୋହେ ନାଶ ଯାଇ ॥୪॥
ସେ ଯେଉଁ ଭଜନ ସାଧୁ ଜନମନ
ପୂର୍ବ ବାସନାରୁ ପାଇ ।
ଭଣିଲେ ଅଚ୍ୟୁତ ନ ଭଜିଣ ନାମ
ଅକାରଣେ ଦିନ ଯାଇ ॥୫॥




## ଗଳ୍ପାଂଶ

# ନିପ୍ରୋହି ବନର ବୃତ୍ତାନ୍ତ ଓ ଅରୁଣ ଗରୁଡ଼ ଯୁଦ୍ଧ

## ମାର୍କଣ୍ଡେୟ ପୁରାଣରୁ ଉଦ୍ଧୃତ :

ସପ୍ତ ସମୁଦ୍ର ଭିତରେ ସପ୍ତଦୀପରେ ଅବସ୍ଥିତ ଅଗମ୍ୟ ବନର ଶୂନ୍ୟରେ ଭୁବନଟିଏ ଅବସ୍ଥିତ । ତା'ର ଦୈର୍ଘ୍ୟ ଓ ଓସାର କଳନା କରିବା କଷ୍ଟକର । ଦକ୍ଷିଣ ଦିଗରେ ନିପ୍ରୋହି ନାମରେ ଗୋଟିଏ ବନ ଅଛି । ସେହି ବନ ମଧ୍ୟରେ ପଶି ଦୁର୍ଗମ ପଥ ଅତିକ୍ରମ କରି ସଂଯମନୀପୁରକୁ ଯିବାକୁ ହୁଏ । ସେହି ଘୋର ବନ ନିବିଡ଼ ତରୁଲତାପୂର୍ଣ୍ଣ ଓ ଅଗମ୍ୟ । ସେଠାରେ ସୂର୍ଯ୍ୟ କିରଣ ସୁଦ୍ଧା ପଡ଼େ ନାହିଁ । ସେ ବନର ଓସାର ଯୋଜନେ ଓ ଲମ୍ବା ବାରକୋଟି ଯୋଜନ । ତା' ମଧ୍ୟଦେଇ ପିମ୍ପୁଡ଼ିଟିଏ ଯିବାର ପଥସୁଦ୍ଧା ନାହିଁ । କିନ୍ତୁ ସେ ଘୋର ବନ ନାନା ପ୍ରକାର ଫଳ ପୁଷ୍ପରେ ସୁଶୋଭିତ । ସେ ବନର ଶୋଭା ଦେଖିଲେ ଯେ କେହି ମୋହିତ ହୋଇଯିବ । ନାନା ପ୍ରକାରର ପଶୁ ପକ୍ଷୀ, ସରୀସୃପ ଓ କୀଟ ପତଙ୍ଗ ସେ ବନରେ ପୂରି ରହିଛନ୍ତି । ଦୂରରୁ ସେ ବନ ଦେଖି ମୁନିବର ମାର୍କଣ୍ଡ, ଦୂତକୁ ସେହି ସୁଘଞ୍ଚ ବନ ବିଷୟରେ ପ୍ରଶ୍ନ କଲେ । ଡଗର କହିଲା - ଏ ବନ ତପୀ ମାନଙ୍କ ପାଇଁ ସୁଘଞ୍ଚ ହେଲେ ମଧ୍ୟ ପାପୀମାନଙ୍କ ପାଇଁ ପ୍ରପଞ୍ଚ ଅଟେ । ସ୍ୱୟଂ ଯମରାଜ ଏହି ବନ ନିର୍ମାଣ କରିଅଛନ୍ତି । ଏ ବନରେ ଯେଉଁ ପକ୍ଷୀସବୁ ଅଛନ୍ତି, ସେମାନେ କେଉଁ ଠାରୁ ଆସିଛନ୍ତି ତାହା ମୁଁ କହୁଛି, ଆପଣ ଶୁଣନ୍ତୁ । ବିନତା ନନ୍ଦନ ଗରୁଡ଼ ଓ ଅରୁଣ ହେଉଛନ୍ତି ପକ୍ଷୀମାନଙ୍କର ରାଜା । ସେମାନେ କଶ୍ୟପ ଋଷିଙ୍କର ପୁତ୍ର ଅଟନ୍ତି । ପ୍ରଜାପତିଙ୍କ କନ୍ୟା ବିନତା ଗର୍ଭରୁ ସେମାନେ ଜନ୍ମଲାଭ କରିଅଛନ୍ତି । ଦିନେ ଗରୁଡ଼ କହିଲା ଯେ, ସେ ଯଦି ପକ୍ଷୀମାନଙ୍କର ରଜା ହୁଅନ୍ତା, ତେବେ ପକ୍ଷୀ ସକଳ ତା'ର ପାଦପୂଜା କରନ୍ତେ । ତହୁଁ ଅରୁଣ କହିଲା -ରଜା ହେବାପାଇଁ ମୋର ମଧ୍ୟ ଭାଗ ଓ ଅଧିକାର ଅଛି । ତେଣୁ ମୁଁ ମଧ୍ୟ ରଜା ହେବି । ସବୁପକ୍ଷୀ କାହିଁକି ଗରୁଡ଼ର ପାଦସେବା କରିବେ ? ଆସ ଆମେ ଉଭୟେ ଯୁଦ୍ଧ କରିବା, ଯୁଦ୍ଧରେ ଯିଏ ଜୟଲାଭ କରିବ, ସେ ପକ୍ଷୀମାନଙ୍କର ରାଜା ହେବ ।

ଏପରି ସିଦ୍ଧାନ୍ତ ନେଇ ଉଭୟ ଅରୁଣ ଓ ଗରୁଡ଼ ସୈନ୍ୟ ସାମନ୍ତ ସଜାଇ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ । ସୈନ୍ୟ ସାମନ୍ତ ସହିତ ମଞ୍ଚମଣ୍ଡଳକୁ ଆସି ଦୁହେଁ ବିଶ୍ରାମ ନକରି କ୍ରୋଧର ସହିତ ଭୟଙ୍କର ଯୁଦ୍ଧ ଆରମ୍ଭ କରିଦେଲେ । ସମ୍ପଦପ୍ରାପ୍ତି ପାଇଁ ପରସ୍ପର ନିଜ ନିଜକୁ ସୋଦର ନ ମଣି ଶତ୍ରୁ ଭାବାପନ୍ନ ହୋଇ ଏକଶତ ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ କଲେ । ସେମାନଙ୍କର ପକ୍ଷ ବାତର ଆଘାତରେ ତିନିପୁର କମ୍ପି ଉଠିଲା । ପକ୍ଷୀମାନଙ୍କ ଡ଼େଣାର ପବନରେ ବାତ୍ୟା ଆସିଲା ପରି ବୋଧ ହେଲା । ପର୍ବତ ଗୁମ୍ଫା, ବଣ, ଜଙ୍ଗଲ ଇତ୍ୟାଦି ନଷ୍ଟ ହୋଇଗଲା । ପକ୍ଷୀମାନଙ୍କର ଉତ୍ପାତରେ ପୃଥିବୀ ଆକୁଳ ହେଲା, ପର୍ବତମାଳା ସବୁ କମ୍ପିଉଠିଲେ । ଗରୁଡ଼ ଓ ଅରୁଣ - ଏହି ଦୁଇଭାଇଙ୍କର ଯୁଦ୍ଧରେ ପୃଥିବୀ କମ୍ପି ଉଠିଲା । ଆକାଶରୁ ଅସଂଖ୍ୟ ଉଲ୍କା ପାତ ହେବାକୁ ଲାଗିଲା । ବାଧ୍ୟ ହୋଇ ସ୍ୱୟଂବ୍ରହ୍ମା ଆସି ସମରସ୍ଥଳରେ ଉପସ୍ଥିତ ହେଲେ । ଦୂରରୁ ସେ କହିଲେ - ଆରେ ପକ୍ଷୀମାନେ, ରୁହ, ରୁହ, ଥୟଧର, ମନଦେଇ ମୋ କଥା ଦି'ପଦ ଟିକିଏ ଭଲା ଶୁଣ । ବ୍ରହ୍ମାଙ୍କ କଥାରେ ପକ୍ଷୀମାନେ କର୍ଣ୍ଣପାତ ନ କରିବାରୁ ସେ ପକ୍ଷୀମାନଙ୍କୁ ବିଷ୍ଣୁଙ୍କର ଶପଥ (ରାଣ) ଦେଲେ । କହିଲେ - ବିଷ୍ଣୁଙ୍କର ଆଜ୍ଞା ଲଂଘନ କଲେ ତୁମେ ସମସ୍ତେ ଭସ୍ମୀଭୂତ ହେବ । ଏହାପରେ ବ୍ରହ୍ମା କହିଲେ ଯେ, ତୁମ୍ଭର ପିତା କଶ୍ୟପ କହିଛନ୍ତି ଯେ, ଗରୁଡ଼ ପକ୍ଷୀମାନଙ୍କର ରାଜା ହେବ । ଏହା କହି ବ୍ରହ୍ମା ପକ୍ଷୀମାନଙ୍କର ରାଜାପଣରେ ସଙ୍ଗେ ସଙ୍ଗେ ଗରୁଡ଼ ଶିରରେ ଶାଢ଼ୀ ବାନ୍ଧିଦେଲେ । ସେହି ଶାଢ଼ୀ ନେଇ ବ୍ରହ୍ମା ବ୍ରହ୍ମଲୋକକୁ ଲେଉଟିଗଲେ ।

ମନ ଦୁଃଖରେ ଅରୁଣ ଏହା ଦେଖି ନିଜର ସୈନ୍ୟସାମନ୍ତ ସହିତ ଲାଜ ଓ ଦୁଃଖରେ ବାହୁଡ଼ି ଆସି ସଂଯମନୀ ପୁରରେ ପ୍ରବେଶ କଲା । ସେଠାରେ ଯମରାଜ ଥିଲେ । ଅରୁଣ ତାଙ୍କୁ ନିଜ ଅପମାନ କଥା ବର୍ଣ୍ଣନା କରି ଶୋଇଲା । ଅରୁଣ କହିଲା - ହେ ମୈତ୍ର, ସମ୍ପଦ ପାଇଁ ଆମ ଦୁଇଭାଇ ଆଜି ଶତ୍ରୁରୂପେ ପରସ୍ପର ଛିଡ଼ା ହେଲେ । ମୋର ପିତା ମହାଋଷି କଶ୍ୟପ ମୋତେ ଏ ଯୁଦ୍ଧରେ ହରାଇଦେଲେ । ସତରେ ଏ ଜଗତରେ ମୁଁ ଲଜ୍ଜା ଅନୁଭବ କରୁଛି । ମୋର ସୈନ୍ୟ ସାମନ୍ତ ସହିତ ମୁଁ ତୁମ ପାଖକୁ ଆସିଛି । ତୁମ ଅପେକ୍ଷା ମୋର ଆଉ କେହି ଅଧିକ ବିଶ୍ୱାସୀ ନାହାନ୍ତି । ବିପଦ ସମୟରେ ବନ୍ଧୁ ବନ୍ଧୁ ପାଖକୁ ହିଁ ଧାଇଁଯାଏ ବୋଲି ଶାସ୍ତ୍ରରେ ଲେଖାଅଛି । ତେଣୁ ହେ ମିତ୍ର, ଏବେ ମୋର ଏହି ସୈନ୍ୟସାମନ୍ତଙ୍କୁ ତୁମେ ସମ୍ଭାଳ, ମୁଁ ଅରୁଣ ମଣ୍ଡଳକୁ ଯାଉଅଛି । ମୁଁ ଯାଇ ତୁମ ପିତା ସୂର୍ଯ୍ୟଙ୍କ ରଥରେ ସାରଥି ହୋଇ ରହିଥିବି ଓ ଜଗତର ସମସ୍ତ ହାନିଲାଭ ଦେଖିବି । ତହୁଁ ଯମରାଜ କହିଲେ - ତୁମର ସମସ୍ତ ସୈନ୍ୟ ସାମନ୍ତଙ୍କର ଦାୟିତ୍ୱ ମୁଁ ନେଉଛି । ତୁମେ ପିତାଙ୍କ ରଥରେ ଥିଲେ ମଧ ମୋତେ ଦୟା କରିଥିବ । ଏହିପରି ଭାବରେ ବିଚାର ପରାମର୍ଶ ଶେଷ କରି ଅରୁଣ ଯମରାଜଙ୍କ ଠାରୁ ବିଦାୟ ନେଇ ଚାଲିଗଲା । ଅରୁଣ ଯେଉଁସବୁ ପକ୍ଷୀଙ୍କୁ ଯମଙ୍କ ଦାୟିତ୍ୱରେ ଛାଡ଼ିଗଲା, ସେ ସମସ୍ତ ପକ୍ଷୀଙ୍କୁ ଆଣି ଯମରାଜ ଏହି ନିପ୍ରୋହି ବନରେ ଛାଡ଼ିଲେ ଓ କହିଲେ, ତୁମ୍ଭେମାନେ ଏହି ବନରେ ସୁଖରେ ରହି ଇଚ୍ଛାନୁସାରେ ଫଳଫୁଲ ଆଦି ଭକ୍ଷଣ କରିବ । ଏହି ବନରେ ଜନ୍ତୁମାନେ ଆତଯାତ ହୁଅନ୍ତି । ତୁମ୍ଭମାନଙ୍କୁ ମୋର ଏହି ଆଜ୍ଞା ଯେ, ଏ ବନରେ ପାପୀ ଲୋକଙ୍କୁ ଦେଖିଲେ, ତୁମ୍ଭ ଥଣ୍ଟରେ ସେମାନଙ୍କ ଶରୀରକୁ ଖଣ୍ଡବିଖଣ୍ଡିତ କରି ତୁମ୍ଭେ ସେମାନଙ୍କୁ ନିଶ୍ଚୟ ଦଣ୍ଡ ଦେବ । ତୁମ୍ଭେମାନେ ଯେପରି ନିର୍ଭୁଲ ଭାବରେ ପାପୀମାନଙ୍କୁ ଚିହ୍ନିପାରିବ ତାହାର ସୂଚନା ଆମ୍ଭେ ତୁମ୍ଭଙ୍କୁ ଦେଉଚୁ । ମନ ଦେଇ ଶୁଣି ସ୍ମରଣରେ ରଖ ।

ପୁଣ୍ୟାତ୍ମାଙ୍କର ଶରୀର ଉଜ୍ଜ୍ୱଳ, କିନ୍ତୁ ପାପୀର ଶରୀର ମଇଳା । ତେଣୁ ତାଙ୍କ ଗଳାରେ ସର୍ବଦା କାଳ ଫାଶ ଲାଗି ରହିଥାଏ । ଏପରି ପାପୀଙ୍କୁ କାଳ ବିକାଳ ବିଚାର ନକରି ତୁମ୍ଭେମାନେ ଦଣ୍ଡଦେବ । ଧାର୍ମିକ ବ୍ୟକ୍ତି ପରୋପକାରୀ, କିନ୍ତୁ ପାପୀ ହିଂସୁକ ଓ ପାପୀର ମନ ଛନ୍ଦ କପଟରେ ପୂର୍ଣ୍ଣ । ନିଷ୍ପାପ ବ୍ୟକ୍ତି ସଦା ଆନନ୍ଦିତ ଓ ରୋଗମୁକ୍ତ, କିନ୍ତୁ ପାପୀ ସର୍ବଦା ରୋଗୀ ଓ ଦୁଃଖଶୋକରେ ଆକୁଳ । ଧରାପୃଷ୍ଠରେ ଜନ୍ମ ଲାଭକରି ଯିଏ ଅଜ୍ଞାନ ହୋଇ ଧର୍ମ ପୁରାଣ କର୍ଣ୍ଣରେ ଶୁଣନ୍ତି ନାହିଁ, ଇଷ୍ଟ ଦେବତାଙ୍କୁ ଅଜ୍ଞାନତା ବଶତଃ ଚିହ୍ନିପାରନ୍ତି ନାହିଁ, ନିଜର ମୁହଁରେ ଠାକୁରଙ୍କ କଥା ଉଚ୍ଚାରଣ କରନ୍ତି ନାହିଁ, ହରିନାମ କୀର୍ତ୍ତନ କରନ୍ତି ନାହିଁ, ଛନ୍ଦ କପଟ ଓ ମାୟାଚ୍ଛନ୍ନ ହୋଇ ଦିନ ବିତାଉଥାଆନ୍ତି, ଭିକାରୀମାନଙ୍କୁ ଭିକ୍ଷା ଦିଅନ୍ତି ନାହିଁ, ଆଶ୍ରିତ ଲୋକଙ୍କୁ ଉପହାସ କରନ୍ତି, କଳହ କରନ୍ତି, ଦାଣ୍ଡକଳି ଘରକୁ ଆଣନ୍ତି, ରବିବାର, ଗୁରୁବାର, ସୋମବାରରେ ଆମିଷ ଭକ୍ଷଣ କରନ୍ତି, ଗ୍ରହଣ କାଳରେ ରତିରସ କରନ୍ତି, ଗୁରୁବାରରେ ସୁବର୍ଣ୍ଣ ବିକ୍ରୟ କରନ୍ତି, ସେମାନେ ସମସ୍ତେ ପାପୀ । ସେମାନେ ଏ ବଣରେ ପ୍ରବେଶ କରିବା ମାତ୍ରେ ତାଙ୍କ ଦେହକୁ କାଳକୂଟ ଘାରେ । ଏତେ ସଂଖ୍ୟକ ପକ୍ଷୀଙ୍କର ସମ୍ମିଳିତ ରାବ ଶୁଣି ପାପାତ୍ମାମାନେ କାତର ହୋଇ ଯାଆନ୍ତି ଓ ପବନର ଗତି ନଥିବା ହେତୁ ତାଙ୍କ ଦେହରୁ ପ୍ରଚୁର ଝାଳ ବହେ ଓ ଶରୀର ତ୍ରିପଣ୍ଡ କଳା ହୋଇଯାଏ, ତେଣୁ ସେମାନଙ୍କର ଆତ୍ମା ବିକଳ ହୁଏ । ଗୁଳୁଗୁଳି ଗରମ ହେତୁ ତାଙ୍କ ଶରୀର ଆକୁଳ ହୁଏ, ନିପ୍ରୋହି ବନର ଫଳପୁଷ୍ପ ବିଷ ପ୍ରାୟ ବୋଧହୁଏ, ବାଉତଙ୍କ ଫଳ ଗୁଡ଼ିକ ଆସି ତାଙ୍କ ଦେହରେ ଲାଗେ, ଦେହରୁ ଖଣ୍ଡ ଖଣ୍ଡ ମାଂସ ଛିଡ଼ି ପଡ଼ି ଭୂଇଁରେ ଗଦା ହୋଇଯାଏ । ବିଷାକ୍ତ କୀଟ ପତଙ୍ଗ ସେମାନଙ୍କ ଶରୀରକୁ ଘୁଣପୋକପରି ରନ୍ଧ୍ରମୟ କରିଦିଅନ୍ତି । ପକ୍ଷୀମାନେ ସେମାନଙ୍କ ହାଡ଼ରୁ ମାଂସ ଖଣ୍ଡ ଖଣ୍ଡ କରି ଥଣ୍ଟରେ କାଟି ଜୀଅନ୍ତା ଖାଇଯାଉ ଥାଆନ୍ତି । ସେମାନଙ୍କର ପ୍ରାଣପୁରୁଷ ବିକଳରେ ଘାଣ୍ଟି ଚକଟି ହୋଇ ଘାରି ହୁଏ । ବଣୁଆ ମଶା ଓ ମହୁ ପୋକ ଦଳଦଳ ହୋଇ ସେହି ପାପୀମାନଙ୍କୁ ଅନବରତ ଦଂଶନ କରୁଥାଆନ୍ତି । ପାପାତ୍ମା ଏ ସମସ୍ତ ଯନ୍ତ୍ରଣା ସହ୍ୟ କରି ନପାରି ଭୂମିରେ ପଡ଼ିଗଲେ, ବନ୍ୟପକ୍ଷୀମାନେ ଉଡ଼ିଆସି ଚା'ରିପାଖରେ ବେଢ଼ିଯାଇ ଧାରୁଆ ଥଣ୍ଟରେ ତା'କୁ ସଜୋରେ ଆଘାତ କରନ୍ତି । ତା'ହାଡରୁ ମାଂସ ଓ ଆଖିଖୋଳି ଖାଆନ୍ତି । ଏହିପରି ଭାବରେ ଭଲ୍ଲୁକ, ଶୃଗାଳ, ଶାଗୁଣା, କୁଆ, କୁକୁର ମିଶି ତା'କୁ କଲବଲ କରି ଖାଇଯାଆନ୍ତି । ଏଠାରେ ପାପୀଙ୍କୁ ବହୁତ କଷ୍ଟ ମିଳେ । ତେଣୁ ଏ ବନର ନାମ ନିପ୍ରୋହି । ଯେଉଁ ଆତ୍ମାମାନେ ସଦ୍‌ଜ୍ଞାନରେ ସନ୍ତୋଷର ସହିତ ଧର୍ମଶାସ୍ତ୍ର ପଠନ ଓ ଶ୍ରବଣ କରନ୍ତି ଓ ତହିଁର ଶିକ୍ଷାକୁ ଜୀବନରେ କାର୍ଯ୍ୟରେ ଲଗାଇ ଚଳନ୍ତି, ଧର୍ମକୁ ଆଶ୍ରୟକରି ଥାଆନ୍ତି, ପରର ଦୁଃଖ ଦେଖି ବିକଳ ହୁଅନ୍ତି, ପରର ଉପକାର କରନ୍ତି ଓ ଗୁରୁ ଗୁରୁଜନମାନଙ୍କୁ ଭକ୍ତି କରନ୍ତି ସେମାନଙ୍କ ପାଇଁ ଏହି ବନ ଓ ବନ୍ୟ ପଶୁପକ୍ଷୀ କୀଟପତଙ୍ଗ ସରୀସୃପ ଭୟପ୍ରଦ ନୁହେଁ । ଏହି ସ୍ଥାନ ଓ ଏଠାରେ ଥିବା ଜୀବଜନ୍ତୁ ସେପରି ଧର୍ମାତ୍ମାଙ୍କ ପାଇଁ ବନ୍ଧୁ ଓ ଇଷ୍ଟ ତୁଲ୍ୟ ମଙ୍ଗଳମୟ ଅଟେ । ସେମାନେ ଏହି ବନଭୂମି ନିର୍ଭୟରେ ଅତିକ୍ରମ କରିଯାଆନ୍ତି ।

ଏହିପରି ଭାବରେ ବ୍ରହ୍ମର୍ଷି ମାର୍କଣ୍ଡ ସୁରଥ ରାଜାଙ୍କୁ ଏହା ଶୁଣାଇଥିଲେ ॥

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ ମୋହ



ଗୁଣ-ରଶି ତୋତେ ବାନ୍ଧିଛି
    ଫାନ୍ଦ ଫାନ୍ଦିଛି ଗୁଣ,
ମୋହ-ଅନ୍ଧକାର ଘୋଟିଛି
    ଥରେ ତା'ଡାକ ଶୁଣ ।
ତୋ' ଭିତରେ ଦେଖ ବସିଛି
    ପାତି ଚକା ଆସନ,
ଲୟ ସ୍ଥିର କରି ଦେଖିଲେ
    ପାଇବୁ ଦରଶନ ।
ବତାଉଛି ପଥ ତୋତେରେ
    ବିତରୁଛି ସୁଜ୍ଞାନ,
ଭକତିରେ ଘେନ ସେ ଜ୍ଞାନ
    କରି ଶ୍ରୀପାଦ ଧ୍ୟାନ ॥

ନିବିଡ଼ ଘନାନ୍ଧକାର । ଅମାନିଶି । ମେଘାଚ୍ଛନ୍ନ ଆକାଶ । ଦିଗହରା ପଥିକ । ନିଘଞ୍ଚ ଅରଣ୍ୟାନି । ସ୍ୱାପଦସଂକୁଳ । ଅନ୍ଧୀଭୂତ ନୟନ ଯୁଗଳ ଅସହାୟ ପଥଚାରୀର । ସାହା ନାହିଁ, ରାହା ବି ନାହିଁ । ଏକାଳେ ଅନ୍ତଃକରଣରୁ କିଏ ଯେପରି ଚିତ୍କାରି ଉଠିଲା - ହେ ପ୍ରିୟାତିପ୍ରିୟତମ ! ହେ ମାତା, ହେ ପିତା, ହେ ବନ୍ଧୁ, ହେ ସଖା ! କେଉଁଠି ତୁମେ ? ଆଉ ମୁଁ ପୁଣି କେଉଁଠି ? ମୁଁ ଯେ ଆଉ ପାରି ଉଠୁନି ହେ ପ୍ରିୟତମ ! ଆସ, ଦେଖାଦିଅ, ହାତଧରି ପଥ କଢ଼ାଇ ନିଅ । ତୁମେ ହିଁ ସାହା, ତୁମେ ହିଁ ରାହା, ତୁମେ ହିଁ ଏକମାତ୍ର ଭରସା । ତୁମକୁ ଛାଡ଼ି ଆଉ କାହାର ଅବା ଆଶ୍ରୟ ନେବି ? ତୁମେ ଜୀବନ ଦେଇଛ, ତୁମେ ତ ଜନ୍ମ ଦେଇଛ, ତୁମେ ତ ସବୁ ଦେଇଛ ହେ ପ୍ରିୟ !

ଖୋଲିଗଲା ତୃତୀୟ ନୟନ । ଜ୍ଞାନ ଚକ୍ଷୁ ଉନ୍ମିଳିତ ହେଲା । ଉଜ୍ଜ୍ୱଳ ନମ୍ର ଆଲୋକରେ ଉଦ୍ଭାସିତ ହେଲା ମନୋରମ ମାର୍ଗ । ମୋହ କଟିଗଲା । ପ୍ରିୟାତିପ୍ରିୟତମ ବନ୍ଧୁ ହାତ ଧରି ପଥ କଢ଼େଇ ନେଲେ । ସକଳ ବିଘ୍ନର ବିନାଶ ହେଲା । କଣ୍ଟା ଫୁଲରେ ପରିଣତ ହୋଇଗଲା ନିମିଷ ମାତ୍ରକେ ।

ମୋହାନ୍ଧକାର ମଧ୍ୟରୁ ଆଧ୍ୟାତ୍ମିକ ଆଲୋକକୁ ହାତଧରି ବାଟ କଢ଼େଇ ନେବା ପାଇଁ ଠାକୁରେ ସର୍ବଦା ଆମ ସମସ୍ତଙ୍କର ପାଖେ ପାଖେ ଅଛନ୍ତି । ଥରେ ମୋହାଚ୍ଛନ୍ନ ଅବସ୍ଥାରୁ ନିର୍ମମ (ନିଃ+ମମ= ଅର୍ଥାତ୍ ମୋ'ର ନୁହେଁ, ମୋ'ର ନୁହେଁ) ଅବସ୍ଥାକୁ କର୍ମଧାରା ଧରି ଆସିଯାଇ ପାରିଲେ ଆମେ ତାଙ୍କୁ ସହଜରେ ପାଇଯିବା । ତାଙ୍କୁ ପାଇବା ହିଁ ତ 'ଚରମପ୍ରାପ୍ତି' । 'ଚରମପ୍ରାପ୍ତି' ପଥରେ ଆମମାନଙ୍କୁ ଆଗେଇ ନେବାପାଇଁ ପ୍ରଭୁଙ୍କର ମହତ ଇଚ୍ଛାରୁ 'ଚରମ' ପୃଷ୍ଠାରେ 'ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ ମୋହ' ଶିରୋନାମାରେ କାରଣ-ସାତ୍ତ୍ୱିକ ମୋହ ସଂପାଦନାର ଏ ସଂଖ୍ୟାରୁ ନିବେଦନ -

# କାରଣ ସାତ୍ତ୍ୱିକ ମୋହ

ପ୍ରତ୍ୟେକ ଜଡ଼ ବସ୍ତୁର ତିନି ଅବସ୍ଥା ରହିଛି, ସ୍ଥୂଳ, ସୂକ୍ଷ୍ମ ଓ କାରଣ । ପଞ୍ଚମହାଭୂତରୁ (ପୃଥ୍ୱୀ, ଆପ, ତେଜ, ବାୟୁ ଓ ଆକାଶ) ଅବନୀର ସୃଷ୍ଟି ସର୍ବଦା ପରମେଶ୍ୱରଙ୍କ ଇଚ୍ଛାରୁ ହୋଇଛି । ତେଣୁ ପରମେଶ୍ୱର ହେଉଛନ୍ତି ସର୍ବ କାରଣର କାରଣ । ପଞ୍ଚ ମହାଭୂତର ପାଞ୍ଚଟି ଲେଖାଏଁ ଗୁଣ ଅଛି । ପୃଥିବୀର ଗୁଣ ହେଲା ଅସ୍ଥି, ମାଂସ, ନଖ, ତ୍ୱକ ଓ ଲୋମ, ଜଳର ଗୁଣ ଗୁଡିକ ହେଲା ଶୁକ୍ର, ଶୋଣିତ, ମଜ୍ଜା, ମଳମୂତ୍ର ଆଦି, ତେଜର ଗୁଣସମୂହ ହେଲା, କ୍ଷୁଧା, ତୃଷା, କ୍ଳାନ୍ତି, ନିଦ୍ରା, ଆଳସ୍ୟ, ବାୟୁର ପାଞ୍ଚଗୁଣ ଗୁଡ଼ିକ ହେଲା ଧାରଣ, ଚ଼ାଳନ, ପ୍ରସାରଣ, କ୍ଷେପଣ, ସଂକୋଚନ ଓ ଆକାଶ ମହାଭୂତର ପାଞ୍ଚ ଗୁଣ ଗୁଡିକ କାମ, କ୍ରୋଧ, ଲୋଭ, ମୋହ ଓ ଲଜ୍ଜା । ସ୍ଥୂଳ ଅବସ୍ଥାକୁ ଛାଡି, ପ୍ରତ୍ୟେକ ମହାଭୂତର ମଧ୍ୟ ସୂକ୍ଷ୍ମ ଅବସ୍ଥା ରହିଛି । ସୂକ୍ଷ୍ମ ଅବସ୍ଥା ଖାଲି ଆଖିରେ ଦୃଶ୍ୟ ହୁଏ ନାହିଁ । ପୃଥିବୀ, ଜଳ, ବାୟୁ, ଆକାଶ(ଇଥର) ଏହି ଭୂତମାନଙ୍କର ବିଜ୍ଞାନ ସମ୍ମତ ସୂକ୍ଷ୍ମ ଅବସ୍ଥା ହେଉଛି ଅଣୁ ଓ ପରମାଣୁ । ତେଜର ସୂକ୍ଷ୍ମ ଅବସ୍ଥା ଆଲୋକ ତରଙ୍ଗ । ପଞ୍ଚଭୂତମାନଙ୍କର ସୂକ୍ଷ୍ମରୁ ସୂକ୍ଷ୍ମତମ ଅବସ୍ଥା ମଧ୍ୟ ଅଛି ଯାହାକୁ କି ଶକ୍ତି (energy) ବୋଲି କୁହାଯାଉଛି । ସମଗ୍ର ଶକ୍ତି ହେଉଛି ପରମେଶ୍ୱର । ତାଙ୍କୁ ହିଁ ସର୍ବକାରଣର କାରଣ ବୋଲି କୁହାଯାଉଛି । ତେଣୁ ପ୍ରତ୍ୟେକ ପଞ୍ଚଭୂତର କାରଣ ଅବସ୍ଥା ସ୍ୱୟଂ ନିରାକାର, ଅରୂପ, ଅବ୍ୟକ୍ତ ଅଟନ୍ତି । ପ୍ରତ୍ୟେକ ପଞ୍ଚଭୂତର କାର୍ଯ୍ୟ ସ୍ୱତନ୍ତ୍ର ଓ ସେମାନେ ପରମେଶ୍ୱରଙ୍କ ଇଚ୍ଛାରେ ନିଜ ନିଜର କାର୍ଯ୍ୟ ସୁଚାରୁ ରୂପେ ପାଳନ କରି ଜୀବଜଗତରେ ସନ୍ତୁଳନ ରକ୍ଷା କରିଥାଆନ୍ତି । କିନ୍ତୁ ପୃଥିବୀର ପରିବେଶରେ ସନ୍ତୁଳନର ଭାରସାମ୍ୟ ନ ରହିଲେ, ପଞ୍ଚଭୂତ ମାନଙ୍କର ବିକୃତି ଘଟେ । ଏହା ପ୍ରତ୍ୟେକ ପଞ୍ଚମହାଭୂତର ମୋହ ଯୋଗୁଁ ହୋଇଥାଏ । ଏହି ମୋହର ମାତ୍ରା ବଢ଼ିଗଲେ ଗତାନୁଗତିକ କାର୍ଯ୍ୟପନ୍ଥାରେ ବୈଷମ୍ୟ ଦୃଷ୍ଟିଗୋଚ଼ର ହୁଏ । ସେମାନଙ୍କର ସ୍ୱାଭାବିକ ଗୁଣ ବଦଳି ଯାଏ ଓ ସେମାନେ ଉଦ୍‌ବେଳିତ ହୋଇ ଅଘଟଣମାନ ଘଟାଇଥାନ୍ତି । ପ୍ରତ୍ୟେକ ପଞ୍ଚଭୂତରେ କି କି ବିକୃତି ଘଟେ ତାହା ଏଠାରେ ସୂଚିତ ହେଉଛି ।

କାରଣ ସାତ୍ତ୍ୱିକ ମୋହ ପୂର୍ବ ସଂଖ୍ୟାମାନଙ୍କରୁ ଏ ଯାବତ୍ ବ୍ୟାଖ୍ୟା ହୋଇ ଚାଲିଅଛି । ଏ ମୋହ ସଂପର୍କରେ ଜିଜ୍ଞାସୁ ଭକ୍ତଗଣ ଜିଜ୍ଞାସା କରନ୍ତେ, ଜ୍ଞାନସାଗର ଜ୍ଞାନ ତତ୍ତ୍ୱର ନିଗୂଢ଼ ତତ୍ତ୍ୱ ନିରୂପଣ ନିମନ୍ତେ ଇଚ୍ଛାପ୍ରକାଶ କରନ୍ତି, ଇଚ୍ଛାମୟଙ୍କ ଇଚ୍ଛାରେ ଏଥରକ ଆହୁରି ଅନେକ ଅଜଣା କଥା ଉଦ୍‌ଭାସିତ ହେବାପାଇଁ ପରମ ପ୍ରେମମୟଙ୍କ ଅଧରାମୃତକୁ ଚାହିଁ ରହନ୍ତି ଅନେକ ବ୍ରହ୍ମ ଜିଜ୍ଞାସୁଗଣ ।

**- ଶ୍ରୀ ଶ୍ରୀ ଶ୍ରୀ ଗୁରୁସ୍ୱାମୀ ଉବାଚ -**

କାରଣ ସାତ୍ତ୍ୱିକ ମୋହର । କି ରୂପେ ଖ୍ୟାତ ଏ ମହୀର ।।
ସୂର୍ଯ୍ୟ ଚନ୍ଦ୍ରଙ୍କ ଆତଜାତ । ଏ ମୋହ ବଶେ ହୁଏ ଖ୍ୟାତ ।।
ଏ ମୋହ ବଶରୁ କ୍ଷିତିରେ । ବଡ ପର୍ବତ ରୂପଧରେ ।।
ବଡ ବଡ ଯେ ନଦୀମାନ । ଏ ମୋହ ଯୋଗୁ ଉତପନ୍ନ ।।
ଆବର ବୃହତ ଜଙ୍ଗଲ । ସୃଷ୍ଟି ହୁଅଇ ମାଳ ମାଳ ।।
ଅନେକ ଜଳାଶୟ ହ୍ରଦ । କାରଣ ମୋହର ଏ ଭେଦ ।।

କାରଣ ସାତ୍ତ୍ୱିକ ମୋହର ପ୍ରଭାବରେ ସୃଷ୍ଟିରେ ବିଭିନ୍ନ ପ୍ରକାରର ସ୍ୱୟଂଚାଳିତ କ୍ରିୟାମାନ ସଂଘଠିତ ହୋଇଥାଏ । ତାହା ସ୍ରଷ୍ଟାଙ୍କ ଦ୍ୱାରା କାରଣ ସାତ୍ତ୍ୱିକ ମୋହର ପ୍ରଭାବରେ ହୋଇଥାଏ । ଏଠାରେ ଧରାପୃଷ୍ଠରେ ସଂଘଠିତ ହେଉଥିବା କ୍ରିୟା ଉପରେ ଆଲୋକପାତ କରାଯାଇଅଛି । ଯେପରି ସୂର୍ଯ୍ୟ ଚନ୍ଦ୍ରର ଆତଜାତରୁ ଦିନରାତ୍ରି, ବଡ ବଡ ପର୍ବତ, ବଡ ବଡ ନଦୀ ଓ ଅନେକ ଛୋଟ ବଡ ଜଳାଶୟ, ହ୍ରଦମାନ । ଏହା କୌଣସି ସାଧାରଣ ମାନବ ବା ଜୀବଗଣଙ୍କ ଦ୍ୱାରା ସୃଷ୍ଟି ହେବା ଅସମ୍ଭବ । ଏହା ସ୍ରଷ୍ଟାଙ୍କ ଇଚ୍ଛା କାରଣ ସାତ୍ତ୍ୱିକ ମୋହର ବଶବର୍ତ୍ତୀ ହୋଇ ସୃଷ୍ଟି ହୋଇଥାଏ ।

ଏହି ମୋହର ପ୍ରଭାବରେ । ତ୍ରିତାପ ଲାଗେ ଏ ମହୀରେ ।।
ଅଧିଦୈବିକ, ଆଧାତ୍ମିକ । ଆବର ଯେ ଆଧିଭୌତିକ ।।
ଏହି ମୋହର ପ୍ରଭାବରେ । ପଞ୍ଚଭୂତକୁ ଗ୍ରାସ କରେ ।।
ପଞ୍ଚଭୂତର ପ୍ରଳୟଯେ । ଏ ମୋହ ଯୋଗୁଁ ସୃଷ୍ଟି ହୁଏ ।।
ପ୍ରଥମେ କ୍ଷିତିରେ ପ୍ରଳୟ । କେତେ ଯେ ସଂପଦ ବିଳୟ ।।
ଭୂମିକମ୍ପ ଓ ସୁନାମୀରେ । ଧନସଂପଦ ହାନିକରେ ।।

କାରଣ ସାତ୍ତ୍ୱିକ ମୋହର ପ୍ରଭାବ ତ୍ରିତାପକୁ ମଧ୍ୟ ପ୍ରଭାବିତ କରେ ଏବଂ ଏହାର ପ୍ରଭାବ ପଞ୍ଚଭୂତକୁ ମୋହାଚ୍ଛନ୍ନ କରାଇ ଧରାପୃଷ୍ଠରେ ତାଣ୍ଡବ ଲୀଳା ରଚାଇ ଥାଏ । କ୍ଷିତିରେ ଭୂମି ଓ ସୁନାମୀର ପ୍ରଭାବରେ କେଉଁଠି ପର୍ବତ ଅତଳ ଗର୍ଭକୁ ଚାଲିଯାଏ ତ କେଉଁଠି ନୂତନ ପର୍ବତମାନ ସୃଷ୍ଟି ହୁଏ, କେଉଁଠି ସ୍ଥଳଭାଗ ଜଳଭାଗରେ ପରିଣତ ହୁଏ ପୁନଶ୍ଚ କେଉଁଠି ଜଳଭାଗ ମଧ୍ୟରୁ ସ୍ଥଳଭାଗର ସୃଷ୍ଟି ହୋଇଥାଏ । ବହୁ ଧନଜୀବନ ଓ ସଂପଦମାନଙ୍କର ବିଳୟ ଘଟିଥାଏ । ଏ ପ୍ରକ୍ରିୟା ସାଧାରଣ ମନୁଷ୍ୟମାନଙ୍କ ଦ୍ୱାରା ସୃଷ୍ଟି ହୋଇପାରେ ନାହିଁ କି ମାନବଗଣଙ୍କ ଦ୍ୱାରା ରୋକାଯାଇପାରେନା ।

ଦ୍ୱିତୀୟ ଆପ୍ ର ଉପରେ । ଏହି ମୋହ ଯେ ଗ୍ରାସ କରେ ।।
ଏହି ମୋହର ପ୍ରଭାବରେ । ଜଳ ପ୍ରଳୟ ରୂପ ଧରେ ।।
ଅତି ବୃଷ୍ଟିର ପ୍ରଭାବରେ । ନଦୀ ହ୍ରଦରେ ଜଳଭରେ ।।
ନଦୀ ଫୁଲିଣ ଅତିବେଗ । ବୁଡାଇ ଦିଏ ସ୍ଥଳଭାଗ ।।
ଧନ ଜୀବନ ନଷ୍ଟ କରି । ମହୀକୁ କରେ ହତଶିରୀ ।।

ଦ୍ୱିତୀୟରେ ଆପ ବା ଜଳ ଉପରେ ଏହି ମୋହର ପ୍ରଭାବ ପଡିଲେ ବା ଏହି ମୋହର ବଶବର୍ତ୍ତୀ ହେଲେ ଜଳ ପ୍ରଳୟ ରୂପ ଧରି ଧରାରେ ଅତିବୃଷ୍ଟି କରାଇଥାଏ, ଏହା ଫଳରେ ହ୍ରଦ ନଦୀମାନଙ୍କରେ ଜଳପୂର୍ଣ୍ଣ ହୋଇ ସ୍ଥଳଭାଗକୁ ବ୍ୟାପିଥାଏ ଓ ଅନେକ ଧନ ଜୀବନ ନଷ୍ଟ କରିଥାଏ । ଏ ମୋହର ପ୍ରଭାବକୁ ସାଧାରଣ ମାନବଙ୍କ ଦ୍ୱାରା ସୃଷ୍ଟି କିମ୍ବା ପ୍ରତିରୋଧ କରାଯାଇପାରେ ନାହିଁ ।

ତୃତୀୟ ତେଜର ଉପରେ । ମୋହ ଯେବଣ କାର୍ଯ୍ୟ କରେ ।।
ତାହା ବିସ୍ତାରି କହୁଅଛି । ସନ୍ଦେହ ନ ରହିବ କିଛି ।।
ଏ ମୋହ ବସେ ସୂର୍ଯ୍ୟତେଜ । ଧରାକୁ କରଇ ନିସ୍ତେଜ ।।
ଅଂଶୁଘାତ ଯେ ଅନାବୃଷ୍ଟି । ଆଗ୍ନେୟ ଗିରି ହୁଏ ସୃଷ୍ଟି ।।
ମରୁଡି ଆଦି ଯେ ଦୁର୍ଭିକ୍ଷ । ମହୀରେ ପଡଇ ପ୍ରତ୍ୟକ୍ଷ ।।
ଜଙ୍ଗଲ ସ୍ଥଳଭାଗ ପରେ । ଧନ ଜୀବନ ନଷ୍ଟ କରେ ।।

ଅଗ୍ନିର ପ୍ରଳୟଙ୍କରୀ ରୂପ ପାଇଁ ହିଁ ଏହି କାରଣ ସାତ୍ତ୍ୱିକ ମୋହ ଦାୟୀ । ଏହି ମୋହ ଯେଉଁ ସମୟରେ ତେଜ ବା ଅଗ୍ନିକୁ ମୋହିତ କରେ ସେହି ସମୟରେ ଧରାପୃଷ୍ଠରେ ପ୍ରଳୟଙ୍କରୀ ତାଣ୍ଡବ ଲୀଳାମାନ ସଂଗଠିତ ହୋଇଥାଏ । ଉଦାହରଣ, ସୂର୍ଯ୍ୟତେଜର ପ୍ରକୋପରେ ଅଗ୍ନିସ୍ଫୁଲିଙ୍ଗ, ଅଂଶୁଘାତ, ଅନାବୃଷ୍ଟି ଆଦି ସୃଷ୍ଟି ହୋଇ

ଧନଜୀବନ ଧ୍ୱଂସ କରିଥାଏ ଏବଂ ଆଗ୍ନେୟ ଗିରିରୁ ଅଗ୍ନିର ସ୍ଫୁଲିଙ୍ଗ ଉଦ୍‌ଗୀରଣ ହୋଇ ଧରାବକ୍ଷକୁ ବିଦାରଣ କରିଥାଏ । ଅନେକ ଧନଜୀବନ ସହ ଜଙ୍ଗଲ ଓ ଅନ୍ୟାନ୍ୟ ସଂପଦମାନ ନଷ୍ଟ କରିଥାଏ । ଏହା ମଧ୍ୟ କାରଣ ସାତ୍ତ୍ୱିକ ମୋହର ପ୍ରଭାବରେ ହୋଇଥାଏ ।

ଶୁଣ କହୁଅଛି ଏଥର । ପ୍ରଭାବ ମରୁତ ମୋହର ।।
ଏ ମୋହ ବଶେ ମରୁତଯେ । ତାଣ୍ଡବ ରଚଇ ସହଜେ ।।
ଲଘୁଚାପ ଯେ ଝଡବାତ୍ୟା । ଜନଜୀବନ କରେହତ୍ୟା ।।
ଧନଜୀବନ ଆଦି ଯେତେ । ନଷ୍ଟ କରଇ ମହାତେଜେ ।।


କାରଣ ସାତ୍ତ୍ୱିକ ମୋହ ମରୁତ ଉପରେ ପ୍ରଭାବ ବିସ୍ତାର କଲେ ଏହି ମୋହର ପ୍ରଭାବରେ ପ୍ରଭାବିତ ହୋଇ ମରୁତ ବା ପବନ ବହୁ ମାତ୍ରାରେ କ୍ଷତି ସାଧନ କରିଥାଏ । ଉଦାହରଣ ସ୍ୱରୂପ ପବନର ସଂକୋଚନ ଓ ପ୍ରସାରଣ ଘଟି ଲଘୁଚାପ ସୃଷ୍ଟି ହୋଇ ଧରାବକ୍ଷରେ ଝଡବାତ୍ୟା, ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥାଏ । ଏହା ପ୍ରଭାବରେ ଅନେକ ଧନଜୀବନ ହାନି ହେବା ସହିତ ଫସଲ ଓ ଜଙ୍ଗଲ ନଷ୍ଟ ହୋଇଥାଏ । ଏହା ପ୍ରକୃତିର ପ୍ରଭାବରେ ସଂଗଠିତ ହୋଇଥାଏ । ଏହା ମାନବକୃତ ବା ସାଧାରଣ ମାନବ ସୃଷ୍ଟି କରିପାରେ ନାହିଁ କମ୍ବା ଏହାର ଗତିରୋଧ କରିବାର କାରଣ ମଧ୍ୟ ହୋଇପାରେ ନାହିଁ । ତେଣୁ ଏହି ମୋହରେ ମରୁତ ମୋହିତ ହୋଇ ଧରାରେ କ୍ଷତି ଘଟାଇଥାଏ ।

ଆକାଶ କାୟାକୁ ବିସ୍ତାରି । ସବୁ ଦିଗକୁ ଅଛି ଘେରି ।।
ଯେଣେ ଚାହିଁଲେ ତାହା ଦିଶେ । ହୃଦୟ ପ୍ରସାରେ ବିଶ୍ୱାସେ ।।
ଯେବେ କାରଣ ମୋହ ଗ୍ରାସେ । ପ୍ରାଣୀ ମଧ୍ୟରେ ଶଙ୍କା ଆସେ ।।
ଏ ମୋହ ବଶରୁ ଆକାଶ । ପ୍ରଳୟ କରେ ଯେ ପ୍ରକାଶ ।।
ଚୁମ୍ବକ ଝଡ ଉଲ୍କା ବୃଷ୍ଟି । ସହଜେ ନାଶକରେ ସୃଷ୍ଟି ।।
ଘଡଘଡି ଯେ ବଜ୍ରପାତ । ଧନ ଜୀବନ କରେ ହତ ।।

ଆକାଶ କାରଣ ସାତ୍ତ୍ୱିକ ମୋହ ଦ୍ୱାରା ଆଚ୍ଛନ୍ନ ହେଲେ ସେ ସୃଷ୍ଟି ମଧ୍ୟରେ ଅନେକ ପ୍ରଳୟଙ୍କରୀ ପ୍ରକ୍ରିୟା ସଂଗଠିତ କରାଇଥାଏ । ଯଥା :- ଚୁମ୍ବକୀୟ ଝଡ଼, ଉଲ୍କା ବୃଷ୍ଟି, ଘଡଘଡ଼ି, ବଜ୍ରପାତ ଆଦି ପ୍ରଳୟଙ୍କରୀ ଶକ୍ତିଦ୍ୱାରା ଧରାରେ ଧନଜୀବନ ନଷ୍ଟ ହେବା ସଂଗେ ସଂଗେ ସୃଷ୍ଟିର ଅଭାବନୀୟ କ୍ଷତି ହୋଇଥାଏ ।

ମୁକ୍ତି ମୁକ୍ତି ବୋଲି ହାଲିଆ କରୁ ।
ନିଜ କର୍ମପ୍ରତି ଅଦେଖା କରୁ ।।

# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

## ନାରୀ ହିଁ ପ୍ରକୃତି

ବିଷୟା ମୋହରେ ଝୁଲଣ ଲଗାଇ ମାୟା ରଜ୍ଜୁ ଶକ୍ତେ ଧରୁ ।
କାଳ ସର୍ପ ସେହି ବୃକ୍ଷେ ଲୁଚି ଅଛି ତାହା ତୁ ଜାଣି ନ ପାରୁ ।।
ନାରୀ ମାୟାଚକ୍ର ଭେଦ ତୁ ନ କରି ହେଲୁଣି ବ୍ରହ୍ମଙ୍କ ଅରି ।
ଏବେ ବି ଡ଼ାକୁଛି ମାତୃ ପୂଜା କରି ଆ' ମୋ କୋଳକୁ ଫେରି ।।

ଶ୍ରୀଶ୍ରୀଶ୍ରୀ ଠାକୁର

ପରମ ପୁରୁଷ କେତେ କଲ୍ୟାଣମୟ ସତେ ? ଗୋଟିଏ ପାର୍ଶ୍ୱରେ ଆଜ୍ଞା, ଆଦେଶ, ଆଶୀର୍ବାଦ ଦେଇ ମାୟାଦେବୀଙ୍କୁ, ଜୀବକୁ ବନ୍ଧନ କରିବାପାଇଁ ସୃଷ୍ଟିକରି ଦେଇଛନ୍ତି । ଅନ୍ୟପାର୍ଶ୍ୱରେ ସେଥିରୁ ରକ୍ଷା ପାଇ ପରମାର୍ଥ ପଥ ଅନୁସରଣରେ ତାଙ୍କ କୋଳକୁ ଫେରାଇନେବାପାଇଁ ନିଜେ ନରତନୁ ଧାରଣ କରି ମର୍ତ୍ତ୍ୟଭୂମିକୁ ଓହ୍ଲାଇ ଆସୁଛନ୍ତି । ସତ୍ୟ, ଶାନ୍ତି, ଦୟା ଓ କ୍ଷମାର ଆୟୁଧ ଧାରଣକରି ଜ୍ଞାନର ମଶାଲ ପ୍ରଜ୍ଜ୍ୱଳିତ କରିଦେଇଛନ୍ତି ଏବଂ ଜୀବର ଅନ୍ଧକାରକୁ ନାଶ କରାଇ ପ୍ରକୃତ ରହସ୍ୟ ଉପଲବ୍ଧି କରିବାର କୌଶଳ କହିଦେଇଛନ୍ତି । ଏହା କେବଳ ତାଙ୍କ ବ୍ୟତୀତ ଅନ୍ୟକାହାଦ୍ୱାରା ସମ୍ଭବ ହୋଇପାରିବ କି ? ବର୍ତ୍ତମାନ ସମସ୍ତ ବିଭାଗରେ ଭୀତତ୍ରସ୍ତ, ପଥଚ୍ୟୁତ, ଭାବଚହଲାପଥର ପଥିକ ମାନବ ସଭ୍ୟତା ଏକ ନିଶ୍ଚିତ ପ୍ରଳୟ ଜନିତ ପରାଭବ ପାଇଁ ଦ୍ରୁତଗତିରେ ଆଗେଇ ଚାଲିଛି । ସେହି ଘଡିସନ୍ଧି ମୁହୂର୍ତ୍ତରେ ତାଙ୍କର କରୁଣା ମିଶ୍ରିତ ରହସ୍ୟକୁ 'ଚରମ'ର ଏହି କ୍ଷମ ମାଧମରେ ପ୍ରକାଶ କରାଇ ପ୍ରତ୍ୟେକଙ୍କ ମନ ହୃଦୟରେ ଜ୍ଞାନଜ୍ୟୋତି ପ୍ରଜ୍ଜ୍ୱଳିତ କରିବାର ସଂକଳ୍ପ ନେଇଛୁ । ଆଶାକରୁଛୁ ମଙ୍ଗଳମୟଙ୍କ ମଙ୍ଗଳଇଚ୍ଛାରେ ମାନବ ସଭ୍ୟତା ରୁଦ୍ଧିମନ୍ତ ନିଶ୍ଚୟ ହେବ ।

'ଚରମ' ନବମ ପୁଷ୍ପ - ପ୍ରଥମ ପାଖୁଡ଼ା- ୪୪ (ଚତୁଶ୍ଚତ୍ୱାରିଂଶତମ) ସଂଖ୍ୟା ଅନୁଶ୍ରୁତିରୁ......

## ବୈଷ୍ଣବୀ ମାୟା

**ମୁଁ ଘୃତାରୀ ମାୟା...**

ପୂର୍ବସଂଖ୍ୟାରୁ ଅସଂପୂର୍ଣ୍ଣଥିବା.......

ମର୍ତ୍ତ୍ୟଲୋକରେ ମୋର କର୍ତ୍ତବ୍ୟ ଓ ଭୂମିକା :-

୨(ଛ) ଶାସ୍ତ୍ରଦ୍ୱାରା ନିର୍ଦ୍ଧାରିତ ନୀତି ନିୟମ, ଗୁରୁଆଜ୍ଞା ପାଳନରେ ଆଳସ୍ୟ ପରାୟଣତା, ଉଦ୍ଦେଶ୍ୟକୃତ ଭାବରେ ଜ୍ଞାତସାର ହୋଇ (ଜୀବ)ବ୍ୟକ୍ତି ଯେତେବେଳେ ଭାବ ଚହଲା ପଥର ଶୀକାର ହୋଇଯାଏ, ବୁଦ୍ଧି, ବିବେକ, ଭାବ, ଚିନ୍ତାଧାରାର କୌଶଳ ପଥରୁ ଦୂରକୁ ଚାଲିଯାଏ, ସେତେବେଳେ ମୋର ମାୟା ହରିଦ୍ରା ବର୍ଣ୍ଣର

ଜ୍ୟୋତି ଦ୍ୱାରା ତା' ପିଣ୍ଡସ୍ଥ ନାଦଗର୍ଦ୍ଧଣ କୋଷକୁ ଆଚ୍ଛାଦନ କରିଦିଏ । ଏହି କାର୍ଯ୍ୟ ବ୍ୟକ୍ତିର ଚିନ୍ତାଧାରା ଦ୍ୱାରା ସ୍ୱୟଂଚାଳିତ କ୍ରିୟାରେ ସଂଗଠିତ ହୋଇଥାଏ । ଫଳ ସ୍ୱରୂପ ବ୍ୟକ୍ତି ପ୍ରତ୍ୟେକ ଅବସ୍ଥାରେ ଭୟଭୀତ ହେଉଥାଏ । ଅନ୍ଧକାରରେ ଛାୟା ସୃଷ୍ଟିହେଲେ ତାକୁ ଦେଖିବା ମାତ୍ରେ ଭୟରେ ଥରିଉଠେ । ଚମକି ପଡ଼େ । ଏହାଦ୍ୱାରା ତା'ର ଶରୀରର ଉତ୍ତାପ ଅସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ ଏବଂ ଦୁଇ ପ୍ରକାର ପରିସ୍ଥିତି ସୃଷ୍ଟି କରିଦିଏ । କାହାର ଶରୀରରେ ଉତ୍ତାପ ବୃଦ୍ଧିପାଏ, ଅନ୍ୟକେତେକଙ୍କ ଶରୀର ଥଣ୍ଡା ହୋଇଯାଏ ଏବଂ ପ୍ରଚୁର (ଝାଳ)ସ୍ୱେଦ ନିର୍ଗତ ହୁଏ । ସେତେବେଳେ ବ୍ରହ୍ମ ନାମ ସମ୍ବଳିତ ସୂତ୍ର ଦ୍ୱାରା ତାହାର ଶରୀରକୁ ସ୍ପର୍ଶକଲେ ବା ଅଧିକଲୋକ ତା ନିକଟରେ ଉପସ୍ଥିତ ହୋଇ ସେବା ଇତ୍ୟାଦି ପ୍ରଦାନ କଲେ, ଧୀରେ ଧୀରେ ତା'ର ସାହସ, ଶକ୍ତି ସଂଚାରିତ ହୁଏ ଏବଂ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ ।

(ଢ) ପରିସ୍ଥିତି, ପରିବେଶର ଅଭାବରୁ ବ୍ୟକ୍ତି ଯେତେବେଳେ ଅତ୍ୟଧିକ ମୋହ ଗ୍ରସ୍ତ ହୋଇଯାଏ, ଏବଂ ବାସ୍ତବତାକୁ ଅବାସ୍ତବ, ଅବାସ୍ତବକୁ ବାସ୍ତବ ଭାବରେ ଗ୍ରହଣ କରିନିଏ, ସେତେବେଳେ ତା'ର ଶରୀରରେ ମିଥ୍ୟା, ଛଳନା ଆଦି ଅଭିନୟସୂତ୍ର ବୃତ୍ତି ଆକାରରେ ସୃଷ୍ଟି ହୁଏ । ଏହି ବୃତ୍ତି ସୃଷ୍ଟି ହେବା ମାତ୍ରେ ମୋର ମାୟା ସେହି ବୃତ୍ତିକୁ ଲାଲ ବର୍ଣ୍ଣର ଜ୍ୟୋତିରେ କବଳିତ କରିରଖେ । ଫଳରେ ବ୍ୟକ୍ତି କଦାପି ସତ୍ୟ ପ୍ରକାଶ କରିବାକୁ ଇଚ୍ଛା କରେ ନାହିଁ ବା ନିଜର ଦୋଷ, ଦୁର୍ବଳତାକୁ ସ୍ୱୀକାର କରିବାକୁ ରାଜି ହୁଏ ନାହିଁ । ବିଭିନ୍ନ ପ୍ରକାରର ଚାଟୁପୂର୍ଣ୍ଣ ମିଥ୍ୟା କଥା କହି ନିଜର କୃତକର୍ମକୁ ସତ୍ୟ ଭାବରେ ଉପସ୍ଥାପନ କରିବାପାଇଁ ଅନେକ ଛଳନାର ଅଭିନୟ କରେ, ଏପରିକି ମିଛରେ କାନ୍ଦି ପକାଏ । ମୋର ଏହି ମାୟାଂଶରେ ବନ୍ଦୀବ୍ୟକ୍ତି ଯେତେ ଛଳନାର ଅଭିନୟ କରୁଥିଲେ ମଧ୍ୟ ଭିତରେ ସତ୍ୟକୁ ଭୀଷଣ ଭାବରେ ଭୟ କରୁଥାଏ । ସେହି ଭୟରେ ନିଜର ସ୍ଥିତି ଖରାପ ହୋଇଯିବାର ଆଶଙ୍କା କରି ସତପ୍ରକାଶ କରିବାକୁ କୁଣ୍ଠିତ ହୁଏ । ଏହି ପର୍ଯ୍ୟାୟଭୁକ୍ତ ବ୍ୟକ୍ତିଙ୍କର ଭବିଷ୍ୟତ ପର୍ଯ୍ୟାୟ ଅନ୍ଧକାର ହୋଇଯାଏ ।

(ଣ) ବ୍ୟକ୍ତି ଯେତେବେଳେ ସତ୍ୟ ପଥରୁ ବିଚ୍ୟୁତ ହୋଇ କୌଣସି ଗୁରୁ, ଗୁରୁଜନଙ୍କୁ ଅସମ୍ମାନ ପ୍ରଦର୍ଶନ କରେ, ତା'ର ପରବର୍ତ୍ତୀ ଅବସ୍ଥାରେ ମନରେ ଅନୁତାପ ଆଣେ । ବିବେକର ନିର୍ଦ୍ଦେଶରେ ସେହି ଗୁରୁଜନମାନଙ୍କ ନିକଟରେ ଦୋଷ ସ୍ୱୀକାର କରି କ୍ଷମା ଭିକ୍ଷାକରେ । ବ୍ୟକ୍ତି ଭିତରେ ଏହି ଦିବ୍ୟଭାବ, ସତ୍ୟ ପ୍ରକାଶ କରିବାର ପ୍ରେରଣା ମୋର ମାୟାକଣିକା ଦ୍ୱାରା ସମ୍ଭବ ହୋଇଥାଏ । କିନ୍ତୁ ଯଦି ବ୍ୟକ୍ତି ତା ଭିତରୁ ସୃଷ୍ଟି ହେଉଥିବା ଉକ୍ତ ସଙ୍କେତକୁ କାର୍ଯ୍ୟରେ ପରିଣତ ନ କରେ ବା ପରିଣତ କରିବାକୁ କୁଣ୍ଠିତ ହୋଇଯାଏ, ତେବେ ମୁଁ ସେମାନଙ୍କୁ ସଂପୂର୍ଣ୍ଣ ବନ୍ଧନ କରି ସୂକ୍ଷ୍ମ ଚେତନା ଦେବାର କାର୍ଯ୍ୟରୁ ନିବୃତ୍ତ ହୋଇଯାଏ । ଫଳରେ ସେ (ଢ)ରେ ବର୍ଣ୍ଣିତ ଛଳନାମୟ କର୍ମ, ଭାଷା, ଭାବକୁ ଅଭ୍ୟାସ କରି ଧୀରେ ଧୀରେ ସେଥିରେ ଦୃଢ଼ ହୋଇଯାଏ । ପ୍ରଥମ ପର୍ଯ୍ୟାୟରେ ସମାଜ ଏହି ବ୍ୟକ୍ତିର ଛଳନାପୂର୍ଣ୍ଣ ଅଭିନୟକୁ ବିଶ୍ୱାସ କରି ସମବେଦନା ପ୍ରକାଶ କରେ । କିନ୍ତୁ ପରମୁହୂର୍ତ୍ତରେ ମୋର ମାୟା ଉକ୍ତ ବ୍ୟକ୍ତିର ସ୍ୱରୂପ ପ୍ରକାଶ କରାଇଦିଏ । ତେଣୁ ସେ ଆଉ କାହାରିଠାରୁ କୌଣସି ପ୍ରକାରର ସାହାଯ୍ୟ, ସହାନୁଭୂତି ପାଇପାରେ ନାହିଁ ।

(ଝ) ଏକାଧିକ ବ୍ୟକ୍ତି, ଗୋଷ୍ଠୀ କନ୍ଦଳ, ପରସ୍ପର ହିଂସ୍ର ଆଚରଣ ଯୁକ୍ତ ହୋଇ କଳି ଗୋଳ ବା ଗଣ୍ଡଗୋଳ କରୁଥିବା ସମୟରେ ଅନେକ ବ୍ୟକ୍ତି ସେମାନଙ୍କର ସଂଶ୍ଳିଷ୍ଟତା ନ ଥାଇ ମଧ୍ୟ ଅତ୍ୟଧିକ ଭାବରେ ଭୟଭୀତ ହୋଇଯାଆନ୍ତି । ସେ ସ୍ଥାନ ପରିତ୍ୟାଗ କରିଗଲେ ମଧ୍ୟ ଅଜଣା ଆଶଙ୍କା, ଭୟରେ ମାନସିକ ସ୍ତରରେ ଦୁର୍ବଳ ହୋଇଯାଆନ୍ତି, ଏପରିକି ଥରି ଉଠନ୍ତି, କାନ୍ଦି ପକାନ୍ତି, ଦୀର୍ଘ ଶ୍ୱାସ ଘନ ଘନ ପକାନ୍ତି । ଏହି ସମସ୍ତ ଭାବ କେବଳ ମୋରି ମାୟା ପ୍ରଭାବରୁ ହିଁ ସମ୍ଭବ ହୁଏ ।

(ଟ) ପ୍ରାକୃତିକ ବିପର୍ଯ୍ୟୟ ଯଥା : ବାତ୍ୟା, ବନ୍ୟା, ଭୂମିକମ୍ପ, ଗୃହଦାହ, ବ୍ୟକ୍ତିର ମୃତ୍ୟୁ ଇତ୍ୟାଦିର ସମ୍ବାଦ ପାଇବାକ୍ଷଣି ଅନେକ ବ୍ୟକ୍ତି ଭୟରେ ଥରି ଉଠନ୍ତି । କୌଣସି ପ୍ରତିକାର, ପ୍ରତିରୋଧ ବା ଉଦ୍ଧାର କରିବାର କୌଶଳ ଚିନ୍ତା କରିବାକୁ ଅସମର୍ଥ ହୋଇ ଅତ୍ୟନ୍ତ ଭୀରୁ ଭାବରେ ଅସ୍ଥିର ହୋଇଯାଆନ୍ତି । ସେହି ବ୍ୟକ୍ତିମାନେ ଦୁର୍ବଳମନା ହୋଇ ବାସ୍ତବତାକୁ ଆଦୌ ଗ୍ରହଣ କରି ନ ଥିବାରୁ ମୋର ମାୟା ସେମାନଙ୍କୁ ଗ୍ରାସ କରିଥାଏ । ତେଣୁ ସେମାନେ ଏହି ଅବସ୍ଥାପ୍ରାପ୍ତ ହୁଅନ୍ତି ।

(୩) ବ୍ୟକ୍ତି ସାଧନର ପ୍ରଥମ ଅବସ୍ଥାରେ ଯେତେବେଳେ ସାଧନ ସୂତ୍ରକୁ କଠୋର ଭାବରେ ଗ୍ରହଣ କରି ଅଗ୍ରସର ହେବାର ନିଷ୍ପତ୍ତି ନିଏ, ସେତେବେଳେ ମୋରି ମାୟା ସେମାନଙ୍କ ମଧ୍ୟରେ ପ୍ରବେଶ କରେ କେବଳ ନିଷ୍ଠାର ପରୀକ୍ଷା ନେବା ପାଇଁ । ଏହି କାର୍ଯ୍ୟ ବ୍ରହ୍ମଙ୍କ ନିର୍ଦ୍ଦେଶ ଅନୁସାରେ ହିଁ କରିଥାଏ । ମୁହଁରେ ନିଜେ ଦୃଢ଼ ଅଛିବୋଲି ଯେତେ ଗମ୍ଭୀର ଭାବ ପ୍ରକାଶ କଲେ ମଧ୍ୟ ବାସ୍ତବରେ ବ୍ୟକ୍ତି ସେତେ ଦୃଢ଼ ନ ଥାଏ । ଶାସ୍ତ୍ରରେ ବର୍ଣ୍ଣିତ ହୋଇଥିବା ସାଧକ ସ୍ତର ଏବଂ ସାଧକମାନଙ୍କର ପରୀକ୍ଷା ଅବସ୍ଥା ସେ ଭଲଭାବରେ ଜାଣିଥାଏ । କିନ୍ତୁ ମୋ ମାୟା ପ୍ରଭାବରେ ତା'ର ଶାସ୍ତ୍ର ଜ୍ଞାନ କୌଣସି କାର୍ଯ୍ୟରେ ଲାଗେ ନାହିଁ । ତା'ର ମନରେ ଦୁଇଟି ଭାବ ସମାନ୍ତରାଳ ଭାବରେ ଗତିଶୀଳ ଥାଏ । ପ୍ରଥମରେ ପରମାର୍ଥ ପଥରେ ଗତିକରି ସତ୍ୟସ୍ତରରେ ପହଞ୍ଚିବାର ବ୍ୟାକୁଳତା, ଦ୍ୱିତୀୟରେ ସାଧନ କଲେ ସାଧନ ସ୍ତରରେ ଉପୁଜିବାର ଥିବା ଅଘଟଣକୁ ସହ୍ୟ କରିବାର ଅସମର୍ଥତା । ଉଦାହରଣ ସ୍ୱରୂପ : ସାଧନ ଆରମ୍ଭ କରିଥିବା ବ୍ୟକ୍ତିର ବିଷୟବାସନା ପ୍ରତି ପ୍ରବଳ ଆଗ୍ରହ ଥାଏ । କୌଣସି ଅବସ୍ଥାରେ ସେ ଉକ୍ତ ବାସନାକୁ ତ୍ୟାଗ କରିବାକୁ ମାନସିକ ସ୍ଥିତିରେ ରହିପାରେ ନାହିଁ । ମନରେ ଭୟ ସୃଷ୍ଟି ହୁଏ ଯେ, ସାଧନ କଲେ ମୋର ଅନେକ କ୍ଷତି ହୋଇଯିବ । ଏହି ଭୟ ଭାବକୁ ମୁଁ ହିଁ ସୃଷ୍ଟି କରିଥାଏ । ଯଦି କେହି ବୋଧଶକ୍ତି ଦ୍ୱାରା ଉକ୍ତ ସ୍ତର ଅତିକ୍ରମ କରିଯାଏ, ତେବେ ତା'ପ୍ରତି ଅନ୍ୟପ୍ରକାରର ପରିବେଶ ସୃଷ୍ଟି କରାଯାଏ । ଯଥା : ବୈଷୟିକ ପଦାର୍ଥ, ଯଥା :- ଧନ, ଐଶ୍ୱର୍ଯ୍ୟ, ପ୍ରତିଷ୍ଠା, ସମ୍ମାନବୋଧ, ଆତ୍ମିୟ ସ୍ୱଜନ (ସ୍ତ୍ରୀ/ସ୍ୱାମୀ, ପୁତ୍ର, କନ୍ୟା ଇତ୍ୟାଦି) ମଧ୍ୟରୁ ଯେଉଁ ବସ୍ତୁ ଉପରେ ତା'ର ସର୍ବାଧିକ ଗୁରୁତ୍ୱଥାଏ, ସେହି ବସ୍ତୁ/ବ୍ୟକ୍ତିଙ୍କ ପ୍ରତି ବିଭିନ୍ନ ଉପାୟରେ ବିଘ୍ନ ସୃଷ୍ଟି କରାଇ ଦିଆଯାଏ । ସେହି ଅବସ୍ଥାରେ ଉକ୍ତ ମୋହଗ୍ରସ୍ତ ପଦାର୍ଥ/ବ୍ୟକ୍ତି ତା ନିକଟରୁ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯିବାର ଭୟ, ଆଶଙ୍କା ମୋରି ଦ୍ୱାରା ଉଦ୍ରେକ କରାଯାଏ । ବ୍ୟକ୍ତିମନର ଦୃଢ଼ତା ଅଭାବରୁ ଲୋଭଗ୍ରସ୍ତ ଉକ୍ତ ସାଧକ ତତ୍‌କ୍ଷଣାତ୍ ସାଧନପଥ ପରିହାର କରିବା ପାଇଁ ପ୍ରସ୍ତୁତ ହୋଇଯାଏ ଏବଂ ଧ୍ୟେୟଙ୍କ ନିକଟରେ ବାରମ୍ବାର ପ୍ରାର୍ଥନା, ଅଳି କରୁଥାଏ ତା ନିକଟକୁ ସେହି ଅନିତ୍ୟ, ଅସାରବସ୍ତୁ/ବ୍ୟକ୍ତିକୁ

ଦୂର ନ କରିବା ପାଇଁ । ସମସ୍ୟା ସମାଧାନ ହୋଇଗଲାପରେ ପୁନଶ୍ଚ ସେ ସାଧନ କରିବାକୁ ପ୍ରତିଜ୍ଞାକରେ ଏବଂ ଆଉ ସେପରି ପରିସ୍ଥିତିରେ ବିଚଳିତ ନହେବାପାଇଁ ସଂକଳ୍ପ କରେ । ତଥାପି ଅବସ୍ଥା ଉପୁଜିବାମାତ୍ରେ ସଂକଳ୍ପ, ପ୍ରତିଜ୍ଞା ଭଙ୍ଗ କରେ । ଯେ ପର୍ଯ୍ୟନ୍ତ ସେ ପ୍ରତିଜ୍ଞାବଦ୍ଧତା, ଦୃଢ଼ତା, ଅବିଚଳତା, ଏବଂ ଅଖଣ୍ଡଭାବରେ ସଂକଳ୍ପିତ କର୍ମ ସଂପାଦନ କରିବା ପାଇଁ ବାସ୍ତବରେ ସକ୍ଷମ ନହୁଏ ମୁଁ ସେ ପର୍ଯ୍ୟନ୍ତ ତା'ର ପିଣ୍ଡରେ ଉପସ୍ଥିତ ରହି ଭୟ ଉଦ୍ରେକ କାର୍ଯ୍ୟ ସଂପାଦନ କରୁଥାଏ । ମୋର ଏହି କାର୍ଯ୍ୟ (ଭୟ ସୃଷ୍ଟିକରି ଦୃଢ଼ତାର ପରୀକ୍ଷା ନେବା) ସାଧକ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପହଞ୍ଚିବା ପର୍ଯ୍ୟନ୍ତ ସାଧନର ପ୍ରତ୍ୟେକ ସୋପାନରେ ବଳବତ୍ତର ହୁଏ ।

୪. ପଶୁପକ୍ଷୀ, ସରୀସୃପ, ଜଳଚର ଜୀବମାନେ କୌଣସି ଶବ୍ଦ ପାଇଲେ ବା ତାଙ୍କଠାରୁ ଶକ୍ତିଶାଳୀ ଜୀବକୁ ଦେଖିଲେ ଭୟଭୀତ ହୋଇଯାଆନ୍ତି । ସେହି ଅବସ୍ଥା ମୋରି ଯୋଗୁଁ ହିଁ ହୋଇଥାଏ । ଏହି ଭୟ ସେମାନଙ୍କ ପିଣ୍ଡରେ ରହିଥିବାରୁ ସେମାନେ ପରିସ୍ଥିତିର ସୂଚନାପାଇବା ମାତ୍ରେ ବିଚଳିତ ହୋଇ ଯଥାକ୍ରମେ ଉଡିଯାଆନ୍ତି / ଦୌଡ଼ି ପଳାୟନ କରନ୍ତି/ଗର୍ତ୍ତ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି/ଗଭୀର ଜଳକୁ ନିରାପଦ ମନେ କରି ବୁଡି ଯାଆନ୍ତି । ଶରୀରର ସାମର୍ଥ୍ୟ ଅନୁସାରେ ନିଜକୁ ରକ୍ଷା କରିପାରନ୍ତି ବା କରିପାରନ୍ତି ନାହିଁ । କିନ୍ତୁ ମୋର କାର୍ଯ୍ୟ କେବଳ ଭୟସୃଷ୍ଟିକରି ସେମାନଙ୍କୁ ସତର୍କ କରାଇବାପର୍ଯ୍ୟନ୍ତ ସୀମିତ ରହେ ।

୫. ଉପର ଆଲୋଚନାରୁ ଗୋଟିଏ ନିର୍ଯ୍ୟାସ ମୁଁ ଦେବାପାଇଁ ଚାହେଁ, ପ୍ରତ୍ୟେକ ଜୀବ (ଦେବ, ମାନବ, ପଶୁ, ପକ୍ଷୀ, ଜଳଚର, ସ୍ଥଳଚର, ସରୀସୃପ)ଙ୍କ ମଧ୍ୟରେ ଯେଉଁ ପ୍ରକାରର ଭୟ ଉଦ୍ରେକ ହୁଏ, ସେ ସମସ୍ତ ଭୟର କାରଣ ମୁଁ ଏବଂ ମୋର ମାୟା । କିନ୍ତୁ ଚେତନ ଲାଭ କରିଥିବା ଜୀବ ମୋର ଏହି ଭୟକୁ ମଙ୍ଗଳ ବୋଲି ବିବେଚନା କରି ମୁକ୍ତ ହୋଇଯାଏ । ଅଚେତନ ଜୀବ ମୋ ସ୍ୱରୂପର କାରଣ ଜାଣି ନ ପାରି ଅଜ୍ଞାନତାର ଶିକାର ହେଉଥିଲେ ମଧ୍ୟ ପର୍ଯ୍ୟାୟକ୍ରମେ ମୋର ରୂପାନ୍ତରୀତ କାୟା 'ଭୟ'ର ମଙ୍ଗଳ ବିଭାଗକୁ ଅନୁଭବ କରେ । ତେଣୁ ମୋର ମଙ୍ଗଳମୟ ପରମପିତା ଅନୁଗ୍ରହ ପୂର୍ବକ କେବଳ ତାଙ୍କ ପ୍ରିୟ ଜୀବଜଗତ, ଦେବଲୋକ, ତପଲୋକକୁ ସଚେତନ କରି ଉପଯୁକ୍ତ ପଥରେ ପରିଚାଳିତ କରିବା ଲକ୍ଷ୍ୟନେଇ ମୋତେ ସୃଷ୍ଟି କରିଛନ୍ତି ।

ନିଜ ସମସ୍ୟାକୁ ପାସେ ବଖାଣୁ ।
ଆମ କଥା ସବୁ ଶୂନ୍ୟେ ଉଡ଼ାଉ ।।

# ବାଲ୍ୟକାଳରୁ ଧର୍ମଧନ ସଞ୍ଚିବି

ତୁମର କୃପାବିନା ମୋହର କେହି ନାହିଁ ।
ସକଳ ବସ୍ତୁ ଦେଖେ ତୁମରି ସତ୍ତା ଥାଇ ॥
ବାତୁଳ ସ୍ୱଭାବରେ କଅଁଳ ମୋର ମନ ।
ଅଜ୍ଞାନ ଅନ୍ଧକାରେ କଟୁଛି ରାତି ଦିନ ॥

ଅନ୍ତରେ ଥାଇ କିମ୍ପା ମୋତେ ନ ଦିଅ ଦେଖା ।
ଜଟିଳ ସଂସାରରେ କିଏ କରିବ ରକ୍ଷା ॥
କଞ୍ଚା ମାଟିରେ ଗଢ଼ା ମୋହର ଏହି ପିଣ୍ଡ ।
ନିଜ ହାତରେ ନାଥ ଦୋଳି ଦିଅ ବ୍ରହ୍ମାଣ୍ଡ ॥

*ଅନନ୍ତ କୋଟି ବ୍ରହ୍ମାଣ୍ଡର ଅକଳନ ଜ୍ଞାନରହସ୍ୟ ଭେଦକରି ଅଚିନ୍ତ୍ୟ ପୁରୁଷଙ୍କୁ ଉପଲବ୍ଧି କରି ପୂର୍ଣାଙ୍ଗ ହେବାପାଇଁ କେତେ ଜନ୍ମ ଅତିବାହିତ ହୋଇଯିବ ତାହା ନିର୍ଦ୍ଦିଷ୍ଟ ଭାବରେ କହିହେବ ନାହିଁ । କିନ୍ତୁ ବାଲ୍ୟକାଳରୁ ଯଦି ଅଭିଭାବକମାନେ ସଚେତନ ହୋଇ ସେମାନଙ୍କର ପିଲାମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇ ପରମାର୍ଥ ପଥରେ ପରିଚାଳିତ କରାଇପାରିବେ, ତେବେ ପରିଣତ ବୟସରେ ଉପନୀତ ହେଲାବେଳକୁ ସେହି ପିଲା ବ୍ରହ୍ମଙ୍କର ନିକଟବର୍ତ୍ତୀ ହୋଇଯାଇଥିବ । ବ୍ରହ୍ମକଲ୍ୟାଣ ପ୍ରାପ୍ତ ହୋଇ ନିଜର ତଥା ସପ୍ତପୁରୁଷଙ୍କର ମଙ୍ଗଳକାରଣ ହୋଇ ଜୀବଜଗତକୁ ରକ୍ଷା କରି ମହାମାନବରେ ପରିଣତ ହେବ । ଏହି ଶୁଭକାମନାରେ 'ଚରମ'ର ଏହି କ୍ଷୁଦ୍ର ପ୍ରେମମୟ ଭାବଗ୍ରାହୀଙ୍କର ଆଶିଷ ମଥାରେ ଗ୍ରହଣକରି କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛି ॥*

'ଚରମ' : ନବମପୁଷ୍ପ : ପ୍ରଥମ ପାଖୁଡ଼ା : ୪୪ (ଚତୁଷ୍ଚତ୍ୱାରିଂଶତ୍ତମ) ସଂଖ୍ୟାର ଅନୁଶ୍ରୁତିରୁ

---

## ବିସ୍ମୟ ଶ୍ରଦ୍ଧାନନ୍ଦ

ମା'ଙ୍କ ଠାରୁ ଉପଦେଶ ଶୁଣି 'ଶର' ନିର୍ବାକ୍ ହୋଇଯାଉଥିଲା । ମନରେ ତା'ର ଅନେକ ଜିଜ୍ଞାସା ଆପେ ଆପେ ସୃଷ୍ଟି ହୋଇଯାଉଥିଲା । ଅନିସନ୍ଧିତ୍ସୁ ହୋଇ ପଚାରିଲା, ''ମା' ! ତୁମେ ତ କହିଲ ମାଧବ ଆତ୍ମା ରୂପରେ ସମସ୍ତ ଶରୀରରେ ଅଛନ୍ତି । ତାହା ଯଦି ସତ୍ୟ ତେବେ ସିଂହ, ବାଘ ଆଦି ହିଂସ୍ର ଜନ୍ତୁ ଓ ମଣିଷ ମଧ୍ୟରେ ପ୍ରଭେଦ କାହିଁକି ରହୁଛି ? ମୋ ମନ ବୁଝୁନାହିଁ ।'' ମା' କହିଲେ, ''ସେ ବହୁତ ଗହନକଥା । ଅଭ୍ୟାସକଲେ ଏବଂ ବଡ଼ ହୋଇଗଲେ ନିଜେ ଅନୁଭବ କରିପାରିବୁ । ତେବେ ଏତିକି ଜାଣିଥା ଯେ,ପ୍ରତ୍ୟେକ ସ୍ଥାନରେ ମାଧବ ବିରାଜିତ ଥିଲେ ମଧ୍ୟ ଭାବ ଓ କର୍ମ ଭିଭିରେ ତାଙ୍କର ସ୍ୱରୂପ ଭିନ୍ନ ଭିନ୍ନ ହୋଇଥାଏ । ଗୋଟିଏ ଉଦାହରଣ ଦେଉଛି, ମନେ ରଖିବୁ । ତୋରି ଶରୀର ଭିତର କଥା । ଶରୀରରେ ଆତ୍ମା ଥିବାରୁ ତୁ, ମୁଁ ଏବଂ ସମସ୍ତେ ବଞ୍ଚିରହିଛନ୍ତି । ସେହି ଶରୀର ମଧ୍ୟରେ ଥିବା ମଳରେ କୃମିକୀଟ ଅଛନ୍ତି । ସେମାନଙ୍କ ମଧ୍ୟରେ ବି ଆତ୍ମା ଥିବାରୁ ସେମାନେ ବଞ୍ଚିଛନ୍ତି । ରକ୍ତ, ମାଂସ, ଜୀବକୋଷରେ ବି ଆତ୍ମା ଅଛନ୍ତି । ତେଣୁ ସେମାନେ ମଧ୍ୟ ଜୀବନ୍ତ ଅଟନ୍ତି । ଏହିପରି ସର୍ବସ୍ଥାନରେ ତୋର ମାଧବ ବିଭିନ୍ନ ରୂପରେ ତାଙ୍କର ଅଂଶ ରୋପଣ କରିଛନ୍ତି । କହିଲେ, ପଢ଼ିଲେ ଏ ସବୁ ବୁଝିହୁଏ ନାହିଁ । କେବଳ ସାଧନା ଦ୍ୱାରା ଏହି ରହସ୍ୟ ଅନୁଭବ କରିହୁଏ । ତୁ ଧୈର୍ଯ୍ୟ ରକ୍ଷାକରି ମୋ କଥା ମାନି ଯଦି ଚଳିବୁ, ମାଧବ ନିଜେ ତୋତେ ଠିକଣା ପଥରେ ନେଇଯିବେ ।''

୫. ମାଧବଙ୍କୁ ପ୍ରଣାମ କରିବା ପରେ ଆକାଶରେ ସୂର୍ଯ୍ୟଦେବଙ୍କୁ ପ୍ରଣାମ କରିବୁ । ସୂର୍ଯ୍ୟ ହେଉଛନ୍ତି ସକଳ ତେଜର ଉତ୍ସ । ତାଙ୍କରି ଅଂଶୁ ତୋ ଶରୀରରେ ପ୍ରବେଶକରି ଶରୀରକୁ ତେଜ ଓ ଉତ୍ତାପ ପ୍ରଦାନ କରନ୍ତି । ସେ ଆକାଶରେ ଉଦୟ ହେଲେ ଦିନ ହୁଏ ଏବଂ ଅସ୍ତହେଲେ ରାତ୍ରି ହୋଇଥାଏ । ତାଙ୍କର ସମସ୍ତ କ୍ରିୟାକୁ ସୌରଜଗତ, ସୌରଶକ୍ତି ରହସ୍ୟ ବୋଲି କହନ୍ତି । ବଡ଼ ହୋଇଗଲେ ଜାଣିପାରିବୁ ।

୬. ତୋ ଠାରୁ ବୟସରେ, ଜ୍ଞାନରେ ବର୍ଣ୍ଣରେ ଉଚ୍ଚ ହୋଇଥିବା ବ୍ୟକ୍ତିଙ୍କୁ ଗୁରୁଜନ ଜ୍ଞାନକରି ସମ୍ମାନ ଦେବୁ । ପ୍ରଣାମ କରିବୁ । ସେମାନଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ଅତ୍ୟନ୍ତ ବିନୟୀ ହେବୁ । ଉଚ୍ଚ ସ୍ୱର, କର୍କଶ ଭାଷା, ଅଶାଳୀନ ଶବ୍ଦ ଆଦୌ ବ୍ୟବହାର କରିବୁନାହିଁ । ସେମାନେ ଠିଆ ହୋଇଥିଲେ, ସେମାନେ ନିଜେ ନ ବସିବା ଅଥବା ନ କହିବା ପର୍ଯ୍ୟନ୍ତ ତୁ ବସିବୁ ନାହିଁ । ବସିବାବେଳେ ସଂଯମ ଆଚରଣ କରିବୁ । ତୋର ପାଦ ଯେପରି ସେମାନଙ୍କୁ ଦୃଶ୍ୟ ନହୁଏ, ସେଥିପ୍ରତି ସଜାଗ ରହି ପାଦ ଲୁଚାଇ ବସିବୁ । ହାତ କିମ୍ବା ଗୋଡ଼ ହଲାଇ କଥା କହିବୁ ନାହିଁ । ଏହା କଲେ ସେମାନଙ୍କୁ ଅସମ୍ମାନ ହେବ । ମନେ ରଖିବୁ, ତୋର ମାଧବ ତାହାଙ୍କ ଶରୀରରେ ଆତ୍ମା ରୂପରେ ଅଛନ୍ତି । ତେଣୁ ସେମାନଙ୍କୁ ଅସମ୍ମାନ ବା ହେୟଜ୍ଞାନ କରିବା ଅର୍ଥ ମାଧବଙ୍କୁ ଅସମ୍ମାନ କରିବା ସହ ସମାନ ଅଟେ । ସେମାନେ ଯାହା କହିବେ ହଠାତ୍ ପ୍ରତିବାଦ କରିବୁ ନାହିଁ । ଧୈର୍ଯ୍ୟର ସହ ଶୁଣିବୁ । ଯେଉଁ ପ୍ରସଙ୍ଗ ବୁଝିପାରିବୁ ନାହିଁ କିମ୍ବା ତୋତେ ଗ୍ରହଣଯୋଗ୍ୟ ହେବନାହିଁ ବିନୟ, ଶାନ୍ତ ଭାବରେ ଧୀର କଣ୍ଠରେ, ମଧୁର ଭାଷାରେ ଉପସ୍ଥାପନ କରିବୁ । ଯଦି ସେମାନେ ତୋର ମତାମତ ଗ୍ରହଣ ନ କରନ୍ତି, ତେବେ କୌଣସି ପ୍ରତିକ୍ରିୟା ପ୍ରକାଶ କରିବୁ ନାହିଁ । ସସମ୍ମାନେ ସେ ସ୍ଥାନ ପରିତ୍ୟାଗ କରିବୁ । ସେମାନଙ୍କର ସୁ(ଭଲ)ଗୁଣ ଗ୍ରହଣ କରିବୁ । ଯେଉଁ ବିଷୟ ତୋର ବିବେକ ଅନୁଯାୟୀ ଅସଂଗତ ବୋଧହେବ, ତାହାକୁ ମନେ ମନେ ପରିହାର କରି ନୀରବ ହୋଇଯିବୁ ଓ ବିବେକ ନିର୍ଦ୍ଦେଶ ଦେଉଥିବା କର୍ମ କରିଯିବୁ ।

୭. ତୋର ସମବୟସ୍କ ସାଙ୍ଗସାଥୀମାନଙ୍କ ସହ ମିଶିବା ସମୟରେ ମଧ ସତର୍କ ହେବୁ । ଚପଳମତିରେ ସେମାନେ ମଧ ସମୟେ ସମୟେ ତୋତେ ଅ-କର୍ମ କରିବାପାଇଁ ପ୍ରେରଣାଦେବେ । ବିଭିନ୍ନ ପ୍ରଲୋଭନ ଦେଖାଇ ବାଧକରିବେ । ସେ ପରିସ୍ଥିତିରେ ତୁ ସେମାନଙ୍କୁ ସିଧାସଳଖ ବିରୋଧ କରିବୁ ନାହିଁ । ବିରୋଧ କରି କଟୁ ଶବ୍ଦ, ଭାଷା ପ୍ରୟୋଗ କରିଦେଲେ, ସେମାନେ ତୋର ଶତ୍ରୁ ହୋଇଯିବେ ଏବଂ ସଂଗେ ସଂଗେ ହେଉ ଅଥବା ଭବିଷ୍ୟତରେ ସୁଯୋଗ ସୁବିଧା ଉଣ୍ଡି ତୋତେ ଅସୁବିଧାରେ ପକାଇ ଦେବେ ଓ କ୍ଷତି ସାଧନ କରିବେ । ତେଣୁ ମଧୁର, କୋମଳ ଭାଷାରେ କୌଶଳ ପ୍ରୟୋଗକରି ସେମାନଙ୍କ ନିକଟରୁ ନିଜକୁ ଦୂରେଇ ରଖିବୁ । ତୋର ପବିତ୍ର ଭାବକୁ ଯେଉଁମାନେ ଗ୍ରହଣ କରିବେ ନାହିଁ ସେମାନଙ୍କ ସହ ଆଦୌ ମିଳାମିଶା କରିବୁ ନାହିଁ । କିନ୍ତୁ ଘୃଣା କରିବୁ ନାହିଁ । ମନ ଭିତରେ ବିଦ୍ୱେଷ ବା ଶତ୍ରୁଭାବ ରଖିବୁ ନାହିଁ । ମାଧବଙ୍କୁ ମନେ ମନେ ସ୍ମରଣ ଓ ସମର୍ପଣକରି ସେମାନଙ୍କୁ ତୋରି ପରି ସତ୍‌ପଥରେ ଚଳିବା ପାଇଁ ପ୍ରେରଣା ଦେବୁ ଏବଂ ମାଧବଙ୍କ କଥା କହି ପରିବର୍ତ୍ତନ କରିବାପାଇଁ ଚେଷ୍ଟା କରିବୁ ।

୮. ତୋ ଠାରୁ ବୟସରେ ଯେଉଁମାନେ ସାନ ଅଟନ୍ତି, ସେମାନଙ୍କୁ ଆଦର କରିବୁ । ସ୍ନେହ ଦେବୁ । ସର୍ବଦା ସେମାନଙ୍କୁ ମାଧବଙ୍କ ପ୍ରତି ଆକୃଷ୍ଟ କରାଇବାକୁ ଚେଷ୍ଟା କରିବୁ । ତୋତେ ମୁଁ ଯେଉଁ ଉପଦେଶ ଦେଉଛି, ସେଗୁଡ଼ିକୁ ତୁ ନିଜେ ଅଭ୍ୟାସ କରି ସେମାନଙ୍କୁ ଅଭ୍ୟାସ କରାଇବାକୁ ଉତ୍ସାହିତ କରିବୁ ।

୯. ମାଧବ ତୋତେ ଦୁଇଟି ହାତ, ଦୁଇଟି ଗୋଡ଼, ଦୁଇଟି କାନ ଓ ଦୁଇଟି ଆଖି ଦେଇଛନ୍ତି । କିନ୍ତୁ ଗୋଟିଏ ପାଟି ଓ ଗୋଟିଏ ଜିହ୍ୱା ଦେଇଛନ୍ତି। କାହିଁକି ଏପରି କରିଛନ୍ତି ଜାଣିଛୁ ? ଅଧିକ କର୍ମ କରିବୁ । ଅଧିକ ଦେଖିବୁ । ଅଧିକ ଶୁଣିବୁ । କିନ୍ତୁ ଅଳ୍ପ ଅର୍ଥାତ୍ ଯେତିକି ଆବଶ୍ୟକ ସେତିକି କହିବୁ । ଯେତେ ଅଧିକ ନୀରବ ରହି ମାଧବଙ୍କୁ ଚିନ୍ତାକରିବୁ, ସେ ତୋତେ ସେତେ ନିକଟକୁ ନେଇଯିବେ ।

୧୦. ଦୁଇ ବା ଅଧିକ ଲୋକ ଆଲୋଚନା କରୁଥିଲେ, ତୁ ଯଦି ସେଠାରେ ଉପସ୍ଥିତ ଥାଉ, ତେବେ ଅତି ସାବଧାନ ରହିବୁ । ସେମାନଙ୍କ ଆଲୋଚନାରେ ଅଂଶଗ୍ରହଣ କରିବୁ ନାହିଁ । ତୋତେ ଯଦି କୌଣସି ମତାମତ ଦେବାକୁ ସେମାନେ କହନ୍ତି, ତେବେ ସ୍ପଷ୍ଟ ଓ ନିର୍ଭୀକ ଭାବରେ ସତ୍ୟ ପ୍ରକାଶ କରିବୁ । ମାତ୍ର ସତ୍ୟ ସର୍ବଦା ଅସହନୀୟ ହୋଇଥାଏ । ତେଣୁ କୌଶଳକ୍ରମେ ଯେଉଁଠାରେ ଅଧିକଲୋକ ଉପସ୍ଥିତ ଅଛନ୍ତି ସେଠାକୁ ଆଦୌ ନ ଯିବା ଭଲ । ଯଦି ଘଟଣାକ୍ରମେ ରହିଯାଇଛୁ, ତେବେ ଚତୁର ଭାବରେ ସେ ସ୍ଥାନ ପରିତ୍ୟାଗ କରିବା ସବୁଠାରୁ ମଙ୍ଗଳପ୍ରଦ ହେବ ।

୧୧. ଦୁଇଜଣ ଲୋକ ପାର୍ଶ୍ୱରେ ପରସ୍ପର ମୁହାଁମୁହିଁ ହୋଇ ବସିଥିଲେ ବା ଆଳାପ ଆଲୋଚନା କରୁଥିଲେ ସେମାନଙ୍କ ମଝିରେ ଯାତାୟାତ କରିବୁ ନାହିଁ । ଗୁରୁଜନମାନଙ୍କୁ ପଛକରି ଆସିବୁ ନାହିଁ ବା ପଛକରି ବସିବୁ ନାହିଁ ।

୧୨. ମନରେ ଆଦୌ କୁଚିନ୍ତା, ପରଚିନ୍ତା, ଅନ୍ୟର ଅମଙ୍ଗଳ କାମନା, ନିଜପ୍ରତି ଅନାସ୍ଥାଭାବ, ହତାଶଭାବ ଆଣିବୁ ନାହିଁ । ସର୍ବଦା, ସୁଚିନ୍ତା, ପ୍ରତ୍ୟେକଙ୍କ ପାଇଁ ମଙ୍ଗଳକାମନା, ନିଜପ୍ରତି ଦୃଢ଼ ତଥା ପୂର୍ଣ୍ଣ ଆସ୍ଥା ରଖିବାକୁ ଚେଷ୍ଟା କରିବୁ । କୁଟିଳ, ଜଟିଳ ନ ହୋଇ ସରଳ ହେବୁ । ମାତ୍ର ନିର୍ବୋଧ ହେବୁନାହିଁ । ନିଜକୁ କଦାପି ଶ୍ରେଷ୍ଠ ବା ଅନ୍ୟଠାରୁ ଉଚ୍ଚ ବୋଲି ଭାବିବୁ ନାହିଁ । ଯେତେ ସରଳ ହେବୁ, ତୋର ମନ ସେତେ ସରୁ ହେବ । ମନ ସରୁ ହେଲେ ମାଧବଙ୍କର ନିକଟତର ହେବୁ ।

୧୩. ଏହିପରି ଭାବରେ ଦିନର କର୍ମ ସରିବା ପରେ ସଂଧ୍ୟାରେ ଦୀପଟିଏ ଲଗାଇ ପ୍ରଣାମ କରିବୁ । ମାଧବଙ୍କୁ ଚିନ୍ତାକରି ତାଙ୍କର ନାମ ଜପ କରିବୁ । ଭଜନ, ସ୍ତୁତି, ବନ୍ଦନା କରିବୁ । ରାତ୍ରିରେ ଶୋଇବା ସମୟରେ ମାଧବଙ୍କୁ ପ୍ରଣାମ କରି ଶୋଇବୁ ।

ଆଜିଯାଏ ଯେତିକି କହିଲି, ସେତିକି ଅଭ୍ୟାସ କରିବା ପରେ ପରବର୍ତ୍ତୀ ଉପାୟ ଶିଖାଇ ଦେବି ।

କ୍ରମଶଃ....

କୁ-ବୁଦ୍ଧି ଛାଡି ସୁ-ବୁଦ୍ଧି ଧର ।
ସଂସାର ନାବକୁ ହୋଇବୁ ପାର ।।

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

## ଶ୍ରେୟ ଓ ପ୍ରେୟ

ପ୍ରେୟ ତାହା ହିଁ ଯାହା ପାଇବା ପାଇଁ ମନ ବ୍ୟାକୁଳ ହୁଏ, ମନେ ହୁଏ ଏହା ବଡ଼ ମଧୁର, ଖୁବ୍ ଭଲ, ପାଇବା କ୍ଷଣି ମଧୁରତା ଚାଖିବାକୁ ତର ସହେ ନାହିଁ, ସ୍ୱାଦାନୁଭୂତି ମଧୁର ଲାଗେ, କିନ୍ତୁ ହାୟ ! ଶେଷ ପର୍ଯ୍ୟନ୍ତ ଏହାର ମଧୁରତା ରହେ ନାହିଁ, ତିକ୍ତ ଅନୁଭୂତି ହିଁ ମିଳିଥାଏ ପୁରସ୍କାର ସ୍ୱରୂପ, ଏବଂ ସର୍ବଶେଷରେ ବରଂ ଏହା ଅତ୍ୟନ୍ତ ଦୁଃଖର କାରଣ ହୋଇ ଛିଡ଼ା ହୁଏ, ପ୍ରଚୁର ଦୁଃଖ ହିଁ ଦେଇଥାଏ । ଏହା ଜାଗତିକ, ଭୌତିକ, ଶାରୀରିକ ତଥା ମାନସିକ କ୍ଷେତ୍ରରେ ସମ ପର୍ଯ୍ୟାୟ ଓ ସମ ପରିମାଣରେ ପ୍ରଯୁଜ୍ୟ । ଉଭୟତ୍ର ଏହାର ପରିଣାମ ହିଁ ଦୁଃଖପ୍ରଦ ଓ ଯନ୍ତ୍ରଣା ଦାୟକ । ଅନ୍ୟପକ୍ଷରେ ଯାହା ସାଧାରଣ ଭାବରେ ମଧୁର ବୋଲି ଜଣା ପଡୁଥାଏ, ଯାହାକୁ ପାଇବା ପାଇଁ ମନ ବଳେ ନାହିଁ, ପ୍ରାପ୍ତି ମାତ୍ରେ ମାଧୁର୍ଯ୍ୟ ଆସ୍ୱାଦନ ପାଇଁ ବ୍ୟଗ୍ରତା ପ୍ରକାଶ ପାଏ ନାହିଁ, କଦବା କେବେ ଚାଖିଲେ ସାଧାରଣ ମଧୁରତା ହିଁ ଉପଲବ୍ଧ ହୁଏ, ବୈଶିଷ୍ଟ୍ୟ କରିହୁଏ ନାହିଁ, କିନ୍ତୁ ଏହାର ମଧୁରତା ଚିରନ୍ତନ ଓ ଶେଷ ପର୍ଯ୍ୟନ୍ତ ସମାନଭାବରେ ରହେ, ସର୍ବଦା ମଧୁର ଅନୁଭୂତିହିଁ ଲବ୍ଧ ହୁଏ, ଓ ଅବଶେଷରେ ଅତ୍ୟନ୍ତ ଉପକାରୀ ଓ କଲ୍ୟାଣ ଦାୟକ ହୋଇଥାଏ, ପୁରସ୍କାର ସ୍ୱରୂପ ଦାନକରେ ଶାନ୍ତି ଓ ଆନନ୍ଦ-ତାହାହିଁ ଶ୍ରେୟ । ତେଣୁ ଆମ ସମ୍ମୁଖରେ ରହିଛି ଦୁଇଟି ତତ୍ତ୍ୱ-ଦୁଇଟି ଭାବ-ଦୁଇ ପ୍ରକାରର ମାନସିକତା-ଗୋଟିଏ ପ୍ରେୟ ଓ ଅନ୍ୟଟି ଶ୍ରେୟ ।

ମର୍ତ୍ତ୍ୟଧାମରେ ମନୁଷ୍ୟର ଭାବ ବହୁମୁଖୀ । ସାଧାରଣ ସ୍ତରର ମଣିଷ (ସ୍ତ୍ରୀ ହେଉ ବା ପୁରୁଷ ହେଉ) କୌଣସି ବ୍ୟକ୍ତି, ବସ୍ତୁ, ସ୍ଥାନକୁ ଦେଖି ମନେ ମନେ ଭାବେ ଯେ, ତା'ସହିତ ସଂପୃକ୍ତ ହେଲେ ସେ ଅପର୍ଯ୍ୟାପ୍ତ ଆନନ୍ଦ ଓ ସୁଖ ପାଇ ପାରିବ । ତେଣୁ ସେ ସାଧାରଣତଃ ମଧୁର ପ୍ରତୀୟମାନ ବ୍ୟକ୍ତି, ବସ୍ତୁ ବା ସ୍ଥାନ ଦିଗରେ ତୀବ୍ର ବେଗରେ ଛୁଟି ଚାଲେ । ଦୁର୍ଭାଗ୍ୟ ସେ ତାହାର ଶେଷ ପରିଣାମ ବା ଚରମ ପରିଣତି ସଂପର୍କରେ ଲବେମାତ୍ର ଚିନ୍ତା ସୁଦ୍ଧା କରେ ନାହିଁ । ଏପରି ଅବସ୍ଥାରେ ସେ ସେହି ଆକାଂକ୍ଷିତ ବ୍ୟକ୍ତି, ବସ୍ତୁ ବା ସ୍ଥାନର ବନ୍ଧନରେ ଏକ ପ୍ରକାର ବାନ୍ଧି ହୋଇଯାଏ । ଯେପରି ଶସ୍ୟକଣା ଅନ୍ୱେଷଣକାରୀ ପକ୍ଷୀମାନେ ବାଣୁଆର ଶସ୍ୟକଣା ପ୍ରତି ଆକୃଷ୍ଟ ହୋଇ ବିଭିନ୍ନ ପ୍ରକାରର ଜାଲ, ଅଠା କାଠି ଇତ୍ୟାଦିରେ ଛନ୍ଦି ହୋଇ ଧରା ପଡନ୍ତି, ସେହିପରି ଅନାଗତ ଭବିଷ୍ୟତ ଚିନ୍ତାଶୂନ୍ୟ ବର୍ତ୍ତମାନ ସର୍ବସ୍ୱ ଅବିବେକୀ ମଣିଷ ଦୁଷ୍ଟମନର ତାଡ଼ନାରେ କୌଣସି ନା କୌଣସି ଆପାତଃ ମଧୁର ପ୍ରତୀୟମାନ ବ୍ୟକ୍ତି, ବସ୍ତୁ ବା ସ୍ଥାନର ବନ୍ଧନରେ ଜଡ଼ିତ, ଆସକ୍ତି ଓ ମୋହଗ୍ରସ୍ତ ଅନ୍ଧ ପ୍ରାୟ ବନ୍ଧ ହୋଇ ଯାଆନ୍ତି ଏହାହିଁ ପ୍ରେୟର ଜାଲ । ଏହା ପ୍ରଥମରୁ ମାଧୁର୍ଯ୍ୟର ପ୍ରଲୋଭନରେ ମଣିଷକୁ ପ୍ରଲୋଭିତ କରି ଅବଶେଷ କଟୁତିକ୍ତ ବିଷୟର ଅନୁଭୂତି ହିଁ ଦେଇଯାଏ । ଘାରି ହୁଏ ମଣିଷ । ଧୋକା ଖାଏ । ପ୍ରତାରିତ ହୁଏ । ତାର ଚୈତନ୍ୟ ଓ ଜ୍ଞାନ ଉଦୟ ହେବା ବେଳକୁ ଲେଡ଼ି ଗୁଡ଼ କହୁଣିକୁ ବହିଯାଇଥାଏ । ଅନୁତାପ କରେ । ବାରମ୍ବାର ଆଖିରୁ ଲୁହ ଝରାଏ । ନିଜର ଭୁଲ

ପାଇଁ ନିଜକୁ ଦୋଷ ନ ଦେଇ ଅନ୍ୟ ମୁଣ୍ଡରେ ଦୋଷ ଲଦିଦିଏ । ପୁଣି ଇନ୍ଦ୍ରିୟଗଣଙ୍କର ତାଡ଼ନାରେ ସେହି ଏକ ପ୍ରକାର ଭୁଲ କରିବସେ । ପୁଣି ଧୋକା ଖାଏ । ତଥାପି ଜଡ଼ ମୂଢ଼ ମଣିଷ ସଳଖ ପଥକୁ ଫେରିଆସିପାରେ ନାହିଁ । ଏହାହିଁ ଏହି ଜଗତର ସାଧାରଣ ନିୟମ ସାଧାରଣ ସ୍ତରର ମଣିଷଙ୍କ ପାଇଁ, ଅତି ସାଧାସିଧା ସାଧାରଣ ଭାବରେ ଏହା ଘଟିଯାଏ ।

ଦିବ୍ୟତାର ମହକରେ ଶ୍ରେୟ କେବଳ ଅସାଧାରଣ ଦିବ୍ୟ ଚେତନଶୀଳ ମନୁଷ୍ୟ ପାଇଁ ଆକର୍ଷଣୀୟ ହୋଇ ପ୍ରତିଭାତ ହୁଏ । ଏ କ୍ଷେତ୍ରରେ ମଣିଷ ପ୍ରଥମରୁ ନାନା ପ୍ରକାର ଅସୁବିଧାରେ ଅବଶ୍ୟ ପଡ଼େ । ତେଣୁ ସମସ୍ତେ ଏହାକୁ ଆଦରି ନେଇ ପାରନ୍ତି ନାହିଁ, ଆଦରି ନେବା ପାଇଁ କ୍ଷମ ବା ସମର୍ଥ ହୋଇପାରନ୍ତି ନାହିଁ । ଦିବ୍ୟ ଚେତନଶୀଳ ମନୁଷ୍ୟ ପ୍ରଥମରୁ ହିଁ ଜାଣିଥାଏ, ଯାହା ପ୍ରଥମରୁ କ୍ଳେଶଦାୟକ, କଷ୍ଟକର ଓ ଦୁଃଖପୂର୍ଣ୍ଣ ନୁହେଁ, ତାହା ଶେଷରେ କଦାପି ଆନନ୍ଦ ଦେଇ ପାରେ ନାହିଁ । ତେଣୁ ଶ୍ରେୟ କ୍ଷେତ୍ରରେ ପ୍ରାଥମିକ ଅବସ୍ଥାରୁ ଦୁଃଖ କ୍ଳେଶଥିଲେ ମଧ୍ୟ ପରିଣାମରେ ତାହା ପ୍ରକୃତ ଅର୍ଥରେ ସୁଖପ୍ରଦ, ଆନନ୍ଦଦାୟକ, ଶାନ୍ତିପୂର୍ଣ୍ଣ ଏବଂ ଶ୍ରେୟର ଚରମ ପରିଣତି ହିଁ ବାସ୍ତବ ଆନନ୍ଦ । ଏ ପଥରେ ମଣିଷ କଟୁ ତିକ୍ତ କଷାୟ ଅନୁଭୂତି ନୁହେଁ, ଲାଭକରେ ଚିର ମାଧୁର୍ଯ୍ୟ ଅନୁଭୂତି, ଘାରି ହୁଏ ନାହିଁ, ବରଂ ଶ୍ରେୟକୁ ଝୁରି ହୁଏ ଓ ଝୁରି ହୋଇ ଦିବ୍ୟ ଆନନ୍ଦ ହିଁ ଲାଭକରେ, ଧୋକା ଖାଏ ନାହିଁ, ବରଂ ବରେଣ୍ୟ/ବରେଣ୍ୟା ହୁଏ, ପ୍ରତାରିତ ହୁଏ ନାହିଁ, ପ୍ରତିବଦଳରେ ପରମ ଓ ଚରମ ଶାନ୍ତି ଲାଭ କରି ଧନ୍ୟ ହୁଏ । ଏ ପଥରେ ନାହିଁ ଅନୁତାପ କିମ୍ବା ପଶ୍ଚାତାପ, ପରିପୂର୍ଣ୍ଣ ଭାବରେ ରହିଛି ଆନୁଗତ୍ୟ, ଶରଣାଗତି, ହାର୍ଦ୍ଦିକ ପ୍ରେମ ଓ ଆନ୍ତରିକତା । ଏ ପଥର ପଥିକ ଆଖିରୁ ଲୁହଝରେ ନାହିଁ, ଅନ୍ୟ ପକ୍ଷରେ ଓଠରେ ଲାଖିରହିଥାଏ ପରିପୂର୍ଣ୍ଣ ହୃଦୟର ସ୍ମିତହାସ୍ୟର ଝରଣା । ଆଃ, କି ଦିବ୍ୟ ଅନୁଭୂତି ! କି ସ୍ୱର୍ଗୀୟ ଆନନ୍ଦ !!

ଏହି ଶ୍ରେୟ ଓ ପ୍ରେୟ ମନୁଷ୍ୟର ମାନସିକ ସ୍ତରରେ ମଧ୍ୟ ବିଦ୍ୟମାନ ଓ ସତତ କ୍ରିୟାଶୀଳ । ସାଧାରଣ ସ୍ତରର ମନୁଷ୍ୟମାନଙ୍କର ମନନ ଓ ଚିନ୍ତନ ବସ୍ତୁରେ ଏପରି କିଛି ସାଧାରଣ ମଧୁର ଭାବ ରହିଥାଏ, ଯାହା ନିରୋଳାରେ ନୀରବରେ ଭାବିହେଲେ, କଳ୍ପନା କଲେ ବା ଜାଗ୍ରତ ସ୍ୱପ୍ନ ଦେଖିଲେ ପ୍ରାରମ୍ଭିକ ଅବସ୍ଥାରେ ଆପାତଃ ପ୍ରତୀୟମାନ ସୁଖଲାଭହୁଏ, ମାତ୍ର ଶେଷରେ ପରିଣାମ ସ୍ୱରୂପ ମହାଘୋର ଦୁଃଖ ଦୁର୍ଦ୍ଦଶାର ଆବର୍ତ୍ତ ମଧ୍ୟରେ ହୁଏତ ଆତ୍ମହତ୍ୟା କରିବା ପରି ଅବସ୍ଥା ଉପୁଜିଥାଏ । ଅନ୍ୟପକ୍ଷରେ ଏପରି କିଛି ଅସାଧାରଣ ଭାବ ରହିଛି ଯାହା ସାଧାରଣ ଦୃଷ୍ଟିରେ ଦୁଃଖଦାୟକ, କଷ୍ଟକର, ନୀରସ, ଶୁଷ୍କ ପ୍ରତୀୟମାନ ହେଉଥିଲେ ମଧ୍ୟ ଚରମ ପରିଣାମରେ ଏହା ସୁଖକର, ଶାନ୍ତିପ୍ରଦ ଓ ଆନନ୍ଦଦାୟକ ହୋଇଥାଏ । ଧର୍ମଧାରା ଓ କର୍ମଯୋଗ ଗ୍ରହଣ କରିଥିବା ପ୍ରତ୍ୟେକ ବ୍ୟକ୍ତି ବିବେକ ବିଚାର ବିବେଚନା କରି ପରୀକ୍ଷା କରିନେବା ଉଚିତ ଯେ - କେଉଁଟି ପ୍ରେୟ ଏବଂ କେଉଁଟି ଶ୍ରେୟ । ଶ୍ରେୟ ଓ ପ୍ରେୟ ମଧ୍ୟରେ ଏହି ମୌଳିକ ପ୍ରଭେଦ ସବୁବେଳେ ସବୁଠାରେ ସବୁ ଅବସ୍ଥାରେ ରହିଥାଏ । ଏହି ମୌଳିକ ପ୍ରଭେଦଟି ଯିଏ ଧରିପାରନ୍ତି, ତାଙ୍କର ବାସ୍ତବ ଧର୍ମ ବୁଦ୍ଧି ଅଛି ବୋଲି ବୁଝିବାକୁ ହେବ, ଯିଏ ଧରିପାରେ ନାହିଁ, ତା'ର ଧର୍ମ ବୁଦ୍ଧି ନାହିଁ, ଅଛି ଜଡ଼ ବୁଦ୍ଧି । ଶ୍ରେୟର ପଥ ହିଁ ମାନବିକତାର ପଥ, ସମ୍ବେଦନଶୀଳତାର ପଥ, ସହାନୁଭୂତିର ପଥ, ନିଃସ୍ୱାର୍ଥପରତାର ପଥ, ତ୍ୟାଗର ପଥ, ପ୍ରେମର ପଥ, ପରୋପକାରର ପଥ, ସେବାବ୍ରତର ପଥ ଓ ବିଶ୍ୱମାନବିକ ସନାତନ ଧର୍ମର

ପଥ - ପ୍ରକୃତ ମନୁଷ୍ୟ ପାଇଁ ଗ୍ରହଣଯୋଗ୍ୟ ଏକମାତ୍ର ପଥ । ଅନ୍ୟ ପଥ ହିଁ ନାହିଁ । 'ନାନ୍ୟଂ ପନ୍ଥାଃ ବିଦ୍ୟତେ ଆୟନାୟ ।' ଏହାହିଁ ମାନବିକତାର ଦାବି, ପ୍ରକୃତ ମନୁଷ୍ୟକୁ ଏହି ମନୁଷ୍ୟତ୍ୱର ଆହ୍ୱାନର ପ୍ରତ୍ୟୁତ୍ତର ଦେଇ ସଂସାରପଥରେ ନିଶ୍ଚିତ ଭାବରେ ଆଗେଇ ଚାଲିବାକୁ ହୁଏ, ଆଗେଇ ଚାଲିବାକୁ ହେବ । ଏତଦ୍‌ଭିନ୍ନ ସେ ମଣିଷ ଶରୀରରେ ରାକ୍ଷସ, ପଶୁ, ପିଶାଚ ବା ସେହି ପର୍ଯ୍ୟାୟଭୁକ୍ତ ଅନ୍ୟ କିଛି ହିଁ ହେବ, ମଣିଷ ପରି ମଣିଷଟିଏ କଦାଚ ହୋଇପାରିବ ନାହିଁ ।

ମୋହଗ୍ରସ୍ତ ଜଡ଼ବୁଦ୍ଧି ସମ୍ପନ୍ନ ନରପିଶାଚରୂପୀ ମଣିଷ ବରଣ କରିନିଏ ପ୍ରେୟର ପଥ । ପ୍ରେୟପଥ ହିଁ ଅନିତ୍ୟ କ୍ଷଣସ୍ଥାୟୀ ଆପତଃ ପ୍ରତୀୟମାନ ସୁଖର ପଥ, ଯାହାର ପ୍ରତିଟି ସ୍ଥାନରେ ଭରି ରହିଥାଏ ଦୁଃଖ, ଯନ୍ତ୍ରଣା, ନିର୍ଯ୍ୟାତନା, ଲାଞ୍ଛନା, ଅପମାନ, ଚରିତ୍ର ହୀନତା, ବିବେକଶୂନ୍ୟତା, ଦୁର୍ଦ୍ଦଶା, ଦୁର୍ଭୋଗ, ଦୁର୍ଭାଗ୍ୟ, ଧୋକାବାଜି, କପଟତା, ଈର୍ଷାପରାୟଣତା, ହିଂସ୍ରତା, ପ୍ରତିଶୋଧପରାୟଣତା, ପଶୁତ୍ୱ, ଜଡ଼ତ୍ୱ, ମୂଢ଼ତା, ଅମଣିଷତା ଓ ପରିଶେଷରେ ମୃତ୍ୟୁ ବା ଆତ୍ମହତ୍ୟା । ପ୍ରକୃତ ଧର୍ମବୁଦ୍ଧି ସମ୍ପନ୍ନ ମଣିଷକୁ ସର୍ବଦା ଓ ସର୍ବଥା ସର୍ବାବସ୍ଥାରେ ପ୍ରେୟର ପଥକୁ ସର୍ବାଦୌ ପରିତ୍ୟାଗ କରିବାକୁ ହିଁ ହେବ । କାରଣ ଏହିପଥ ଅବଶେଷରେ ଦୁଃଖଦାୟକ ପରିଣତିରେ ହିଁ ପହଞ୍ଚାଇ ଦିଏ । ଏ ପଥରେ ମଣିଷର ପତନ ହେବ ହିଁ ହେବ । ଏ ପଥର ଯାତ୍ରୀ ମନୁଷ୍ୟତ୍ୱକୁ ପଶୁତ୍ୱରେ ପରିଣତ କରି ମଣିଷରୂପଧାରୀ ପଶୁଟିଏ ହୋଇଯାଏ । ଏହା ମଣିଷକୁ ପିଶାଚ, ରାକ୍ଷସ ଓ ପଶୁରେ ରୂପାନ୍ତର କରିଦିଏ ।

ମାନବ ପକ୍ଷରେ ପଶୁତ୍ୱରୁ ମାନବତ୍ୱ, ମାନବତ୍ୱରୁ ଦେବତ୍ୱ ଲକ୍ଷ୍ୟରେ ସତତ ସର୍ବଦା ଆଗେଇ ଚାଲିବା ହିଁ ସର୍ବୋତ୍ତମ ପନ୍ଥା, ସର୍ବଶ୍ରେଷ୍ଠ କର୍ତ୍ତବ୍ୟ । ଏହି ପଥ ହିଁ ଧର୍ମର ପଥ । ଏହି ପଥରେ ହିଁ ମାନବର କଲ୍ୟାଣ ନିହିତ । ଏଥିରେ ହିଁ ବିଶ୍ୱର କଲ୍ୟାଣ ନିହିତ । ଏହା ହିଁ ଶୁଭର ପଥ, ଏହା ହିଁ ମଙ୍ଗଳର ପଥ, ଏହା ହିଁ ସତ୍ୟ ପଥ । ଏ ପଥର ଯାତ୍ରୀ ସର୍ବଦା ଓ ସର୍ବଥା ନିର୍ଭୟ, ନିର୍ଭୀକ, ନିଶ୍ଚିନ୍ତ, ପ୍ରଶାନ୍ତ ଓ ନିରୁଦ୍‌ବେଗ । ଏପରି ପଥର ଯାତ୍ରୀମାନଙ୍କ ଦ୍ୱାରା ହିଁ ମାନବିକତାର ପ୍ରତିଷ୍ଠା, ବିଶ୍ୱ ଭ୍ରାତୃତ୍ୱର ପ୍ରତିଷ୍ଠା ଓ ବିଶ୍ୱ ଶାନ୍ତିର ପ୍ରତିଷ୍ଠା ସମ୍ଭବ ହେବ । ଏହି କାର୍ଯ୍ୟ ଆମ୍ଭମାନଙ୍କ ଦ୍ୱାରା କରାଇନେବା ପାଇଁ ପରମ ପ୍ରେମମୟ, ଜୀବନ ଦେବତା, ଚରମପୁରୁଷ ଠାକୁରେ ପ୍ରତୀକ୍ଷାରେ ଅଛନ୍ତି । ଅର୍ଜୁନଙ୍କ ସମେତ ପାଣ୍ଡପାଣ୍ଡବଙ୍କ ଦ୍ୱାରା ଦ୍ୱାପରରେ ଭଗବାନ ଶ୍ରୀକୃଷ୍ଣ ଯେପରି ଧର୍ମରାଜ୍ୟ ପ୍ରତିଷ୍ଠା କରାଇଥିଲେ, ସେହିପରି ଆମ୍ଭମାନଙ୍କ ଦ୍ୱାରା ଏହି ଘୋର କଳିରେ ଅବ୍ୟକ୍ତ ପୁରୁଷ ବ୍ୟକ୍ତ ରୂପରେ ଧୂଳିମାଟିର ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରାଇବାର ଆଶା ପୋଷଣ କରି ଶୁଭ ଲଗ୍ନକୁ ଅପେକ୍ଷା କରି ରହିଛନ୍ତି । ତାଙ୍କର ଇଚ୍ଛା ପୂର୍ଣ୍ଣ ହେବ ହିଁ ହେବ । ତାଙ୍କର ଇଚ୍ଛା ପୂର୍ଣ୍ଣ କରିବା ପାଇଁ ଆମ୍ଭମାନଙ୍କୁ ଉପଯୁକ୍ତ ଓ ଯୋଗ୍ୟ ହେବାକୁ ହେବ । ଆମ୍ଭମାନଙ୍କ ଦ୍ୱାରା ସତ୍‌କାର୍ଯ୍ୟ ହେଉଛି ଦେଖିଲେ ହିଁ ସେ ପରମ ସନ୍ତୋଷ ଲାଭ କରିବେ, ଆନନ୍ଦିତ ହେବେ । ତାଙ୍କୁ ସନ୍ତୋଷ ଓ ଆନନ୍ଦ ଦେବା କ'ଣ ଆମ୍ଭମାନଙ୍କର କର୍ତ୍ତବ୍ୟ ନୁହେଁ ??

# ଜିଜ୍ଞାସା : ଜିଜ୍ଞାସୁ

*ସୀମିତ ଜ୍ଞାନର ଅଧିକାରୀ ଜୀବ ଯେତେବେଳେ ଅନନ୍ତ ଅସୀମ ଜ୍ଞାନ ସାଗରର କୂଳ କିନାରା ନପାଇ ହତାଶ ହୁଏ, ଯେତେବେଳେ ତା'ର ସକଳ ଅହଂଜ୍ଞାନ ତତ୍ତ୍ୱଜ୍ଞାନର ସନ୍ଧାନ ପାଇ ବି ପାଇ ପାରେ ନାହିଁ, ସେତେବେଳେ ସେ ଗୁରୁଜ୍ଞାନର ଆଶ୍ରୟ ଲୋଡ଼େ । ଗୁରୁଜ୍ଞାନ ଅନୁସନ୍ଧାନରେ ବ୍ରତୀ ଗୁରୁ ବରଣ କରେ ଏବଂ ଗୁରୁଙ୍କ ଶ୍ରୀମୁଖରୁ ଜ୍ଞାନ ଆହରଣ ଓ ଗ୍ରହଣ କରେ । ଏହି ପ୍ରକ୍ରିୟାରେ ଶ୍ରୀଗୁରୁଗୋବିନ୍ଦ ଚରଣାଶ୍ରିତ ଜୀବ ଠାରେ ସନ୍ଦେହର ସୂତ୍ରପାତ ହୁଏ । ପୁଣି ସ୍ଥଳ ବିଶେଷରେ ଗୁରୁଜ୍ଞାନ ଅବୋଧ ହୁଏ ମଧ୍ୟ । ତହୁଁ ଜୀବ ହୁଏ ଜିଜ୍ଞାସୁ । ତା' ମନଗହନରେ ଜିଜ୍ଞାସାର ତରଙ୍ଗ ପରେ ତରଙ୍ଗ ତରଙ୍ଗାୟିତ ହୁଏ । ଜିଜ୍ଞାସୁ ଶିଷ୍ୟର ଜିଜ୍ଞାସା ମୂଳକ ପ୍ରଶ୍ନଗୁଡ଼ିକୁ ଶ୍ରୀଗୁରୁଗୋବିନ୍ଦ ଗୋଟିଏ ପରେ ଗୋଟିଏ ସମାଧାନ କରି ଚାଲନ୍ତି । ଜ୍ଞାନର ସ୍ଫୁରଣ ଘଟେ । ଅହଂଜ୍ଞାନ ବିଲୁପ୍ତ ହୁଏ । ଗୁରୁଜ୍ଞାନ ପ୍ରକଟିତ ହୁଏ । ପ୍ରକଟିତ ଗୁରୁଜ୍ଞାନ କେବଳ ଜିଜ୍ଞାସୁ ଓ ଶ୍ରୀଗୁରୁଙ୍କ ମଧ୍ୟରେ ସୀମିତ ନରଖି ଜଗତର ମଙ୍ଗଳ ଓ ବିଶ୍ୱର କଲ୍ୟାଣ ଉଦ୍ଦେଶ୍ୟରେ ପରମପ୍ରେମମୟ ଶ୍ରୀ ଗୁରୁସ୍ୱାମୀଙ୍କ ମହତ ଇଚ୍ଛାରୁ 'ଚରମ' ପୃଷ୍ଠା ମଣ୍ଡନ କରି ଆସୁଛି । ଆସନ୍ତୁ ତେବେ ପାଠ କରିବା -*

ଜିଜ୍ଞାସୁ : ମାୟା କ'ଣ ?

ଠାକୁର : ମାୟା - ଏକକୁ ଅନେକ କରିବାରେ ଯେଉଁ ତତ୍ତ୍ୱ ମଣିଷକୁ ପ୍ରେରଣା ଯୋଗାଇଥାଏ ଏବଂ ଅନେକକୁ ପୁଞ୍ଜିଭୂତ କରାଇ ଏକକ ତତ୍ତ୍ୱକୁ ନେଇ ଯାଇଥାଏ, ତାହାର ନାମ 'ମାୟା' । ଉଦାହରଣ ସ୍ୱରୂପ - ଏକ ଟଙ୍କାକୁ ବହୁ ଟଙ୍କାରେ ପରିଣତ କରିବାର ଚେଷ୍ଟା ଓ ଅନେକ ଟଙ୍କାକୁ ଠୁଳ କରି ଏକକ ସଂଖ୍ୟାକୁ ଆଣିଥାଏ, ତାହା ହେଉଛି 'ମାୟା' । ଏହି ମାୟାରୁ 'କପଟତା' ସୃଷ୍ଟି ହୋଇ ଠୁଳ ସଂଖ୍ୟାକୁ ଗୋପନ କରିଥାଏ । ଏହା ମାୟାର ଲକ୍ଷଣ । ଏଥିରୁ ଆସକ୍ତି ସୃଷ୍ଟି ହୁଏ ।

ଜିଜ୍ଞାସୁ : ଆସକ୍ତି କ'ଣ ?

ଠାକୁର : ମାୟାର ଗୋପନ ତତ୍ତ୍ୱରେ ଜଡ଼ିତ ହେବାକୁ ଆସକ୍ତି କୁହାଯାଏ । ଏହି ଆସକ୍ତି ଚିତ୍ତକୁ ଆଚ୍ଛନ୍ନ କରି 'ଅର୍ଥ' ବା 'ବିଷୟ'ର ବିନିଯୋଗରେ କୃପଣତା ସୃଷ୍ଟି କରିଥାଏ । 'ଆସକ୍ତି' ଚିତ୍ତ ବିନିଯୋଗରେ କୃପଣତା ସୃଷ୍ଟି କରିଥାଏ । 'ଆସକ୍ତ' ଚିତ୍ତ ମଣିଷ ସର୍ବଦା ସନ୍ଦେହ ଓ କୃପଣତାର କାରଣ ହୋଇଥାଏ । ଆସକ୍ତିରୁ ଭୟ ସୃଷ୍ଟି ହୁଏ ।

ଜିଜ୍ଞାସୁ : ଭୟ କ'ଣ ?

ଠାକୁର : ଆସକ୍ତ ଚିତ୍ତ ମଣିଷ ସମ୍ପଦ ହାନିର ଆଶଙ୍କା କରି ଭୟାକୁ ହୋଇଥାଏ । ଫଳତଃ ଭୟାକୁ ଚିତ୍ତ ମଣିଷର ହୃଦୟ ଗ୍ରନ୍ଥୀ ସଂକୁଚିତ ହୋଇ ସଂସାର କ୍ଷେତ୍ରରୁ ବା' ସମାଜର ସାମାଜିକ ନିୟମରୁ ଦୂରେଇ ରହିଥାଏ । ସମାଜକୁ ସନ୍ଦେହ ଦୃଷ୍ଟିରେ ଦେଖି ହୀନମନାର କାରଣ ହୋଇଥାଏ । ଭୟରୁ ହିଂସା ସୃଷ୍ଟି ହୁଏ ।

ଜିଜ୍ଞାସୁ : ହିଂସା କ'ଣ ?

ଠାକୁର : ମଣିଷକୁ ମଣିଷଠାରୁ ଯେ ଦୂରେଇ ନେଇଥାଏ, ସେହି ତତ୍ତ୍ୱର ନାମ ହିଂସା ଅଟେ । ଅନ୍ୟକୁ ନିଜଠାରୁ ଦୂରେଇ ଦେବା ଓ ନିଜେ ଅନ୍ୟଠାରୁ ଦୂରେଇ ରହିବା ହେଉଛି ହିଂସାର ଲକ୍ଷଣ । ହିଂସା ଅନ୍ୟକୁ ବଧ କରିବାର ବା ଅନ୍ୟକୁ ଧ୍ୱଂସ କରିବାର କାରଣ ଅଟେ । ହିଂସାରୁ ସୃଷ୍ଟି ହୁଏ ''ଆତ୍ମପୀଡ଼ନ'' ।

ଜିଜ୍ଞାସୁ : ଆତ୍ମପୀଡ଼ନ କିପରି ?

ଠାକୁର : ଆତ୍ମପୀଡ଼ନ - ଅନ୍ୟକୁ କଷ୍ଟ ଦେଇ 'ବା' ଦୁଃଖରେ ପକାଇ ନିଜେ ବଞ୍ଚିରହିବାର ଚେଷ୍ଟାକୁ 'ଆତ୍ମପୀଡ଼ନ' ବୋଲି ବୁଝିବାକୁ ହେବ । ଅନ୍ୟ ମୁହଁରୁ ଆହାର ଛଡାଇ ଆଣିବାର ଚେଷ୍ଟାକୁ ଆତ୍ମପୀଡ଼ନ ବୋଲି କୁହାଯାଏ । ଏହି ଆତ୍ମପୀଡ଼କ ମାନେ ହିତାହିତ ଜ୍ଞାନକୁ ଭୁଲି ସ୍ୱେଚ୍ଛାଚାରୀ ହୋଇ ଯାଇଥାଆନ୍ତି । ଅନ୍ୟକୁ ପୀଡ଼ା ଦେବାରେ ଏମାନେ ସନ୍ତୋଷ ଲାଭ କରନ୍ତି । ''ଆତ୍ମପୀଡନ' ବ୍ୟକ୍ତି ବିଷାଦ ଯୁକ୍ତ ଅଟେ ।

ଜିଜ୍ଞାସୁ : ବିଷାଦ କ'ଣ ?

ଠାକୁର : ଆତ୍ମଜ୍ଞାନକୁ ହରଣ କରି ମୂଢ଼ ଜ୍ଞାନରେ ବଶୀଭୂତ କରିଥାଏ । ମୂଢ଼ଜ୍ଞାନର ପ୍ରଭାବରେ ମଣିଷ ଭଲ ମନ୍ଦ, ନ୍ୟାୟ ଓ ଅନ୍ୟାୟ ବିଚାର କରି ନପାରି ଜୀବନର ଭାରସାମ୍ୟ ହରାଇ ଥାଏ । ବିଷାଦରୁ 'ବିକାର' ସୃଷ୍ଟି ହୁଏ ।

ଜିଜ୍ଞାସୁ : ବିକାର କିପରି ?

ଠାକୁର : ସକଳ ଭୋଗ ପଦାର୍ଥ ମଧ୍ୟରେ ଥାଇ ବିକାର ଗ୍ରସ୍ତ ମଣିଷ ଭୋଗ କରିପାରେ ନାହିଁ । ଆହାର ଥାଇ ମଧ୍ୟ ଅନାହାରରେ ରହିବାକୁ ପଡିଥାଏ । ଅମୃତମୟ ଜୀବନ 'ତିକ୍ତତା'ରେ ପରିଣତ ହୋଇ ନିସ୍ୱଭାବ ତୋଳିଥାଏ । ବିକାରରୁ ଜଡ଼ତା ସୃଷ୍ଟି ହୁଏ ।

ଜିଜ୍ଞାସୁ : 'ଜଡତା' କିପରି ?

ଠାକୁର : ଚକ୍ଷୁଥାଇ ଦେଖିପାରେ ନାହିଁ, କର୍ଣ୍ଣଥାଇ ଶୁଣିପାରେ ନାହିଁ, ଜିହ୍ୱାଥାଇ ରସ ଆସ୍ୱାଦନ କରିପାରେ ନାହିଁ । ବିଚାର ଥାଇ ବିଚାର କରିପାରେ ନାହିଁ । ଏହିପରି ତତ୍ତ୍ୱକୁ 'ଜଡ଼ତା' ବୋଲି କୁହାଯାଇଥାଏ ।

ଜିଜ୍ଞାସୁ : ଅବିଦ୍ୟାର ଶେଷ ପରିଣତି କ'ଣ ଖାଲି ଜଡତା ?

ଠାକୁର : ନାଁ ? ? ?

ଜିଜ୍ଞାସୁ : ତା'ହେଲେ ପୁଣି ଏହା ଭିତରେ ଆହୁରି କ'ଣ ଭେଦ ଅଛି ?

ଠାକୁର : ହଁ ।

ଜିଜ୍ଞାସୁ : ତା' ହେଲେ ସେ ଭେଦଟି କ'ଣ ?

ଠାକୁର : ଜ୍ଞାନ !

ଜିଜ୍ଞାସୁ : ଏ ଜ୍ଞାନଟି ପୁଣି କ'ଣ ?

ଠାକୁର : ଜଡ + ଜ୍ଞାନ = ଜଡ଼ଜ୍ଞାନ ।

ଅବିଦ୍ୟାରୁ ସିନା ଜଡ଼ତା ଆସେ, କିନ୍ତୁ ! ତହିଁରେ ଜ୍ଞାନ ଯୁକ୍ତ ହେଲେ ଅବିଦ୍ୟା ଜୀବର ଧ୍ୱଂସାଭିମୁଖୀ ନ ହୋଇ ସତ୍ତା ପୋଷଣି ହୋଇଥାଏ ।

ଜିଜ୍ଞାସୁ : ଏହି ଜ୍ଞାନ କ'ଣ, ଆପେ ଉଦୟ ହୋଇଥାଏ, ନାଁ ଏ ଜ୍ଞାନ ଉଦୟର କାରଣ ଅଛି ?

ଠାକୁର : ହଁ

ଜିଜ୍ଞାସୁ : କିପରି ?

ଠାକୁର : ଅବିଦ୍ୟାରେ ଯଦି ବିଦ୍ୟାଯୁକ୍ତ ହୁଏ, ତା'ହେଲେ ଜ୍ଞାନ ସ୍ୱତଃ ପରିସ୍ଫୁଟ ହୁଏ ।

ଜିଜ୍ଞାସୁ : ବିଦ୍ୟା ପୁଣି କ'ଣ ?

ଠାକୁର : ଅବିଦ୍ୟାକୁ ପରିଚର୍ଯ୍ୟା କରିବାର ସୂତ୍ର ହେଉଛି ବିଦ୍ୟା । ଏହି ବିଦ୍ୟାକୁ ଅଧ୍ୟାତ୍ମ-ବିଦ୍ୟା କୁହାଯାଏ ।

ଜିଜ୍ଞାସୁ : ଅଧ୍ୟାତ୍ମବିଦ୍ୟା ପୁଣି କ'ଣ ?

ଠାକୁର : ଅଧି + ଆତ୍ମା = ଅଧ୍ୟାତ୍ମା ।

ଅଧି-ଅର୍ଥାତ୍ - 'ଶରୀର'କୁ ବୁଝାଏ । ଆତ୍ମା-ଚେତନାକୁ ବୁଝାଏ । ଏହାକୁ ଆତ୍ମଚେତନା କୁହାଯାଏ । ଆତ୍ମଚୈତନ୍ୟ ଚିତ୍ତକୁ 'ଚୈତନ୍ୟଶୀଳ' କରାଇ ଅବିଦ୍ୟା ଅର୍ଜିତ ଜଡ଼ତାକୁ ସୁମାର୍ଗରେ ପରିଚାଳନା ପୂର୍ବକ ସୁନାଗରିକ କରି ଗଢ଼ି ତୋଳେ । ପରିଶେଷରେ ମଣିଷ ଜୀବନ ମୁକ୍ତ ହୋଇ ପରମ ଶାନ୍ତି ଲାଭ କରେ । ପରମ ତତ୍ତ୍ୱ ଧାରଣ ପୂର୍ବକ ପରମ ଶାନ୍ତି ଲାଭ କରେ ।

ଜିଜ୍ଞାସୁ : ତା'ହେଲେ ଏହି ବିଦ୍ୟାଟି କିପରି ଓ ଏହାର ପ୍ରଣାଳୀ ଗୁଡ଼ିକ କ'ଣ ? ଏହାର ବାସ୍ତବିକ ସ୍ଥିତି କେଉଁଠି ? ଏହାର ମୁଖ୍ୟ ଆଧାର ତତ୍ତ୍ୱ କିଏ ?

ଠାକୁର : ଗୁରୁ ହେଉଛନ୍ତି ଏହାର ଆଧାର । ସାଧନା ହେଉଛି ଏହାର ମାର୍ଗ । କର୍ମ ହେଉଛି ଏହାର ଚଳନୀ । ଶରୀର ବା' ଦେହ ହେଉଛି ଏହାର ପାତ୍ର । ଏହି ମାନଙ୍କୁ ନେଇ ବିଦ୍ୟାର 'ସୃଷ୍ଟି' ଓ କ୍ରିୟାଶୀଳ ହୁଏ ।

ଜିଜ୍ଞାସୁ : ଆଜ୍ଞା !! ବିଦ୍ୟାର ମୂଳରେ ଗୁରୁଙ୍କୁ ରଖିଛନ୍ତି । ପ୍ରତ୍ୟେକ୍ଷ ଗୁରୁବିନା ମାର୍ଗଦର୍ଶନ ସମ୍ଭବ କି ? କାରଣ ଗୁରୁ ନିର୍ବାଚନରେ 'ବା' ଗୁରୁ ପ୍ରାପ୍ତିରେ କିଛିଟା ବ୍ୟତିକ୍ରମ ଅଛି । ଉପଯୁକ୍ତ ଗୁରୁ ନ ମିଳିଲେ, ଗୁରୁବାଦରେ ଅନେକ ଦୁର୍ଘଟଣାମାନ ଘଟିଥାଏ । ଏହା କ'ଣ ସତ୍ୟ ନୁହେଁ ?

ଠାକୁର : ହଁ ,

ଜିଜ୍ଞାସୁ : ତା'ହେଲେ ଗୁରୁବାଦରେ ଏଭଳି ବ୍ୟତିକ୍ରମ ତତ୍ତ୍ୱ ଥିବାରୁ, ଗୁରୁଙ୍କୁ ବାଦ ଦେଇ ଶାସ୍ତ୍ରକୁ ମାର୍ଗ ଦର୍ଶନ ରୂପେ ଗ୍ରହଣ କରାଯାଇ ପାରିବ କି ?

ଠାକୁର : ନାଁ !

ଜିଜ୍ଞାସୁ : କାହିଁକି ?

ଠାକୁର : ଶାସ୍ତ୍ରରେ କ'ଣ ବ୍ୟତିକ୍ରମ ନାହିଁ ??


ଜିଜ୍ଞାସୁ : କିପରି ??? ଶାସ୍ତ୍ର ଏକ ପାରମ୍ପରିକ ତତ୍ତ୍ୱ ଉପରେ ଆଧାରିତ । ଶାସ୍ତ୍ରର ସୃଷ୍ଟି, ଦିବ୍ୟଦ୍ରଷ୍ଟା ଗୁରୁମାନଙ୍କ ଦ୍ୱାରା ହୋଇଥାଏ । ତାହା କାଳକ୍ରମେ ପର୍ଯ୍ୟାୟଭୁକ୍ତ ହୋଇ ଜଣକ ପରେ ଜଣେ ବ୍ୟାଖ୍ୟାକାରର ପରମ୍ପରା ସୃଷ୍ଟି ହୋଇଥାଏ । ଫଳତଃ ଶାସ୍ତ୍ରର ମୂଳତତ୍ତ୍ୱ ବିକୃତ ଭାବରେ ରୂପାନ୍ତରିତ ହୋଇ ମୂଳତତ୍ତ୍ୱକୁ ଆବୃତ୍ତ କରିଥାଏ । ଏଣୁ ଶାସ୍ତ୍ରର ମାର୍ଗ ଦୁଃସ୍ପୃତ ହୋଇ ମଣିଷକୁ 'ବା' ଜୀବକୁ ବିପଥଗାମୀ କରାଇଥାଏ ।

ଜିଜ୍ଞାସୁ : ଗୋଟିଏ ଉଦାହରଣ ଆପଣ ଦୟାକରି ଦିଅନ୍ତୁ ।

ଠାକୁର : ଯେପରି ଶାସ୍ତ୍ରରେ ସଂସାରୀ ଓ ସନ୍ୟାସୀ ଦୁଇ ପ୍ରକାରର ସାଧକ ଶାସ୍ତ୍ରରେ ଅଛି । ଶାସ୍ତ୍ରର ମୂଳତତ୍ତ୍ୱ ଦୁଃସ୍ପୃତ ହୋଇଥିବାରୁ ଜଣେ ସନ୍ୟାସ ବ୍ରତ ନେଲେ ମଧ ସନ୍ୟାସୀର ଆଦ୍ୟପ୍ରାନ୍ତଃ ନ ଜାଣିପାରି ଦୁର୍ଘଟଣାର ସମ୍ମୁଖୀନ ହୋଇଥାଏ । ଠିକ୍ ସେହିପରି - ଜଣେ ସଂସାରୀ, ସଂସାର ବ୍ରତ ନେଇଥିବାରୁ ତାହାର ଆଦ୍ୟପ୍ରାନ୍ତଃ ନ ଜାଣିପାରି ଦୁର୍ଘଟଣାର ସମ୍ମୁଖୀନ ହୋଇଥାଏ । ଏଣୁ ସନ୍ୟାସୀ ଓ ସଂସାରୀର ଜୀବନ ବିପର୍ଯ୍ୟସ୍ତ ହୋଇଥାଏ ।

କ୍ରମଶଃ....

# ସମ୍ଭବାମି ଯୁଗେ ଯୁଗେ
# ରତ୍ନବେଦୀ



## ଜନନୀ, ଜଠର, ଜରାୟୁ

ଶ୍ରୀବିଗ୍ରହ ଶ୍ରୀମନ୍ଦିର ତହିଁ ବିଜେ ହୋଇ
ସୂକ୍ଷ୍ମସୂତ୍ରେ ଦୁଃଖଶୋକ ଦେଉଅଛ ଧୋଇ,
ସବୁ କରାଇ କରୁଛ
ପୀଠେ ବିଜେ ହୋଇ ତ୍ରିଭୁବନ ବିହରୁଛ ।
ହେ ଆଦି ଅନାଦି ନିତ୍ୟ ସତ୍ୟ ସନାତନ
ଅନନ୍ତ ଅବ୍ୟକ୍ତ ବିଶ୍ୱ ଜୀବନମୋହନ,
ବିତରୁଛ ତତ୍ତ୍ୱଜ୍ଞାନ,
ନାଶିବାକୁ ପ୍ରାଣୀଠାରୁ ଯାବତ ଅଜ୍ଞାନ ।
ନିଗୂଢ଼ ନିଗମ ସୃଷ୍ଟି ରହସ୍ୟ ସକଳ
କୃପାକରି ବିତରୁଛ ଜଗତେ କେବଳ,
ବିଶ୍ୱ କଲ୍ୟାଣ-ପ୍ରସାଦ,
ନାଶିବାକୁ ସନ୍ଧିକ୍ଷଣେ ଯେତେକ ପ୍ରମାଦ ॥

*'ଯୁଗକୁ ଯୁଗ ଏହି ମତେ । ପରମାନନ୍ଦ ଏ ଜଗତେ ।' ଯୁଗ ଅନୁରୂପ ଧର୍ମ । ଯୁଗଧର୍ମର ପ୍ରତିଷ୍ଠା ପାଇଁ ସ୍ୱୟଂ ଅବ୍ୟକ୍ତ ଚରମ ପୁରୁଷଙ୍କର ମର୍ତ୍ତ୍ୟଧାମକୁ ଶୁଭାଗମନ, ମର୍ତ୍ତ୍ୟଧାମରେ ଶୁଭଅବତରଣ-ମାନୁଷୀ ତନୁରେ । ରୂପରେ ଅରୂପଙ୍କର ପ୍ରକଟ । ନାମରେ ଅନାମଙ୍କର ପରିଚୟ । ସ୍ଥୂଳରେ ସୂକ୍ଷ୍ମାତିସୂକ୍ଷ୍ମତମ କାରଣର ଅକାରଣଙ୍କର ଆବିର୍ଭାବ । ଅବ୍ୟକ୍ତ ବ୍ୟକ୍ତ ହୋଇଛନ୍ତି ଆମମାନଙ୍କ ପାଇଁ, ଆମମାନଙ୍କୁ ଅପୂର୍ବ, ଅନନ୍ୟ, ଦୁର୍ଲଭ ସୁଯୋଗ ଦେଇ । ଏହି ସୁଯୋଗ ହାତଛଡ଼ା କରିଦେଲେ ସବୁ ଗଲା, ସବୁ ସରିଲା ।*

*ପରମାନନ୍ଦ ମାଧବ ସ୍ୱୟଂ ଗୋବିନ୍ଦ ଏବଂ ଗୁରୁ । ଗୁରୁ ଗୋବିନ୍ଦ ଏକ ତନୁରେ ପ୍ରକଟିତ । ତାଙ୍କରି ପବିତ୍ର ଶ୍ରୀପାଦପଦ୍ମରେ ନିଜନିଜକୁ ସଂପୂର୍ଣ୍ଣ ସମର୍ପଣ କରି ନିଃସର୍ତ୍ତ ଶରଣାଗତ ହୋଇ ଗଲେ, ଶରଣରକ୍ଷଣ ବଳୀୟାରଭୁଜ ମହାବାହୁ ନିଜେ ହିଁ ପୀଠାସନରୁ ଅବତରି ଆସି ନିଜ ଶ୍ରୀହସ୍ତରେ ସଂସାର ସାଗରର ଅତଳଗର୍ଭରୁ ଟେକି ନେବେ କୋଳକୁ । ସତେ, କେତେ ଶାନ୍ତି, କେତେ ସନ୍ତୋଷ, କେତେ ଆନନ୍ଦ ସେ କୋଳରେ ଭରି ରହିଛି । କରୁଣା ସାଗର କରୁଣା କରି ସେହି ପଥରେ ଘେନିଯିବା ପାଇଁ ସ୍ୱହସ୍ତ ଲିଖିତ ତତ୍ତ୍ୱଜ୍ଞାନ, 'ଜନନୀ, ଜଠର, ଜରାୟୁ' ଶୀର୍ଷକରେ 'ସମ୍ଭବାମି ଯୁଗେ ଯୁଗେ' ସ୍ତମ୍ଭରେ 'ଚରମ'ର 'ରତ୍ନବେଦୀ' ପୃଷ୍ଠାରେ ଜଗତର ମଙ୍ଗଳ, ଜୀବକୁଳର ଉଦ୍ଧାର ଏବଂ ବିଶ୍ୱକଲ୍ୟାଣ ଲକ୍ଷ୍ୟରେ ସଂପାଦନାର ମହାର୍ହ ନିବେଦନ -*

ମାତାର ଅଚେତନ କ୍ରିୟା 'ସ୍ୱଚ୍ଛିନ୍ନ' ଅବସ୍ଥା ପରେ, ଏବଂ ଅର୍ଦ୍ଧ ସୁପ୍ତ ବେଳେ ମାୟାଚକ୍ରର ''ମୃଦୁରା'' କ୍ରିୟା ସଦାସର୍ବଦା ଘୂର୍ଣ୍ଣନ ଅବସ୍ଥାରେ ବୁଲି ରୁହେ । ଏହି ବୁଲିବା ସମୟରେ ସୂକ୍ଷ୍ମ ଶରୀରର କ୍ରିୟା ପିଣ୍ଡ (ଦେହ) ଯାକରେ ଟପ ଟପ ଫୋଟକିହେଲା ଭଳି ହୋଇଥାଏ । ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି 'ଧବଳ ଆଲୋକ' ବର୍ଣ୍ଣ ଅନୁଭବ କରନ୍ତି । ଯେଉଁ ଯୋଗୀମାନେ ସମାଧି ଅବସ୍ଥାରେ ରହିଥାନ୍ତି ସେମାନଙ୍କୁ ହଳଦିଆ, ଲାଲବର୍ଣ୍ଣ ମୂଳରୁ ଦେଖାଯାଏ । ସେମାନେ

ଜ୍ୟୋତି, ରୂପ, ଆଲୋକ, ଅନୁଭବ, ଜ୍ଞାନ ଦର୍ଶନ ଆଦି ଦେଖିପାରନ୍ତି । ଭାବ ସମାଧିରେ ରହିଥିବାରୁ ବାହ୍ୟଜ୍ଞାନ ଶୂନ୍ୟ ହୁଏ ଏବଂ ପୁଣି ପରବର୍ତ୍ତୀ ଅବସ୍ଥାରେ ସମାଜକୁ ଫେରି ଆସନ୍ତି । ସେମାନଙ୍କର କ୍ରୋଧ ଅବସ୍ଥାରେ ଭକ୍ତି, ଶ୍ରଦ୍ଧା ରହିଥାଏ । ଦୃଢ଼ଭାବରେ ଜ୍ଞାନ ବଶୀଭୂତ ହୋଇଗଲେ ୭/୮ଘଣ୍ଟା ଧରି ସ୍ଥିର ପିଣ୍ଡରେ ରହିଯା'ନ୍ତି । ପ୍ରତ୍ୟେକ ଚକ୍ର ମାତୃଗର୍ଭରେ ଚୈତନ୍ୟ ହୋଇଥାଏ । ଭ୍ରୂଣ ଶିଶୁ ଜନନୀ ଜଠର ଜରାୟୁରେ କିଛି ଅନୁଭବ କରିପାରେ ନାହିଁ । ତାହାର କାରଣ ହେଉଛି ''ଚୈଚ୍ଛିଭୟ'' ଯେ କି ବିଷ୍ଣୁମାୟାରେ ଦେଖାଯାଏ । ସେ ତ ସମସ୍ତଙ୍କର କାରଣ ହୋଇଥାଏ । କିଏ ପ୍ରଥମେ ବ୍ରହ୍ମାଭିଭୂତ ହୁଏ ତାପରେ ମଧ୍ୟ କିଏ ହୋଇପାରନ୍ତି । ଏହି ସମୟରେ ଯୋଗୀ ତାର କାଳଚକ୍ର ଅନୁଭବ କରି ନିରବ ଧ୍ୟାନ, ଧାରଣାରେ ରହିଯାଏ । କାଳଚକ୍ର ଅତିକ୍ରମ କରିଗଲେ ବା ପାସ୍ କରିଗଲେ ଯୋଗୀ, ମୂନିର ପିଣ୍ଡ ଗୁଡିକ, ଅଗ୍ନିବାଣ ପରି ସେମାନେ ଅନୁଭବ କରନ୍ତି । ମାଆର ଅନୁଭବ ମସ୍ତିଷ୍କ ଜରାୟୁ ଯନ୍ତ୍ରଣା ଅବସ୍ଥାରେ ରୁହେ, ଏହି ଯନ୍ତ୍ରଣାରୁ ଉପଶମ ପାଇଁ କେହି କେହି ଚିକିତ୍ସାରେ ରୁହନ୍ତି, କେହି କେହି ରୁହନ୍ତି ନାହିଁ । ଶିଶୁ ଭୂମିଷ୍ଠ ହେଲାପର୍ଯ୍ୟନ୍ତ ମା'ର ଶରୀର ସୁସ୍ଥ ରୁହେ ନାହିଁ । ବିଷ୍ଣୁମାୟାର ମାୟାଭୂତ ମାନେ, ଘୁରିବୁଲି କାରଣ ଜଗତରେ ସ୍ଥିତ ଥାନ୍ତି, କ୍ଷତି କରନ୍ତି ନାହିଁ । କ୍ରିୟା ଶୈତିନ୍ନ ମାୟାମୟରେ ଗର୍ଭସ୍ଥ ଶିଶୁ ଉତ୍ତର, ଦକ୍ଷିଣକୁ ଗୁରୁଣ୍ଡି ଗୁରୁଣ୍ଡି ଚାଲେ, ଏହି ଚାଲିବା, ଆସିବା କ୍ରିୟା ସ୍ୱୟଂଚାଳିତ ହୁଏ । ଏହି ଅବସ୍ଥାରେ ଶିଶୁ ଯାହା ନିର୍ଦ୍ଦେଶ ପାଆନ୍ତି ସେଇଆ କରନ୍ତି । କ୍ଷଣକ ସୂତ୍ରରେ ସ୍ନେହ ମମତା ବନ୍ଧନରେ ପିତାମାତାଙ୍କୁ ଇଙ୍ଗିତ ଦ୍ୱାରା ମମତା ରକ୍ଷା ହୋଇଯାଏ । ଏ ମମତା ରକ୍ଷା ଶିଶୁର ପ୍ରତି ଚକ୍ରରେ କାରଣ ଜଗତରୁ ଆଦେଶମାନ ଖସି ଆସେ । ଯେଉଁଠାରେ ପୁଣି ଥରେ ଶୟନ କକ୍ଷକୁ ଫେରି ଯିବା, ସେଠାରେ ଅବସ୍ଥା ନୀଳବର୍ଣ୍ଣ ଧାରଣ କରି ଭାସମାନ ଅବସ୍ଥାରେ ରହିଥାଏ ।

ଏହି ଭବ ସାଗର ବନ୍ଧନ ମଧ୍ୟରେ ପରମପିତାଙ୍କ ଇଚ୍ଛାମତେ କାଳବେଳ ବିଚାର ସୂତ୍ରରେ ସ୍ଥିର ହୁଏ । ଉକ୍ତ ସୂତ୍ରରେ ବିରଳ ଶିଶୁ ବର୍ତ୍ତମାନ ଆବଶ୍ୟକ ପଡୁଚି, ସେ ବିଚାର ତାଙ୍କ ଦ୍ୱାରା ସମାଧାନ ହୁଏ । ଲଲାଟରୁ ନାଭି ପର୍ଯ୍ୟନ୍ତ ଶିଶୁର ଅବସ୍ଥା ବୈଷ୍ଣବ ମାୟାଦ୍ୱାରା ଲୀଳା ସମ୍ପାଦନ ସାରି ଭୂମିଷ୍ଠ ହୁଏ । ଭୂମିଷ୍ଠ ହେବାପରେ ବୟସାନୁକ୍ରମେ ବିବେକ ବୁଦ୍ଧି ଚେତନ ସୃଷ୍ଟି ହୋଇଥାଏ ।

ବୈଷ୍ଣବ ମାୟାର ସ୍ଥାନଗୁଡିକ ଶୂନ୍ୟସ୍ଥାନ ରୁହେ ନାହିଁ । ସେ ସ୍ଥାନ ପୁଣି ପୂରଣ ହୋଇଯାଏ । ବିଷ୍ଣୁମାୟାର ''ଶ୍ରୁତିକର୍କଟ'' ମାୟା ଦେଖାଯାଏ । ଏହି ମାୟାର କାର୍ଯ୍ୟ ଶୀଘ୍ର ମାତୃଗର୍ଭକୁ ସ୍ଥାପନ କରିବାକୁ ଛାଡେ ନାହିଁ । କାରଣ ତାଙ୍କର 'ପ୍ରେତ ସମାଜ' ଅଛି । ତାଙ୍କ ସହିତ ଖେଳ କରି ସେହି ସମୟରେ ଅଟକାଇ ଦିଅନ୍ତି । ବିଷ୍ଣୁମାୟା 'ଚୈଟୀକମାୟା' ଗୁରୁଙ୍କୁ ଭେଟିଲେ ଭୟଭୀତ ହୋଇ ଯେ ଯାହା ପଥରେ ଭୟକରି ପଳାଇଯା'ନ୍ତି, ସପ୍ତଲୋକ ଭେଦର ଜଗୁଆଳି ହୋଇ ଘୁରି ବୁଲିଥାଏ । ଯେ ଯାହା ସ୍ଥାନକୁ ପଳାଇଯାନ୍ତି ଏବଂ କାର୍ଯ୍ୟରେ ମାଆର କଷ୍ଟ ଅନୁଭବ ଦେଖି, ଇଚ୍ଛାମୟଙ୍କର ଇଚ୍ଛାମତେ ବ୍ରହ୍ମଃ ସ୍ଥାନ ପା'ନ୍ତି, ଜନନୀ ଆତ୍ମ ପାଇଁ ବହୁ କଷ୍ଟ ଦୁଃଖ ସହ୍ୟ କରି ଗର୍ଭରେ ସାଇତି କରି ରଖିଥାଏ । ନିନ୍ଦା ଲାଞ୍ଛନା ଯେଉଁମାନେ ଶୁଣନ୍ତି, ଶୁଣିସାରିବା ପରେ ଚେତନ ଶିଶୁଟିର କର୍ଣ୍ଣ ଗୋଚର ଏହିଠାରେ ହୋଇଯାଏ । ଶିଶୁଟି ଶୀଘ୍ର ଆସିବା ପାଇଁ ବ୍ୟସ୍ତ ହୁଏ । ଏହାର ନିୟନ୍ତ୍ରଣ ବୈଷ୍ଣବୀମାୟା ଦ୍ୱାରା ହୋଇଥାଏ । ଏ ପିଞ୍ଜରା ମଧ୍ୟରେ ସମସ୍ତେ ଆବଦ୍ଧ ହୋଇ ରହିଥାନ୍ତି । କେହି ଖସିପାରନ୍ତି ନାହିଁ । ପୁଣି ଜନ୍ମ ହେବା ଶୟନ କରିବା ହିଁ ବୈଷ୍ଣବ ମାୟାର ''ଓଙ୍କଃବିଷ୍ଣୁ'' ମାୟା, ସୃଷ୍ଟିର ଖେଳାଳି ''ବୟଃବ୍ରହ୍ମି'' ''ଅଲୟବ୍ରହ୍ମି'' । ବୟବ୍ରହ୍ମି କୁଆଁ ଶବ୍ଦ କରେ । ଯେଉଁ ଶିଶୁ କୁଆଁ ଶବ୍ଦ କରେ, ଅଚେତନ ହୋଇ ରହିଥାଏ । ଅଲୟବ୍ରହ୍ମୀ, ଲୟଥିବା, ଧ୍ୟାନ ଥିବା ଶିଶୁ ମାତୃ ଗର୍ଭରେ ରହି ଅନୁଭବ କରିପାରେ । ଏହାକୁ ''ବ୍ରହ୍ମତ୍ରନ୍ଦ୍ରାରି'' ଭାବ କୁହାଯାଏ । ଶିଶୁ ମାତୃଗର୍ଭରୁ ଭୂମିଷ୍ଠ ହେଲେ ଭୁଲିଯାଏ ।



# କଲ୍ୟାଣ ଦେଇ ଡାକେ

ସିତରେ ! ତାଙ୍କ ସହ ନ ମିଶିଲେ, ମୁକୁଳା ଶ୍ରୀପାଦପଦ୍ମକୁ ଦର୍ଶନ ନ କଲେ, ତାଙ୍କର ମୃଦୁ ହସପୂର୍ଣ୍ଣ ଚନ୍ଦ୍ରବଦନକୁ ନ ଦେଖିଲେ, ଥିରିଥିରି କଥା ଓ ଗୁପ୍ତଲୀଳାମୟ ଗାଥା ଶ୍ରବଣ ନକଲେ ମନେ ହେଉଛି ଯେପରି ଏ ଜନ୍ମ, ଜୀବନ ବୃଥା ହୋଇଗଲା । ଗୋଲୋକଧାମର ସମସ୍ତ ବୈଭବ ତୁଚ୍ଛ କରି ସର୍ବତ୍ୟାଗୀ ମଉନ ସନ୍ନ୍ୟାସୀ ରୂପରେ ସେ ଆଜି ଧାଇଁ ଆସିଛନ୍ତି ମର୍ତ୍ତ୍ୟ ଧାମକୁ । କ'ଣ ତାଙ୍କର ଅଭାବ ଥିଲା ? ସେ ଆସିଛନ୍ତି କେବଳ ଆମରି ମାନଙ୍କ ପାଇଁ । ଯେଉଁମାନେ ପରମାର୍ଥର ସଂଜ୍ଞା ମଧ ଜାଣନ୍ତି ନାହିଁ । ଧ୍ୟାନ, ଜପ, ତପ, ପ୍ରାର୍ଥନା, ପ୍ରଣାମ କିଛି କରନ୍ତି ନାହିଁ, କିନ୍ତୁ ସୃଷ୍ଟିର ନିଷ୍ଠୁର ନିୟମ ଅନୁସାରେ ଅଷ୍ଟାଙ୍ଗ ସାଧନ ବିନା ଜନ୍ମ-ମୃତ୍ୟୁଚକ୍ର ଅତିକ୍ରମ କରିବା ଆଦୌ ସମ୍ଭବ ନୁହେଁ । କଲ୍ୟାଣମୟ, ଶୁଭାକାଂକ୍ଷୀ ପରମପିତା ସେ । ତେଣୁ ସରଳ ସୂତ୍ରରେ ଜଟିଳ ଯୋଗ କରାଇ ତହିଁର ଫଳ ସ୍ୱରୂପ ନିଜେ ହାତଧରି ବ୍ରହ୍ମସ୍ୱାଦୁ ଉପଲବ୍ଧି କରାଇଦେବା ପାଇଁ ସେ ଓହ୍ଲାଇ ଆସିଛନ୍ତି ଏବଂ ପ୍ରତ୍ୟକ୍ଷ ଭାବରେ କଲ୍ୟାଣ ପ୍ରଦାନ ସହ ଆହ୍ୱାନ କରୁଛନ୍ତି ।

ଚନ୍ଦନ ଫୁଲରେ ପୂଜିଲେ ତୁମକୁ
ତୁମେ ତ ହେଉନା ଖୁସି ।
କାନ୍ଦି କାନ୍ଦି ଲୁହ ସରିଲେ ବି ତୁମେ
ନୀରବେ ରହୁଛ ବସି ।

କୁହ ତେବେ ସ୍ୱାମୀ ଆହେ ଅନ୍ତର୍ଯ୍ୟାମୀ
କେଉଁ ଭାବେ ସଜ ହେବି ?
ଗୋପୀକା ଭାବରେ ଅବା ଯଦି ଚାହଁ
କେଉଁଠୁ ତାହା ପାଇବି ?

ତୁମ ଇଚ୍ଛା ବିନା ପତ୍ର ନ ହଲଇ
ଚକ ନ ଚଳଇ ହାତେ
ଏ ଶରୀର ଯନ୍ତ୍ର କିପରି ଚାଲିବ
କୁହ ମୋତେ ପ୍ରାଣପତେ ।।

# କଲ୍ୟାଣ ଦେଲି ତୋତେ

'ଚରମ' ରେ ଧନ ମୋର ଧର୍ମର ନନ୍ଦନ ।
କହୁଛି ଗୂଢ ରହସ୍ୟ ସ୍ଥିର କର ମନ ॥୧॥
ବାୟୁ ପଞ୍ଚଗୁଣ ମଧ୍ୟୁ ଚତୁର୍ଥ କହିଛି ।
ପଞ୍ଚମ ଗୁଣ 'କ୍ଷେପଣ' ବର୍ଣ୍ଣନା କରୁଛି ॥୨॥
ଶରୀରରୁ ଯେଉଁବସ୍ତୁ ନିର୍ଗତ ହେଉଛି ।
'କ୍ଷେପଣ' ଗୁଣ ହିଁ ତାହା ସଫଳ କରୁଛି ॥୩॥
ଟେକାଟିଏ ହସ୍ତେ ଧରି ଦୂରେ ଫିଙ୍ଗିଦେଲେ ।
ବାୟୁର 'କ୍ଷେପଣ' ଗୁଣ ଟେକା ନେଇଗଲେ ॥୪॥
ମୁଖ ଗହ୍ୱରରୁ ଲାଳ, ଛେପ, ବାନ୍ତି ଝରେ ।
ଏହି କ୍ରିୟା ମଧ୍ୟ ବାୟୁ 'କ୍ଷେପଣ' ହିଁ କରେ ॥୫॥
ସମ୍ଭୋଗ ବା କାମନାରେ ବୀର୍ଯ୍ୟ ପାତ ହୁଏ ।
'କ୍ଷେପଣ' ଦ୍ୱାରା ହିଁ ଏହା ସଂଗଠିତ ହୁଏ ॥୬॥
ମନ ମଧ୍ୟେ ଶବ୍ଦ, ନାଦ, ଭାଷା ସୃଷ୍ଟି ହୁଏ ।
'କ୍ଷେପଣ' କ୍ରିୟାରେ ତାହା ବାହାରକୁ ଯାଏ ॥୭॥
କ୍ରୋଧ ଯୁକ୍ତ ହୋଇ ଜୀବ ଯେ ପ୍ରହାର କରେ ।
ବାୟୁର 'କ୍ଷେପଣ' ଗୁଣ ତହିଁରେ ପ୍ରସରେ ॥୮॥
ସପ୍ତସ୍ୱର ପିଣ୍ଡମଧ୍ୟେ କରେ ଗୁଞ୍ଜରଣ ।
କଣ୍ଠ, ଦନ୍ତ, ଜିହ୍ୱା, ପାଟି କରେ ଉଚ୍ଚାରଣ ॥୯॥
ଏହି ଉଚ୍ଚାରଣ କ୍ରିୟା 'କ୍ଷେପଣ'ର ଅଂଶ ।
'କ୍ଷେପଣ'ରେ ନିଷ୍କାସନ ଅଟଇ ନିଶ୍ୱାସ ॥୧୦॥
ସ୍ୱେଦ, ମଳ, ମୂତ୍ର, ପୂଜ, ରକ୍ତ ଆଦି ଯେତେ ।
ଶରୀରରୁ ଲୋମ ଅବା ନିର୍ଦ୍ଧାରିତ ପଥେ ॥୧୧॥
'କ୍ଷେପଣ' କ୍ରିୟାରେ ତାହା ନିର୍ଗତ ହୁଅଇ ।
ଏହି ସୂକ୍ଷ୍ମ ଅଲୌକିକ କେହି ନ ଜାଣଇ ॥୧୨॥
ଯଦି ସେହି ବସ୍ତୁ ପିଣ୍ଡୁ ବାହାର ନହେବ ।
ପିଣ୍ଡକୁ ଦୂଷିତ କରି ନଷ୍ଟ କରି ଦେବ ॥୧୩॥
ତୋ ଶରୀର ରକ୍ଷା ପାଇଁ ତୋର ଅଜ୍ଞାତରେ ।
କେତେ କଲ୍ୟାଣ ଝରୁଛି ମନେ ଭାବ ଥରେ ॥୧୪॥
ଏହା କ'ଣ ନୁହେଁ ପିତା ଅଲୌକିକ ଲୀଳା ?
ନଜାଣି ନବୁଝି କିମ୍ପା ହେଉଛୁ ବାଉଳା ॥୧୫॥
ବାୟୁ ଗୁଣ ପିଣ୍ଡମଧ୍ୟେ କେଉଁ କର୍ମ କରେ ।
କହିଲି ବୁଝାଇ ତୋତେ ଅତି ସଂକ୍ଷେପରେ ॥୧୬॥
ଏହାର ବିସ୍ତୃତ ରୂପ କହି ନ ହୁଅଇ ।
କେବଳ ସାଧନେ ଅନୁଭବକୁ ଆସଇ ॥୧୭॥
ବାୟୁପରି ଜଳମଧ୍ୟ ପଞ୍ଚଗୁଣ ଧରି ।
ରହିଅଛି ବ୍ରହ୍ମାଣ୍ଡରେ ତୋ ପିଣ୍ଡ ଆବୋରି ॥୧୮॥
ସେହି ପଞ୍ଚଗୁଣ ନାମ ବର୍ଣ୍ଣନା କରୁଛି ।
ପିଣ୍ଡେ ଜଳ ତତ୍ତ୍ୱଜ୍ଞାନ ବୁଝାଇ ଦେଉଛି ॥୧୯॥
ପ୍ରଥମରେ 'ଶୁକ୍ର' ଦ୍ୱିତୀୟରେ ଅଟେ ମଜ୍ଜା ।
ତୃତୀୟେ 'ଶୋଣିତ' ଚତୁର୍ଥରେ ମଳ ସଜା ॥୨୦॥
ପଞ୍ଚମ କାରଣୁ ମୂତ୍ର ସୃଷ୍ଟି ହୋଇଥାଏ ।
ତୋହରି ପିତା ଇଚ୍ଛାରେ ସଂଚାଳିତ ହୁଏ ॥୨୧॥
ଏଥରକ ଏହିଠାରେ ରହୁଛିରେ ଧନ ।
କଲ୍ୟାଣ କରୁଛି ସ୍ଥିର ହେଉ ତୋର ମନ ॥୨୨॥

ତୋର ମଙ୍ଗଳାକାଂକ୍ଷୀ

# କେଶବ କୈବଲ୍ୟ କଣିକା

୧. ପଦବୀ ହେଉଛି ଶରୀରର ସୁରକ୍ଷା କବଚ । ତେଣୁ ପଦବୀ ପାଇଁ ସାଧାରଣତଃ ଲାଳାୟିତ ଭାବ ରହିବ । ପ୍ରତ୍ୟେକଙ୍କ ଭିତରେ ଏହି ଭାବ ରହିଛି । ଏହା ସ୍ୱଭାବିକ ।

୨. ଯିଏ କାନ୍ଦେ ସେ ଜାଣିପାରେନା ତା' କାନ୍ଦ ଶୃଙ୍ଖଳା କାନ୍ଦ ନା ଓଦା କାନ୍ଦ । କାନ୍ଦୁଥିବା ଲୋକ ଏହା ଜାଣିପାରେନା ।

୩. ମନରେ ଆର୍ତ୍ତି ସୃଷ୍ଟି ହୋଇ ଖୋଜିବାର ବ୍ୟାକୁଳତା ଆସିଲେ, ଗୁରୁ ଖୋଜୁ ଖୋଜୁ ନିଶ୍ଚୟ ପାଇବ । ବର୍ତ୍ତମାନ ସମୟରେ ଅନେକ ଅନେକ ଗୁରୁ ବଢାଉଛନ୍ତି । କାହା ପାଖକୁ ଯିବ ??

୪. ମା' ଶ୍ରେଷ୍ଠ ହେଲେ ମଧ୍ୟ ମା' କୁଉପଦେଶ ଦେଲେ ତାହା ଗ୍ରହଣ କରିବା ଉଚିତ୍ ନୁହେଁ । ଉପଦେଶ ନମାନିଲେ ବା ପାଳନ ନକଲେ, ଅଭିଶପ୍ତ ହେବ ନାହିଁ, କିନ୍ତୁ କୁଉପଦେଶ ମାନି କୁମାର୍ଗରେ ଗଲେ, ଅଭିଶପ୍ତ ନିଶ୍ଚୟ ହେବ ।

୫. ମନ୍ଦିରର ମୂର୍ତ୍ତିପୂଜା ହେଉଛି ଧର୍ମ ପଥରେ ଅଗ୍ରସର ହେବାର ପ୍ରାଥମିକ ଅବସ୍ଥା ।

୬. ଗୁରୁଙ୍କର ବୋଲ ମାନି ଚାଲିଲେ ସବୁ ସୁବିଧା, ନ ମାନିଲେ ସବୁ ଅସୁବିଧା ।

୭. ସନ୍ନ୍ୟାସଧର୍ମ ଓ ଗୃହସ୍ଥଧର୍ମ ମଧ୍ୟରୁ କୌଣସିଟି ଶ୍ରେଷ୍ଠ ବା କୌଣସିଟି ନିକୃଷ୍ଟ ନୁହେଁ । ସବୁ ପ୍ରକାର ଧର୍ମ ମହତ୍ତ୍ୱ ରହିଛି । ସନ୍ନ୍ୟାସ କ୍ଷେତ୍ରରେ ସନ୍ନ୍ୟାସ ଧର୍ମ ଏବଂ ସଂସାର କ୍ଷେତ୍ରରେ ଗୃହସ୍ଥଧର୍ମ ଉଭୟହିଁ ଶ୍ରେଷ୍ଠ ।

୮. ଗୁରୁଦ୍ୱାରକୁ ଆସି ଗୁରୁଙ୍କ କଥା ପ୍ରତି ବା ଗୁରୁଙ୍କ କର୍ମଧାରା ପ୍ରତି ଯେ ସନ୍ଦେହ କରେ, ସେ ହିଁ ପ୍ରକୃତ ଚୋର, ଡକାୟତ, ଖଣ୍ଡ ଓ ତସ୍କର । ଋକ୍‌ବେଦରେ ଏହାର ପ୍ରମାଣ ରହିଛି ।

୯. ତୁମେ ଯାହା ବିରୁଦ୍ଧରେ କହିବ, ଆମେ ତା'କୁ ଅତି ଭଲପାଉଁ । ତା'ରି ମାଧ୍ୟମରେ ସମସ୍ତକାମ କରାଇନେବୁ । ତାହା ଏହିକ୍ଷେତ୍ରର ନିୟମ । କାରଣ ତା'ର ମନ୍ଦଗୁଣ ମଧ୍ୟରେ ଭଲଗୁଣ ମଧ୍ୟ ରହିଛି । ଆମେ ସେହି ଭଲଗୁଣକୁ ଦେଖୁଁ ।

୧୦. ଧର୍ମର ୮୪(ଚୌରାଶି) ଅଙ୍ଗ । ସେଥି ମଧ୍ୟରୁ ୬୪ (ଚଉଷଠି) ଅଙ୍ଗ ଜଣାଯାଏ । ଅବଶିଷ୍ଟ ୨୦ (କୋଡ଼ିଏ) ଅଙ୍ଗ ଗୁପ୍ତ ।

୧୧. ଅଧିକାଂଶ ଗୁରୁଅଙ୍ଗ ଏବଂ ସାଧୁସନ୍ଥ ଧରାପୃଷ୍ଠରେ ଅନେକ ଉପଦେଶ/ତତ୍ତ୍ୱବାଣୀ ଦେଇ ଯାଇଅଛନ୍ତି । କିନ୍ତୁ ସେମାନେ ନିଜ ନିଜର ପର୍ଯ୍ୟାୟରେ ଥାଇ ନିଜସ୍ୱ ଅନୁଭୂତିରୁ ସେ ସକଳବାଣୀ ଦେଇଅଛନ୍ତି । ତେଣୁ ସାଧାରଣ ଜନଜୀବନରେ ସେହି ବାଣୀ ଗୁଡ଼ିକ ଜନସାଧାରଣଙ୍କୁ ଅସୁବିଧାରେ ପକାଉଛି ।

୧୨. ଅନେକଙ୍କର ଇନ୍ଦ୍ରିୟ ନିଷ୍କ୍ରିୟ ହୋଇ ପଡ଼ିଥାନ୍ତି । ମାତ୍ର ଦୈବାତ୍ ବିଷୟ ଆସି ନିକଟରେ ଉପନୀତ ହେଲେ, ଯେଉଁ ବ୍ୟକ୍ତି ବିଷୟକୁ ଆଦରିନେଇ ଉପଭୋଗ କରେ ନାହିଁ, ବୁଝିବାକୁ ହେବ, ସେ ପ୍ରକୃତରେ ଆୟତ୍ତାଧୀନ ଏବଂ ସେହି ସାଧକ ହିଁ ବାସ୍ତବରେ ନିସ୍ପୃହ ଅଟନ୍ତି । ସାବଧାନ ! ଇନ୍ଦ୍ରିୟମାନଙ୍କୁ ସହଜରେ ବିଶ୍ୱାସ କର ନାହିଁ ।

୧୩. ବୈଶାଖ ଓ ଜ୍ୟେଷ୍ଠ ମାସର ପ୍ରଚଣ୍ଡ ସୂର୍ଯ୍ୟତାପରେ ପୋଖରୀ ଶୁଖିଯାଏ, ପଙ୍କ ଶୁଖି ଫାଟି ଯାଇଥାଏ । ସେହି ଶୁଖିଲା ପଙ୍କରେ ବେଙ୍ଗମାନେ ଶୁଖି ନିର୍ଜୀବ ହୋଇ ରହିଥାଆନ୍ତି । ଅସରାଏ ବେଶ୍ କରି ବର୍ଷାପାଣି ପାଇଲେ, ନୂତନ ଜୀବନ ନେଇ ଆନନ୍ଦ ଉଲ୍ଲାସରେ ମାତି ଉଠନ୍ତି । ଠିକ୍ ସେହିପରି ଅଭ୍ୟାସର ଚାପରେ ଚିପି ହୋଇ ରହିଥିବା ଧୂର୍ତ୍ତ ଇନ୍ଦ୍ରିୟମାନେ, ସାମାନ୍ୟତମ ସୁଯୋଗ ସୁବିଧା ପାଇଲେ, ମୁଣ୍ଡଟେକି ନୂତନ ବଳବୀର୍ଯ୍ୟରେ ତୁମକୁ ଅଚାନକ ମାଡ଼ି ବସିବେ । ବାର ବର୍ଷର ସାଧନା ସାମାନ୍ୟତମ ଅସାବଧାନତା, ଅସତର୍କତା, ଅଚେତନତା ଓ ସୁପ୍ତାବସ୍ଥା ମାଟିରେ ମିଶିଯିବ । ତୁମେ ସର୍ବସ୍ୱାନ୍ତ ହୋଇଯିବ । ସାବଧାନ, ଖୁବ୍ ସାବଧାନ ।

୧୪. ଆଧ୍ୟାତ୍ମିକ ଏବଂ ଧାର୍ମିକ ସେବାସଂସ୍ଥା ଗୁଡ଼ିକ ସାମ୍ପ୍ରତିକ ସମୟରେ ଚିନ୍ତା, ବାକ୍ୟ ଏବଂ କାର୍ଯ୍ୟରେ ସମତା ବା ଭାରସାମ୍ୟ ରକ୍ଷା କରିପାରୁ ନଥିବା ହେତୁ, ଅଧିକାଂଶ ସଂସ୍ଥାରେ ବିଭିନ୍ନ ପ୍ରକାରର ଏବଂ ଭିନ୍ନ ଭିନ୍ନ ମାତ୍ରାର ଭ୍ରଷ୍ଟାଚାର, ଭଣ୍ଡାମି ଏବଂ ଆର୍ଥିକ, ମାନସିକ ଓ ନିଷ୍ପତ୍ତିମୂଳକ ବିଶୃଙ୍ଖଳା ଉଣାଧିକେ ପରିଲକ୍ଷିତ ହେଉଅଛି ।

୧୫. ଯେଉଁଠି ସୃଷ୍ଟି ରହିଛି, ସେଠାରେ ସ୍ଥିତି ମଧ ରହିଛି, ଅବଶେଷରେ ତା'ର ବିଲୟ ମଧ ଅବଶ୍ୟମ୍ଭାବୀ । ସ୍ଥୂଳଜଗତର ଏହା ହିଁ ରହସ୍ୟ, ଏହା ହିଁ ଅନନ୍ତ ଲୀଳା । କାରଣ, ଏହାର ଆଦି ନାହିଁ କି ଅନ୍ତ ମଧ ନାହିଁ । ଏ ଲୀଳା ରହସ୍ୟମୟ ।

୧୬. ଆମେ ସମସ୍ତେ ପ୍ରତି ମୁହୂର୍ତ୍ତରେ ବିନାଶ ବା ବିଲୟ ଦିଗରେ ଦ୍ରୁତଗତିରେ ଧାବମାନ । ନୁହେଁ କି ? ତଥାପି ଆମ୍ଭମାନଙ୍କର ମାୟାମୋହର ଅନ୍ତନାହିଁ । ଲାଳସାର ଶେଷ ନାହିଁ । ଇନ୍ଦ୍ରିୟପରାୟଣତାର ସୀମା ହିଁ ନାହିଁ । ଏହା ହିଁ ସର୍ବଶ୍ରେଷ୍ଠ ବିଡ଼ମ୍ବନା ।

୧୭. ଦାନବସ୍ତୁ ବିକ୍ରୟ କରାଯାଏ ନାହିଁ । ବିକ୍ରୟ କଲେ, ନିଶ୍ଚୟ ଅସୁବିଧା ଭୋଗିବ ହିଁ ଭୋଗିବ ।

୧୮. ଅଲୌକିକ ଲୀଳାର ନିର୍ଯ୍ୟାସକୁଧରି ତା'ର ବାସ୍ତବ ତତ୍ତ୍ୱକୁ ଧରି ନ ପାରିଲେ, ବିକାରଗ୍ରସ୍ତ ହୋଇଯିବା ସହଜ ।

୧୯. ମୁକ୍ତି ସାତପ୍ରକାର । ପ୍ରେମଭକ୍ତି ହେତୁ ପ୍ରାପ୍ତ ମୁକ୍ତିରେ ପ୍ରତ୍ୟେକ ସ୍ତର ଅନୁଭବ କରି ଯାଇପାରିବ ।

୨୦. ଜଣେ ସିଦ୍ଧ ସାଧୁ ହେବା କଠିନ । ଜଣେ କର୍ମଯୋଗୀ ଯୋଗାଭ୍ୟାସ ସାଧନ କରୁ କରୁ ସାଧୁ ହେବା କିନ୍ତୁ ସହଜ ।

# ନୀଳଚକ୍ର ଚରମର ସଂକେତ

## କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ

ମକର ଦି୧୨ନ, ମାଘ ଦି୩ନ, ମଙ୍ଗଳବାର :

ଇଂରାଜୀ ତା ୨୫.୦୧.୨୦୧୧ ଠାରୁ ତା ୨୯.୦୧.୨୦୧୧ରିଖ ପର୍ଯ୍ୟନ୍ତ

ସ୍ଥାନ : କ୍ଷିତିଜ୍ୟୋତିଃ ଆଶ୍ରମ ଶାଖା, ଦୋଳପଡ଼ିଆ, ଝୁମ୍ପୁରା, ଜିଲ୍ଲା : କେନ୍ଦୁଝର, ଓଡ଼ିଶା ।

ମାଘ ଶୁକ୍ଳାଷଷ୍ଠୀ ଠାରୁ ମାଘ ଶୁକ୍ଳା ଷଟ୍‌ତିଳା ଏକାଦଶୀ ପର୍ଯ୍ୟନ୍ତ

ଓଁ

'ଏତଦ୍ ପରଂ ପ୍ରପଶ୍ୟାମୋ ନ ପରଂ ତେ ମହେଶ୍ୱର ।
ମୃଢ଼ନାୟ ହି ଲୋକସ୍ୟ ବ୍ୟକ୍ତିସ୍ତେଢ଼ବ୍ୟକ୍ତ କର୍ମଣଃ ।।'

ଅର୍ଥତଃ : ହେ ପ୍ରଭୁ ! ଆମ୍ଭେମାନେ ତ କେବଳ ଆପଣଙ୍କର ଏହି ଲୀଳାବିହାରୀ ରୂପକୁ ଦେଖିବାରେ ଲାଗିଛୁଁ । କିନ୍ତୁ ଆପଣଙ୍କର ପରମ ଓ ଚରମ ସ୍ୱରୂପକୁ ଆମ୍ଭେମାନେ ଜାଣି ନାହୁଁ । ହେ ମହେଶ୍ୱର ! ଯଦିଓ ଆପଣଙ୍କର ଲୀଳା ଅବ୍ୟକ୍ତ, ତଥାପି ମଧ୍ୟ ସଂସାରର କଲ୍ୟାଣ କରିବା ଇଚ୍ଛାରେ ଆପଣ ବ୍ୟକ୍ତ ରୂପରେ ଅବସ୍ଥାନ କରୁଅଛନ୍ତି ।

'ମନ୍ୟେ ଧନାଭିଜନରୂପତପଃ ଶ୍ରୁତୌଜ -
ସ୍ତେଜଃ ପ୍ରଭାବବଳ ପୌରୁଷବୁଦ୍ଧିଯୋଗାଃ ।
ନାରାଧନାୟ ହି ଭବନ୍ତି ପରସ୍ୟ ପୁଂସୋ
ଭକ୍ତ୍ୟା ତୁତୋଷ ଭଗବାନ୍ ଗଜଯୂଥପାୟ ।।'

ଅର୍ଥତଃ :- ମନେ କରୁଛି ଯେ, ଧନ, କୁଳୀନତା, ରୂପ, ତପ, ବିଦ୍ୟା, ଓଜଃ, ତେଜ, ପ୍ରଭାବ, ବଳ, ପୌରୁଷ, ବୁଦ୍ଧି ଓ ଯୋଗ - ଏସବୁ ମଧ୍ୟରୁ କୌଣସି ଗୁଣ ପରମପୁରୁଷ ଚରମନାଥ ପରମପିତାଙ୍କୁ ସନ୍ତୁଷ୍ଟ କରିବାକୁ ସମର୍ଥ ନୁହେଁ, କିନ୍ତୁ କେବଳ ମାତ୍ର ଭକ୍ତି ତାହା କରିବାକୁ ସଂପୂର୍ଣ୍ଣ ସମର୍ଥ - ଭକ୍ତି ହେତୁ ତ ଭଗବାନ ଗଜେନ୍ଦ୍ର ଉପରେ ବି ସନ୍ତୁଷ୍ଟ ହୋଇଯାଇଥିଲେ ।

'ତଦ୍ ତେଽର୍ହତ୍ତମ ନମଃସ୍ତୁତିକର୍ମପୂଜାଃ
କର୍ମ ସ୍ମୃତିଶ୍ଚରଣୟୋଃ ଶ୍ରବଣଂ କଥାୟାମ୍ ।
ସଂ ସେବୟା ତ୍ୱୟି ବିନେତି ଷଡ଼ାଙ୍ଗୟା କିଂ
ଭକ୍ତିଂ ଜନଃ ପରମହଂସଗତୌ ଲଭେତ ।।'

ଅର୍ଥତଃ : ହେ ପରମପୂଜ୍ୟ ! ଆପଣଙ୍କ ସେବାର ଛଅଗୋଟି ଅଙ୍ଗ ରହିଛି, ଯଥା - ନମସ୍କାର, ସ୍ତୁତି, ସକଳକର୍ମ ସମର୍ପଣ, ସେବାପୂଜା, ପାଦପଦ୍ମ ଚିନ୍ତନ ଏବଂ ଲୀଳାକଥା ଶ୍ରବଣ । ଏପରି ଷଡ଼ାଙ୍ଗ ସେବା ବିନା ଆପଣଙ୍କର ଚରଣକମଳରେ ଭକ୍ତି କିପରି ମିଳିପାରିବ ! ଏବଂ ଭକ୍ତି ବିନା ଆପଣ ବା କିପରି ମିଳିପାରିବେ ! ଆପଣ ତ ହେଉଛନ୍ତି ଆପଣଙ୍କର ପରମପ୍ରିୟ ଭକ୍ତଜନମାନଙ୍କର ଏବଂ ପରମହଂସମାନଙ୍କର ସର୍ବସ୍ୱ ॥

**'ଓଁ ନମୋ ଭଗବତେ ତସ୍ମୈ ଯତ ଏତଚ୍ଚିଦାତ୍ମକମ୍ ।**

**ପୁରୁଷାୟାଦିବୀଜାୟ ପରେଶାୟାଭିଧୀମହି ॥'**

ଅର୍ଥତଃ - ଯିଏ ଜଗତର ମୂଳକାରଣ ଏବଂ ସମସ୍ତଙ୍କ ହୃଦୟରେ ପୁରୁଷରୂପେ ବିରାଜମାନ ଏବଂ ସମସ୍ତ ଜଗତର ଏକମାତ୍ରସ୍ୱାମୀ - 'ଗୁରୁସ୍ୱାମୀ' - ଯାହାଙ୍କ ହେତୁ ଏହି ସଂସାରରେ ଚୈତନ୍ୟର ବିସ୍ତାର ହୋଇଥାଏ, ସେହି ଭଗବାନଙ୍କୁ ମୁଁ ନମସ୍କାର କରୁଅଛି, ମୁଁ ଭାବର ସହିତ ତାହାଙ୍କୁ ଧ୍ୟାନ କରୁଛି ॥

**'ତସ୍ମୈ ନମଃ ପରେଶାୟ ବ୍ରହ୍ମଣେଦନନ୍ତଶକ୍ତୟେ ।**

**ଅରୂପାୟୋରୁରୂପାୟ ନମ ଆଶ୍ଚର୍ଯ୍ୟ କର୍ମଣେ ।'**

ଅର୍ଥତଃ : ସେହି ଅନନ୍ତଶକ୍ତିମାନ ସର୍ବୈଶ୍ୱର୍ଯ୍ୟମୟ ପରଂବ୍ରହ୍ମ ପରମାତ୍ମା ଚରମପୁରୁଷଙ୍କୁ ମୁଁ ନମସ୍କାର କରୁଅଛି । ସେ ଅରୂପ ହୋଇ ମଧ୍ୟ ବହୁରୂପ । ତାଙ୍କର କର୍ମ ବଡ଼ ଆଶ୍ଚର୍ଯ୍ୟମୟ । ମୁଁ ତାଙ୍କର ପାଦପଦ୍ମରେ ପ୍ରଣାମ ନିବେଦନ କରୁଅଛି ॥

ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!

ଓଁ ନମୋ ଭଗବତେ ଚରମନାଥାୟ !

**କେନ୍ଦୁଝର ଜିଲ୍ଲାର ଝୁମ୍ପୁରା** । ଆଜି ଆମ୍ଭେମାନେ କେନ୍ଦୁଝର ଜିଲ୍ଲା ସଂପର୍କରେ ଜାଣୁଛୁ । ଜାଣୁଛୁ ଝୁମ୍ପୁରା ବିଷୟରେ । କିନ୍ତୁ ଦିନଥିଲା, ଯେତେବେଳେ କେନ୍ଦୁଝର ବୋଲି ଜିଲ୍ଲା ହିଁ ନଥିଲା । ନଥିଲା ଝୁମ୍ପୁରା । ଥିଲା କେବଳ ନିଘଞ୍ଚ ଅରଣ୍ୟ । ଶ୍ୱାପଦସଙ୍କୁଳ ଘଞ୍ଚ ଅରଣ୍ୟାନୀ । ହିଂସ୍ର ବନ୍ୟଜନ୍ତୁ ପରିପୂର୍ଣ୍ଣ ନିବିଡ଼ ବଣଜଙ୍ଗଲ ସୁବିସ୍ତୃତ ଥିଲା । ଜନବସତି ପ୍ରାୟତଃ ନଥିଲା । କେବେ କେଉଁଠି ଜଙ୍ଗଲୀ ଶବରଦଳ ଧନୁତୀର ଧରି ବଣୁଆପଶୁପକ୍ଷୀ ଶୀକାର ଉଦ୍ଦେଶ୍ୟରେ ବନଭୂମିରେ ବିଚରଣ କରୁଥିଲେ । ସେ କାହିଁ କେତେ ଦୂର ଅତୀତର କଥା । ଆଜି ସେ କଥା ଆମ୍ଭେ କଳ୍ପନା ସୁଦ୍ଧା କରିବାକୁ ଅକ୍ଷମ । ଅତୀତର ସେ ମହନୀୟ ଗାଥା ଅନ୍ଧକାର ଅତୀତରେ ଥିଲା । କିଏ ଜାଣିଥିଲା ଏ ଗାଥାର କଥା ! ମହାପ୍ରଭୁ ଗୁରୁସ୍ୱାମୀ ଠାକୁରେ ଅପେକ୍ଷା କରି ମଉନ ହୋଇ ବସିଥିଲେ ଚୁପ୍‌ଚାପ୍ । କେବେ ଆସିବ ସେହି ଶୁଭଦିନ !

ଗଡ଼ିଚାଲିଥିଲା କାଳର ଚକ । ବହି ଚାଲିଥିଲା ସମୟର ସୁଅ । ଯଥା ସମୟ ଆସି ପହଞ୍ଚିଲା । ପ୍ରଭୁ ମାଳିକା ମତେ ଦିନ, ବାର, ତିଥି, ନକ୍ଷତ୍ର ସ୍ଥିର କରିଦେଲେ । କ୍ଷିତିଜ୍ୟୋତିଃ ଶାନ୍ତି ଯଜ୍ଞ ହେବ । ହେବ କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ଠାରେ, ଦୋଳ ପଡ଼ିଆରେ । ସ୍ତବ୍ଧ ଚକିତ ହୋଇଗଲେ ଭକ୍ତବୃନ୍ଦ । ସତରେ, ଏଡ଼େ ଭାଗ୍ୟ ଆମର ! ଝୁମ୍ପୁରାର ଏହି ପବିତ୍ର ପଡ଼ିଆରେ ଅନୁଷ୍ଠିତ ହେବ ମହାନ ଯଜ୍ଞ - କ୍ଷିତିଜ୍ୟୋତିଃ ଶାନ୍ତି ଯଜ୍ଞ । ଯେଉଁ ଯଜ୍ଞର ମହତ୍ତ୍ୱ ଅଶେଷ । ଏହି ଯଜ୍ଞରେ ଆହୁତି ପ୍ରଦାନ, ଯଜ୍ଞାଗ୍ନି ଶିଖା ଦର୍ଶନ କଲେ, ଯଜ୍ଞପୀଠ ପ୍ରଦକ୍ଷିଣ କଲେ ଏବଂ ଯଜ୍ଞାର୍ଥେ ଦ୍ରବ୍ୟ ଓ ଅର୍ଥ ପ୍ରଦାନ କଲେ ଲକ୍ଷେଭାର ସୁବର୍ଣ୍ଣ ଦାନ ଏବଂ କୋଟିଏ କନ୍ୟା ଦାନର ଫଳ ମିଳିଥାଏ, ସେହି ଯଜ୍ଞ ଅନୁଷ୍ଠିତ ହେବ ଝୁମ୍ପୁରାର ଦୋଳପଡ଼ିଆରେ ।

ଏହି ମହାଯଜ୍ଞ ଅନୁଷ୍ଠାନର ଅନ୍ତରାଳରେ ଥିବା କଥାସରିତର ଉଦ୍‌ଗାତା ଚରମପୁରୁଷ ସ୍ୱୟଂ । ଭକ୍ତବାଞ୍ଛାକଳ୍ପତରୁ ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ନରତନୁରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଅଛନ୍ତି । ଅତୀତର ଶହ ଶହ ଭକ୍ତଙ୍କର ଇପ୍‌ସିତ ବରକୁ ସେ ବାସ୍ତବରେ ପରିଣତ କରି ସେମାନଙ୍କୁ ଅପାର ଆନନ୍ଦ ପ୍ରଦାନ

କରି ଭକ୍ତବନ୍ଧୁ ନାମକୁ ସାର୍ଥକ କରି ଅଛନ୍ତି, କରୁଅଛନ୍ତି ସୁହୃସ୍ତ ଚିତ୍ତରେ । ସେହିପରି ଦୂରଅତୀତର ଜଣେ ପରମଭକ୍ତର ଆଖ୍ୟାୟିକାର ଫଳଶ୍ରୁତି ଏହି କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ ଯାହା ଅନୁଷ୍ଠିତ ହେଉଛି ପୁଣ୍ୟପୀଠ ଝୁମ୍ପୁରାରେ । କାହିଁକି ଏ ଦୋଳପଡ଼ିଆରେ ଏ ଯଜ୍ଞରେ ଆହୁତି ପ୍ରଦାନ କରାଯାଉଛି ? କାହିଁକି ଏ ଭକ୍ତମେଳା ଅନୁଷ୍ଠିତ ହେଉଛି ଏହି ସ୍ଥାନରେ ? କିଏ ବା ଦେଇ ପାରିବ ଏହାର ଉତ୍ତର ?

ଉତ୍ତର ଦେଉଛନ୍ତି ସ୍ୱୟଂ ଠାକୁରେ । ମହାକାଳ ଗର୍ଭରେ କାଳ ଲୀନ ହୋଇଛି ଅତୀତ ରୂପରେ । ମହାକାଳର କରାଳ ମୁଖରେ ପ୍ରବେଶ କରି ଯାଉଛି ପ୍ରତିଟି ବର୍ତ୍ତମାନ ମୁହୂର୍ତ୍ତ । ଗଳାଧଃକରଣ ପରେ ତାହା ହୋଇଯାଉଛି ଅତୀତ । ସ୍ତର ସ୍ତର ହୋଇ ସଜ୍ଜିତ ରହିଛି ଅତୀତକାଳ ମହାକାଳ ଗର୍ଭରେ । କୋଟି କୋଟି ସ୍ତରର ଆସ୍ତରଣ ମଧ୍ୟରୁ ଆମର ଆବଶ୍ୟକ ସ୍ତରରୁ ଯଥାର୍ଥ ଆଖ୍ୟାୟିକାଟିକୁ ବାଛି ଆଣି ଟୋକି ଦିଅନ୍ତି କରୁଣାସାଗର ଠାକୁରେ, ବାସ୍ତବ ଅବିକୃତ ରୂପରେ । ଆସନ୍ତୁନା ଏଥର ଶୁଣିବା, ରହସ୍ୟରେ ଆଚ୍ଛନ୍ନ ସେହି ଅତୀତ ଇତିହାସ -

ବହୁକାଳ ପୂର୍ବରୁ ସୁଦୂର ଅତୀତରେ ଯେତେବେଳେ ଏ ସମଗ୍ର ଅଞ୍ଚଳ ନିଘଞ୍ଚ ଅରଣ୍ୟରେ ପରିପୂର୍ଣ୍ଣଥିଲା, ପରିପୂର୍ଣ୍ଣ ଥିଲା ହିଂସ୍ର ବନ୍ୟ ପଶୁପକ୍ଷୀ, ସରୀସୃପ ଇତ୍ୟାଦିରେ । ସେତେବେଳେ ନା ଥିଲା ଏଠାରେ ଜନପଦ ନା ଥିଲା ସହରବଜାର ! ଜନବସତି ହିଁ ଆଦୌ ନଥିଲା । ସେ ସମୟର କଥା । ବହୁ ପଥ ପଦବ୍ରଜରେ ଆସି ଏହି ଅରଣ୍ୟରେ ପ୍ରବେଶ କଲେ ଜଣେ ଅଦ୍ଭୁତ ବ୍ୟକ୍ତି । ବ୍ୟକ୍ତି ଜଣକ ଯେପରି ଅଦ୍ଭୁତ, ବ୍ୟକ୍ତିତ୍ୱ ଥିଲା ତାଙ୍କର ତତୋଧିକ ଅଦ୍ଭୁତ । ତାଙ୍କ ମସ୍ତକରୁ ଝୁଲି ପଡ଼ିଥିଲା ଅନେକ ଝୁମ୍ପାଝୁମ୍ପା କୁଞ୍ଚିତ କେଶ ଗୁଚ୍ଛ କଟୀଦେଶ ପର୍ଯ୍ୟନ୍ତ । ଚକ୍ଷୁଥିଲା ପିଙ୍ଗଳବର୍ଣ୍ଣ । ଧଳା ଧଳା ଦାନ୍ତ । ଓଠ ଗାଢ଼ ଲାଲ । ଉଚ୍ଚ କପାଳ । ହୃଷ୍ଟପୁଷ୍ଟ ଶରୀର । ଆଜାନୁଲମ୍ବିତ ବଳିଷ୍ଠ ବାହୁଯୁଗଳ । ପରିଧାନ ଖଣ୍ଡିଏ ମାତ୍ର ବଳ୍କଳ । ଉନ୍ମୁକ୍ତ ଶରୀର । ପ୍ରଶସ୍ତ ବକ୍ଷ ଦେଶ । ସୁଗମ୍ଭୀର ମୁଖ ମଣ୍ଡଳ ।

ସେ ଏହି ନିବିଡ଼ ଅରଣ୍ୟରେ ପରିଭ୍ରମଣ କରୁଁକରୁଁ ଗୋଟିଏ ସ୍ଥାନରେ ସ୍ତମ୍ଭ ପରି ଦଣ୍ଡାୟମାନ ରହିଗଲେ ବହୁ ସମୟ ପର୍ଯ୍ୟନ୍ତ । ଶତଚେଷ୍ଟା କରି ମଧ୍ୟ ସେ ଆଗକୁ କିମ୍ବା ପଛକୁ ପାଦେ ମଧ୍ୟ ଗତି କରିପାରି ନଥିଲେ । ଏହାର କାରଣ ଜାଣିବା ପାଇଁ ସେ ସେହିପରି ଦଣ୍ଡାୟମାନ ଅବସ୍ଥାରେ ଧ୍ୟାନମଗ୍ନ ହେଲେ । ବିତିଗଲା କେତେ ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ ଓ ଶିଶିର । ଏ ମଧ୍ୟରେ ତାଙ୍କର ଏକାଗ୍ର ଧ୍ୟାନର ସଂଯମତା ଚରମରେ ପହଞ୍ଚି ସମାଧିସ୍ତରକୁ ପ୍ରବେଶ କଲା । ସେ ସମାଧିରୂଢ଼ ହୋଇଗଲେ । ବିଧାତାଙ୍କର ବିଧାନ ବାସ୍ତବରେ ବଡ଼ ବିଚିତ୍ର । ସମାଧିରୂଢ଼ ଯୋଗୀ ବିସ୍ମୃତ ହୋଇଗଲେ ତାଙ୍କର ଧ୍ୟାନସମାଧିରେ ମୌଳିକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଉଦ୍ଦେଶ୍ୟହୀନ ଭାବରେ ସେ ଗୋଟିଏ ପରେ ଗୋଟିଏ ସମାଧିସ୍ତର ଅତିକ୍ରମ କରିଚାଲିଥିଲେ । ବହି ଚାଲିଥିଲା ସମୟର ସୁଅ । ବିତିଯାଉଥିଲା କାଳ । କାଳଚକ୍ର ଗଡ଼ି ଚାଲିଥିଲା ଅବିରାମ ଗତିରେ ।

ହଠାତ୍ ତାଙ୍କ ସମ୍ମୁଖରେ ଆବିର୍ଭୂତା ହେଲେ ଜଣେ ଦେବୀ । ତାଙ୍କ ସୌନ୍ଦର୍ଯ୍ୟର ତେଜରେ ବନଭୂମି ଆଲୋକିତ ହେଲା । ଦେବୀ ଅଭୟ ମୁଦ୍ରାରେ ଦକ୍ଷିଣ ହସ୍ତ ଉତ୍ତୋଳନ କଲେ । ଦେବୀଙ୍କର ସେହି ହସ୍ତ ପାପୁଲିରୁ ଜ୍ୟୋତିରଶ୍ମୀ ଯାଇ ଧ୍ୟାନସମାଧି ଆରୂଢ଼ ଯୋଗୀଙ୍କର ମୁଦ୍ରିତ ଚକ୍ଷୁ ଉପରେ ପଡ଼ିଲା । ଧ୍ୟାନ ସମାଧିଭଗ୍ନ ହେଲା ଯୋଗୀଙ୍କର । ଚକ୍ଷୁଦ୍ୱୟ ଉନ୍ମୀଳିତ ହେଲା । ସମ୍ମୁଖରେ ତେଜସ୍ୱିନୀ ଦେବୀ ପ୍ରତିମାକୁ ଦର୍ଶନ କରି ଯୋଗୀ ଯୋଡ଼ହସ୍ତରେ ନତମସ୍ତକରେ ପ୍ରଣାମ କଲେ । ସ୍ମିତହାସ୍ୟ ଖେଳିଗଲା ଦେବୀଙ୍କର ଅଧରପୁଟ, କମଳନୟନ ଓ ବଦନମଣ୍ଡଳକୁ ସରସ କରି । ଦେବୀ କହିଲେ - 'ପୁତ୍ର ! ମୁଁ ବନଦେବୀ । ତୋ'ର କଠୋର ଯୋଗ ସମାଧିରେ ମୁଁ ବିଚଳିତ ହୋଇ ତୋତେ କିଛି ଅନୁରୋଧ କରିବାକୁ ଆସିଛି । ରଖିବୁ ପୁତ୍ର ! ମୋ'ର ଅନୁରୋଧ ଟିକକ । ରଖିପାରିବୁ ?' ଯୋଗୀ ଯୋଡ଼ହସ୍ତରେ, ନତଶିରରେ ଉଚ୍ଚାରଣ କଲେ - 'ମାତ ! ଅନୁରୋଧ ନୁହେଁ, ଆଦେଶ କରନ୍ତୁ ଏ ଅଧମ ପୁତ୍ରକୁ । ଏ ଅଧମ ଅକିଞ୍ଚନ ପ୍ରାଣପାତ ପର୍ଯ୍ୟନ୍ତ ଚେଷ୍ଟା କରିବ ମାତାର ଆଦେଶକୁ ପୂର୍ଣ୍ଣମାତ୍ରାରେ ପାଳନ କରିବାକୁ ।' ତଦନନ୍ତର ଦେବୀ କହିଲେ - 'ବତ୍ସ ! ଅତୀବ ପ୍ରସନ୍ନ ମୁଁ । ପ୍ରୀତ ହେଲି ତୋ'ର ବାକ୍ୟଶୁଣି । ଏବେ ଶୁଣ୍ । ତୁ ଏଠାରୁ ତୋ'ର ବାମକୁ ସଳଖରେ ଗତିକର । ଏକ ସହସ୍ର ପାଦ ଯିବାପରେ ତୁ ଯେଉଁ ସ୍ଥାନରେ ପହଞ୍ଚିବୁ, ସେଠାରେ ତୁ ଝୁମ୍ପୁରିଟିଏ

କରି ତା'ଭିତରେ ତୋ'ର ଧ୍ୟାନଯୋଗରେ ଲିପ୍ତ ରହ । ତୋ'ର କୌଣସି ଅନିଷ୍ଟ ହେବ ନାହିଁ । ତୋ' ଧ୍ୟାନସମାଧି ପ୍ରଭାବରୁ ବନ୍ୟ ଜୀବଜନ୍ତୁମାନେ ହିଂସାତ୍ୟାଗ କରି ଅହିଂସାଭାବରେ ତୋ' ଚତୁଃପାର୍ଶ୍ୱରେ ଅବାଧରେ ବିଚରଣ କରିବେ । କେବେ ମଧ୍ୟ ପୁଣିଥରେ ଏଠାକୁ ଫେରିବୁ ନାହିଁ ।' ଏତକ କହି ଦେବୀ ହେଲେ ଅନ୍ତର୍ହିତା ।

ଯୋଗୀ ଦେବୀଙ୍କର ଆଦେଶ ପାଳନ କଲେ । ଝୁମ୍ପୁରି ଭିତରେ ବସି ସେ ସମାଧି ଯୋଗାରୂଢ଼ ହେଲେ । ବିତିଗଲା ବହୁକାଳ । ହଠାତ୍ ଯୋଗୀଙ୍କର ସମାଧିଯୋଗ ଭଗ୍ନ ହେଲା । ତାଙ୍କ କର୍ଣ୍ଣରେ ପଡ଼ିଲା ନାରୀ କଣ୍ଠର ଆକୁଳ କ୍ରନ୍ଦନ । ଦୟାର୍ଦ୍ର ହୃଦୟ ତାଙ୍କର ବିଗଳିତ ହେବାକୁ ଲାଗିଲା । ସେ ପଦ୍ମାସନରୁ ଉଠି ଝୁମ୍ପୁରି ବାହାରକୁ ବାହାରି ଆସିଲେ । କ୍ରନ୍ଦନ ଧ୍ୱନି ଯେଉଁ ଦିଗରୁ ଆସୁଥିଲା, ସେ ସେହି ଦିଗକୁ ଦ୍ରୁତ ପଦରେ ଆଗେଇ ଚାଲିଲେ । ମାତ୍ର କାହାରିକୁ ଦେଖିଲେ ନାହିଁ । ତାଙ୍କର ଅନ୍ୟମନସ୍କତା ହେତୁ ବହୁପୂର୍ବରୁ ବନଦେବୀ ବାରଣ କରିଥିବା ସ୍ଥାନକୁ ସେ ନିଜର ଅଜାଣତରେ ଆସି ଯାଇଥିଲେ । ଘଟିଗଲା ଏକ ଦୁର୍ବିପାକ । ସେ ସ୍ଥାନରେ ଲତାପତ୍ର ଆଚ୍ଛାଦିତ ଏକ ଅଜ୍ଞାତ ଗର୍ତ୍ତ ମଧ୍ୟରେ ସେ ଗଳି ପଡ଼ିଲେ । ଚକ୍ଷୁର ପଲକ ପାତ ମଧ୍ୟରେ ଏହା ଅକସ୍ମାତ୍ ଘଟିଗଲା । ଭୂତଳଗାମୀ ହେଲେ ଯୋଗୀ ।

ଭୂତଳଗାମୀ ଯୋଗୀ ଶେଷରେ ଯାଇ ଯେଉଁଠି ପହଞ୍ଚିଲେ, ତାହାଥିଲା ଭୂତଳସ୍ଥ ଗୋଟିଏ ପ୍ରାସାଦ । ଅପୂର୍ବ ସୁନ୍ଦର । ବହୁମୂଲ୍ୟ ରତ୍ନମାଣିକ୍ୟରେ ତାହା ସୁସଜ୍ଜିତ ଓ ମଣିଦ୍ୱାରା ଆଲୋକିତ । ପ୍ରଜ୍ୱଳିତ ଦୀପମାଳାରେ ସୁଶୋଭିତ ସୁନ୍ଦର ପ୍ରାସାଦ । ହଠାତ୍ ଦଳେ ସୁନ୍ଦରୀ ଯୁବତୀ ତାଙ୍କୁ ଘେରିଗଲେ । ଜଣେ କହିଲା : 'ତୁମେ ବନ୍ଦୀ ! କାରଣ ତୁମେ ବିନା ଅନୁମତିରେ ଏଠାକୁ ପ୍ରବେଶ କରିଛ । ତୁମର ବିଚାର ହେବ । ଏବେ ବିନା ବାଧାରେ ଆସ ଆମ ସହିତ । ଆମେ ତୁମକୁ ଆମର ରାଣୀମାତାଙ୍କ ନିକଟକୁ ନେଇଯିବୁଁ ।' ଯୋଗୀ ସେମାନଙ୍କ ଗହଣରେ ନିର୍ବିବାଦରେ ରାଣୀମାତାଙ୍କ ନିକଟକୁ ଗଲେ । ଗୋଟିଏ ସୁଉଚ୍ଚ ପିଣ୍ଡିକାରେ ସୁନ୍ଦର ସୁସଜ୍ଜିତ ସିଂହାସନରେ ବସିଥିଲେ ରାଣୀମାତା ସୁନ୍ଦରୀ, ଯୁବତୀ, ଶୁଭାଙ୍ଗୀ । ଯୋଗୀ ଏବଂ ରାଣୀମାତାଙ୍କର ଚାରିଚକ୍ଷୁର ମିଳନ ହେଲା । ନିର୍ବିକାର ଯୋଗୀ । ରାଣୀମାତାଙ୍କ ଠାରେ ଯୁବତୀ ସୁଲଭ ଲଜ୍ଜା ପରିଦୃଷ୍ଟ ହେଲା । ରାଣୀମାତା ସଲଜ୍ଜ କଣ୍ଠରେ କହିଲେ :- 'ଇଏ ଆମର ଅତିଥି । ତାଙ୍କୁ ଅତିଥିଶାଳାରେ ସସମ୍ମାନ ରଖାଇ ସେବା ପରିଚର୍ଯ୍ୟାକର । ଉପଯୁକ୍ତ ସମୟରେ ସ୍ୱୟଂ ମୁଁ ତାଙ୍କୁ ସାକ୍ଷାତ କରିବାକୁ ଯିବି । ସେ ପର୍ଯ୍ୟନ୍ତ ସେ ବିଶ୍ରାମ କରନ୍ତୁ । ଅପେକ୍ଷା ମଧ୍ୟ କରନ୍ତୁ ।'

ଅତିଥିଶାଳାରେ ଯୋଗୀଙ୍କର ସେବା ପରିଚର୍ଯ୍ୟାରେ କୌଣସି ଅଭାବ ନଥିଲା । ତ୍ରୁଟି ମଧ୍ୟ ନଥିଲା । ତାଙ୍କର ସର୍ବାଙ୍ଗରେ ତୈଳ ହରିଦ୍ରା ଲେପନ କରାଯାଇଥିଲା । ସୁବାସିତ ଜଳରେ ତାଙ୍କୁ ସ୍ନାନ କରାଯାଇଥିଲା । ତାଙ୍କୁ ନୂତନ ବସନଭୂଷଣରେ ସୁସଜ୍ଜିତ କରାଯାଇଥିଲା । ନାନାପ୍ରକାର ସୁପକ୍ୱ ସୁମିଷ୍ଟ ଫଳ ତଥା ଅନ୍ୟାନ୍ୟ ସାମଗ୍ରୀରେ ତାଙ୍କର ଭୋଜନ ହୋଇଥିଲା । ନାରୀକେଳ ଜଳ ସେ ପାନ କରିଥିଲେ । ଯଥାଯୋଗ୍ୟ ପଲଙ୍କରେ ସେ ବିଶ୍ରାମ କରୁଥିଲେ ଏବଂ ତାଙ୍କର ଶରୀର ମର୍ଦ୍ଦନ ଓ ପାଦ ସେବାରେ ସୁଯୋଗ୍ୟା କନ୍ୟାମାନେ ନିଯୋଜିତ ଥିଲେ । କ୍ରମଶଃ ଯୋଗୀ ତନ୍ଦ୍ରାଚ୍ଛନ୍ନ ହୋଇଗଲେ । ତନ୍ଦ୍ରା ଘନ ହେବାପରେ ସେ ନିଦ୍ରିତ ହେଲେ । ନିଦ୍ରାବସ୍ଥାରେ ସେ ସ୍ୱପ୍ନାବିଷ୍ଟ ହେଲେ । ସେ ସ୍ୱପ୍ନରେ ଅଦ୍ଭୁତ ଘଟଣା ଦେଖିଲେ । ସ୍ମୃତିରେ ସତେଜ ରହିଲା ସେହି ସ୍ୱପ୍ନରେ ଦେଖିଥିବା ଘଟଣା । ସ୍ୱପ୍ନାବସ୍ଥା ଅତୀତ ହୁଅନ୍ତେ, ସେ ସୁଷୁପ୍ତିର ପ୍ରଶାନ୍ତ କୋଳରେ ପରମ ଆନନ୍ଦ ଲାଭ କଲେ । ବହୁମୁହୂର୍ତ୍ତ ଅତିବାହିତ ହେବାପରେ ସେ ତୁରୀୟ ଅବସ୍ଥାରେ ସ୍ଥୂଳ ଶରୀର ତ୍ୟାଗ କରି ସୂକ୍ଷ୍ମ ଶରୀର ଧାରଣ କଲେ । ପ୍ରାଣଶକ୍ତି ବଳରେ ସ୍ଥୂଳ ଶରୀର ସତେଜ ରହିଲା । ଆତ୍ମଶକ୍ତି ବଳରେ ସୂକ୍ଷ୍ମଶରୀର କ୍ରିୟାଶୀଳ ହେଲା । ସୂକ୍ଷ୍ମଶରୀରଧାରୀ ଯୋଗୀ କିଛି ସମୟ ନିଜର ସ୍ଥୂଳଶରୀରକୁ ନିରୀକ୍ଷଣ କରିବା ପରେ ସେ ସ୍ଥାନ ଓ ପ୍ରାସାଦ ତ୍ୟାଗ କରି ଆଲୋକଗତିରେ ଧରାପୃଷ୍ଠରେ ବନଭୂମିର ଊର୍ଦ୍ଧ୍ୱରେ ଆକାଶପଥରେ ବିଚରଣ କରିବାକୁ ଲାଗିଲେ । ବିଚରଣ କରୁଁକରୁଁ ସେ ପୂର୍ବର ସେହି ଗର୍ତ୍ତ ନିକଟରେ ପହଞ୍ଚିଗଲେ ଓ ଗର୍ତ୍ତର ନିକଟବର୍ତ୍ତୀ ହୋଇ ଜାଣି ପାରିଲେ ଯେ, ଏହି ଗର୍ତ୍ତରୁ ଦିନେ ଏକ ଶିବଲିଙ୍ଗର ଉତ୍ଥାନ ହେବ । ଏ କ୍ଷେତ୍ର ହେବ ଶୈବ କ୍ଷେତ୍ର । ତତ୍ପରେ ସେ ନିଜର ଝୁମ୍ପୁରି ନିକଟରେ ଉପନୀତ ହୋଇ

ତୁରୀୟଅବସ୍ଥାରେ ଥିବାରୁ ଜାଣିବାକୁ ପାଇଲେ ଯେ, ଏଠାରେ ଜଣେ ଦେବୀ ପୂଜା ପାଇବେ । ଏ କ୍ଷେତ୍ର ହେବ ଶାକ୍ତପୀଠ । ସେହି ସୂକ୍ଷ୍ମଶରୀରରେ ରହି ଜାଣି ପାରିଥିଲେ ଯେ ଏଠାରେ ଆଖପାଖରେ କାଳକ୍ରମେ ବହୁ ଠାକୁରାଣୀ ଦେବୀ ପୂଜା ପାଇବେ । ଆହୁରି ମଧ୍ୟ ସେ ଜାଣିଲେ ଯେ ଦ୍ୱାପରରେ କୌଣସି ଏକ ବିଶେଷ କାରଣରୁ ରାସମୟୀ ରାଧାରାଣୀ ଏବଂ ଅଭିମାନବିକ ପ୍ରେମର ଦେବତା ଶ୍ରୀକୃଷ୍ଣ ଏଠାରେ ଗୁପ୍ତଲୀଳା ରଚ଼ନା କରିବେ । ଏଥିରୁ ଜଣାଯାଏ ଯେ କୃଷ୍ଣଚନ୍ଦ୍ରଙ୍କର ମର୍ତ୍ତ୍ୟାବତରଣର ବହୁପୂର୍ବରୁ ଏ ଅଞ୍ଚଳର ସେ ସମୟର ନିଘଞ୍ଚ ବନଦେଶରେ ଏକ ଅଜ୍ଞାତ ଘଟଣା ଘଟିଯାଇ ଲୋକଶ୍ରୁତିର ଅନ୍ତରାଳରେ ଅନନ୍ତ ଅତୀତ କାଳଗର୍ଭରେ ଲୁକ୍କାୟିତ ହୋଇ ଆଜି ପର୍ଯ୍ୟନ୍ତ ରହିଥିଲା ।

ଯୋଗୀ ସୂକ୍ଷ୍ମଶରୀରରେ ତୁରୀୟ ଅବସ୍ଥାରେ ବନଦେଶରେ ବିଚରଣ କରିବା ସମୟରେ, ତେଣେ ଭୂତଳସ୍ଥ ପ୍ରାସାଦର ଅତିଥିଶାଳାରେ ଯୋଗୀଙ୍କର ସ୍ଥୂଳଶରୀର ପ୍ରାଣଶକ୍ତି ବଳରେ ସତେଜ ଓ ଜୀବନ୍ତ ରହିଥିଲା । ରାଣୀମାତା ଉପଯୁକ୍ତ ସମୟ ଦେଖି ଏକାକିନୀ ଆସି ଅତିଥିଶାଳାରେ ଉପନୀତ ହେଲେ । ଯୋଗୀଙ୍କ ଶରୀର ସେବାରେ ନିଯୁକ୍ତ ଯୁବତୀମାନଙ୍କୁ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ସଙ୍କେତ ଦେଲେ । ନିର୍ଜନ ଅତିଥିଶାଳା । ନିଦ୍ରାଗତ ଯୋଗୀ । ରାଣୀମାତା କାମମୋହିତା ହୋଇଗଲେ । ତା'ପରର ଘଟଣା ଥିଲା ଅପାର୍ଥିବ । ବିଧାତାଙ୍କର ନିର୍ଦ୍ଦେଶଥିଲା ଅତୀବ ବିଚିତ୍ର । ଅବିଶ୍ୱାସନୀୟ ସେ ଘଟଣା ଥିଲା ସତ୍ୟ, ସଂପୂର୍ଣ୍ଣ ସତ୍ୟ । ଯୋଗୀଙ୍କର ଲିଙ୍ଗ ଉତ୍‌ଥିତ ହେଲା ଏବଂ ଉର୍ଦ୍ଧ୍ୱମୁଖୀ ହେଲା । ଯେଉଁ ଗର୍ତ୍ତରେ ଯୋଗୀ ଗଳିପଡ଼ିଥିଲେ, ସେହି ଗର୍ତ୍ତ ଭିତରେ ଯୋଗୀଙ୍କର ଉର୍ଦ୍ଧ୍ୱମୁଖୀ ଲିଙ୍ଗ କ୍ରମଶଃ ଧୀରେ ଧୀରେ ଉପରକୁ ଉଠିବାକୁ ଲାଗିଲା । ବହୁକାଳ ପରେ ତାହା ପୃଥିବୀ ପୃଷ୍ଠରେ ଗୋଚର ହେଲା ଏବଂ ପୂଜାପାଇଲା । ତେଣେ ଏପରି ଘଟଣା ଘଟି ଯାଉଥିବା ବେଳେ, ଏଣେ ସୂକ୍ଷ୍ମଶରୀରଧାରୀ ଯୋଗୀ ତୁରୀୟ ଅବସ୍ଥାରେ ବନଦେଶରେ ତପସ୍ୟାମଗ୍ନ ହୋଇଗଲେ । ତାଙ୍କ ତପସ୍ୟାର ତାପ ଥିଲା ପ୍ରଚ଼ଣ୍ଡ । ସେହି ପ୍ରଚ଼ଣ୍ଡ ତାପର ଉତ୍ତାପରେ ବନଦେଶ ଦଗ୍ଧୀଭୂତ ହେବାକୁ ଲାଗିଲା । ଏହା ଅଗ୍ନି ଦେବତାଙ୍କ ଗୋଚ଼ରଗତ ହେବାରୁ ସେ କ୍ରୋଧାନ୍ୱିତ ହେଲେ । କିଏ ସେହି ଯେ ଦ୍ୱିତୀୟ ଅଗ୍ନିର ଭୂମିକାରେ ଅବତୀର୍ଣ୍ଣ । କ୍ରୋଧବଶତଃ ଅଗ୍ନିଦେବ ଦ୍ୱିତୀୟ ଅଗ୍ନିଙ୍କର ଦର୍ପଚୂର୍ଣ୍ଣ କରିବା ପାଇଁ ତତ୍‌କ୍ଷଣାତ୍ ସେଠାରେ ଅବତୀର୍ଣ୍ଣ ହେଲେ ସତ, ମାତ୍ର ତୁରୀୟ ଅବସ୍ଥାରେ ତପସ୍ୟାମଗ୍ନ ସୂକ୍ଷ୍ମଶରୀରଧାରୀ ଯୋଗୀଙ୍କର ପ୍ରଚ଼ଣ୍ଡପ୍ରତାପପୂର୍ଣ୍ଣ ତାପର ଉତ୍ତାପ ଓ ତେଜର ମାତ୍ରାଧିକ୍ୟ ହେତୁ ସ୍ୱୟଂଅଗ୍ନି ତୁଷାର ପରି ଶୀତଳ ଜଣାପଡ଼ିଲେ । ସେ ମ୍ରିୟମାଣ ହୋଇ ଯୋଗୀଙ୍କ ତେଜ ହେତୁ ତାଙ୍କୁ 'ରଡ଼କ' ନାମରେ ନାମିତ କଲେ । ବନଭୂମିକୁ ରକ୍ଷା କରିବା ପାଇଁ 'ରଡ଼କ'ଙ୍କ ତପଃପ୍ରଭାବରୁ ଜଳସ୍ରୋତଟିଏ ପ୍ରବାହିତ ହୋଇ ଆସିଲା ଓ ତା'ର ନାମ ତେଣୁ ହେଲା 'ଅରଡ଼କ' । ଅରଡ଼କର ଅର୍ଥ ଶୀତଳ । ଏହା ରଡ଼କଙ୍କ ତେଜ ଓ ଉତ୍ତାପକୁ ଶୀତଳ କରି ବନଭୂମିକୁ ଦଗ୍ଧୀଭୂତ ହେବାରୁ ରକ୍ଷାକଲା ।

ଆଜକୁ ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବରୁ ମହାପୁରୁଷ ମାଳିକାକାର ଅଚ୍ୟୁତାନନ୍ଦ ଦାସ ତାଙ୍କ ସ୍ୱରଚିତ ଗୁପ୍ତମାଳିକା ପୁସ୍ତକରେ ସ୍ପଷ୍ଟତଃ ନିଜର ପ୍ରିୟଶିଷ୍ୟ ରାମଦାସଙ୍କୁ ନିର୍ବିକଳ୍ପ ସମାଧିଯୋଗ ଅବସ୍ଥାରେ ପ୍ରାପ୍ତବାର୍ତ୍ତା ଶୁଣାଇ କହୁଅଛନ୍ତି -

କହୁଅଛି ରାମ ବାରତା ଶୁଣ । ଝୁମୁପୁରେ ହେବ ଯଜ୍ଞ ଯେ ପୁଣ ॥
ରଡ଼କ ତପସ୍ୱୀ ପୀଠ ସେ ସ୍ଥଳ । ଦେବଦେବୀଙ୍କର ସେଠାଇଁ ମେଳ ॥
ଅଗ୍ନି ଯହିଁ ହେଲେ ତୁଷାର ପରି । ରଡ଼କ ତାପକୁ ନୋହିଁଣ ସରି ॥
ତହିଁ ଜଳଧାର ଆସିଲା ବହି । ଅରଡ଼କ ନାମ ଧରିଲା ସେହି ॥
ମହାତପସ୍ୱୀ ସେ ରଡ଼କ ଥିଲେ । ତପସ୍ୟାରେ ଚ଼ରମକୁ ତୋଷିଲେ ॥
ଚ଼ରମପୁରୁଷ ମିଳିଲେ ଆସି । ବରଦେଲେ ତପସ୍ୱୀଙ୍କୁ ସନ୍ତୋଷି ॥
କ୍ଷିତିଜ୍ୟୋତିଃ ଶାନ୍ତି ଯଜ୍ଞ ହୋଇବ । ଚ଼ରମ ପୁରୁଷ କରାଇ ନେବ ॥
ଭକତଙ୍କ ମେଳା ନିଶ୍ଚେ ହୋଇବ । ଭକ୍ତଜନ ବାଞ୍ଛା ପୂରଣ ହେବ ॥
ରଡ଼କକୁ ଅରଡ଼କ କରିଲେ । ପରମ ସନ୍ତୋଷେ କଲ୍ୟାଣ କଲେ ॥

ଆଜି ଯେଉଁ ସ୍ଥାନରେ ଯଜ୍ଞ ଏବଂ ସତ୍‌ସଙ୍ଗ ଅନୁଷ୍ଠିତ ହେଉଛି, ତାହା ଦିନେ 'ରଡ଼କ' ତପସ୍ୱୀଙ୍କର ପୀଠସ୍ଥଳ ଥିଲା । ସେହି ରଡ଼କଙ୍କର ତୁରୀୟ ଅବସ୍ଥାରେ କୃତ ସମାଧି ଧ୍ୟାନଯୋଗରେ ଅବ୍ୟକ୍ତ ପୁରୁଷ ଚରମନାଥ ସନ୍ତୁଷ୍ଟ ହୋଇଗଲେ । ରଡ଼କଙ୍କୁ ଚରମପୁରୁଷ ବରମାଗିବାକୁ କହିଥିଲେ । ତପସ୍ୱୀ ବରମାଗିଥିଲେ : 'ମହାପ୍ରଭୁ ! ଆପଣ ଯଦି ସନ୍ତୁଷ୍ଟ ହୋଇ ବର ଦେବାକୁ ଚାହୁଁଛନ୍ତି, ତେବେ ମୋତେ ଏହି ବର ଦିଅନ୍ତୁ ଯେ, ଆପଣ ଏଠାରେ କ୍ଷିତିଜ୍ୟୋତିଃ ଶାନ୍ତି ଯଜ୍ଞ କରାଇବେ ଏବଂ ଯଜ୍ଞ ସମୟ ଅବଧି ମଧ୍ୟରେ ସତ୍‌ସଙ୍ଗ ମାଧ୍ୟମରେ ଭକ୍ତମେଳା ମଧ୍ୟ କରିବେ । ଏହି ସତ୍‌ସଙ୍ଗରେ ଯୋଗ ଦେଇଥିବା ଭକ୍ତଙ୍କର ମନୋବାଞ୍ଛା ଆପଣ ପୂରଣ କରିବେ ।' ପ୍ରଭୁ ଚରମ ପୁରୁଷ ପରମ ସନ୍ତୋଷରେ ବରଦାନ କରି ରଡ଼କଙ୍କର ତେଜ ଓ ଉତ୍ତାପକୁ ମ୍ଲାନ କରି ଅରଡ଼କ ବା ଶୀତଳ କରିଥିଲେ ।

ଆଜିର ଝୁମ୍ପୁରା, ସେ ଦିନର ଝୁମ୍ପୁପୁରା । ସେହି ପାତାଳରୁ ଫୁଟି ଉଠିଥିବା ଲିଙ୍ଗ ଆଜି ପଞ୍ଚାନନ ନାମରେ ପୂଜିତ । ଅରଡ଼କ ଜଳସ୍ରୋତର ନାମ ଆଜି ଅରଡ଼େଇ ନଦୀ, ଯାହା ପଶ୍ଚିମରୁ ଉତ୍ତରକୁ ବହିଯାଉଅଛି । ଯେଉଁଠି ଯୋଗୀଙ୍କର ଝୁମ୍ପୁରିଥିଲା, ତାହା ଆଜି ଗ୍ରାମଦେବତୀ ଛତ୍ରି ମହାବୀରଶାଳ ନାମରେ ପରିଚିତ । ଏହା ବ୍ୟତୀତ ଦକ୍ଷିଣ ଦିଗରେ ଅଶାଡ଼ିଶାଳ ଠାକୁରାଣୀ, ଉତ୍ତରରେ ତୃତୀୟାଶାଳ ଠାକୁରାଣୀ, ପଶ୍ଚିମରେ ବୁଆଳିବଡ଼ା, ସାରପାଦ, ମୁଚିରମଡ଼ା ଠାକୁରାଣୀମାନଙ୍କୁ ଧାନଫସଲ ଭଲହେବା, ଭଲ ଫଳିବା ପାଇଁ ବିଭିନ୍ନ ତିଥି ଏବଂ ନକ୍ଷତ୍ରମାନଙ୍କରେ ପୂଜାର୍ଚ୍ଚନା କରାଯାଇ ଆସୁଅଛି ।

ଏହା ସର୍ବଜନ ବିଦିତ ଯେ, କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ଠାରେ ଥିବା ଦୋଳ ପଡ଼ିଆରେ ଅନୁଷ୍ଠିତ ଦୋଳ ବହୁ ପୁରାତନ । ଏହା ଏ ଜିଲ୍ଲାର ସର୍ବପୁରାତନ ଦୋଳ । ପ୍ରାୟ ଶହେ ବର୍ଷରୁ ଅଧିକ ବର୍ଷତଳେ କେନ୍ଦୁଝରର ତତ୍କାଳୀନ ରାଜା ଏଠାରେ ଦୋଳଉତ୍ସବ ପ୍ରଥମେ ଅନୁଷ୍ଠାନ ଆରମ୍ଭ କରିଥିଲେ । ସେଥିପାଇଁ ସେ ସ୍ୱପ୍ନରେ ଆଦେଶ ପ୍ରାପ୍ତ ହୋଇଥିଲେ । ସେ ଏକ ଭିନ୍ନ ପ୍ରସଙ୍ଗ । ତଥାପି ଏଠାରେ ତାହା ସଂଯୋଜନା କଲେ ଅପ୍ରାସଙ୍ଗିକ ହେବ ନାହିଁ । ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷରେ ଦିନେ ରାଜା ଶୟନକକ୍ଷରେ ନିଦ୍ରିତ ଥିବା ଅବସ୍ଥାରେ ସ୍ୱପ୍ନ ଦେଖିଲେ । ସେ ସ୍ୱପ୍ନରେ ଦେଖିଲେ ଯେ, ଗୋଟିଏ ସୁନ୍ଦର ସୁସଜ୍ଜିତ ବିମାନରେ ରାଧା ଓ କୃଷ୍ଣ ଆରୋହଣ କରି ତାଙ୍କ ଶୟନକକ୍ଷରେ ପହଞ୍ଚଗଲେ । ରାଜା ଜଗତର ଠାକୁରଠାକୁରାଣୀଙ୍କୁ ସ୍ୱପ୍ନରେ ଦର୍ଶନ କରି ପ୍ରଣାମ କଲେ ଏବଂ ଆଦେଶ ଭିକ୍ଷାକଲେ । ଠାକୁର ଠାକୁରାଣୀ ତାଙ୍କୁ କଲ୍ୟାଣ କରି ଆଦେଶ ଦେଲେ ଯେ, ଝୁମ୍ପୁରା ଠାରେ ଦ୍ୱାପର ଯୁଗରେ କାର୍ତ୍ତିକ ପୂର୍ଣ୍ଣିମାରେ ଥରେ ଏବଂ ଫାଲ୍‌ଗୁନ ପୂର୍ଣ୍ଣିମାରେ ଥରେ ତାଙ୍କର ଯୁଗଳ ଶରତ୍‌ରାସ ଓ ବସନ୍ତରାସ ଅନୁଷ୍ଠିତ ହୋଇଥିଲା । ତେଣୁ, ପ୍ରତିବର୍ଷ କେନ୍ଦୁଝରରେ ଶରଦ୍ରାସ ଓ ବସନ୍ତରାସ ଅନୁଷ୍ଠାନ ଚାଲୁରଖିବା ପାଇଁ ସେ ଯତ୍ନଶୀଳ ହୁଅନ୍ତୁ । ସେମାନେ ଏହା ମଧ୍ୟ କହିଥିଲେ ଯେ, ଝୁମ୍ପୁରା ଠାରେ ପ୍ରତିବର୍ଷ ଫାଲ୍‌ଗୁନ ପୂର୍ଣ୍ଣିମାରେ ଦୋଳମେଳନ କରିବା ପାଇଁ ସେ ଯତ୍ନବାନ ହୁଅନ୍ତୁ । ସେବେ ଠାରୁ ଏହା ଆଜିପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଆସୁଅଛି ।

ପରଂବ୍ରହ୍ମ ଚରମପୁରୁଷ ନିର୍ବିକଳ୍ପ ସମାଧି ଆରୂଢ଼ ମହାପୁରୁଷ ଅଚ୍ୟୁତାନନ୍ଦଙ୍କୁ ଝୁମ୍ପୁରାଠାରେ ଦୋଳପଡ଼ିଆରେ କ୍ଷିତିଜ୍ୟୋତି ଯଜ୍ଞ ଏବଂ ସତ୍‌ସଙ୍ଗ ଅନୁଷ୍ଠାନ ହେବାର ତିଥିବାର ନକ୍ଷତ୍ର ଆଦି ସୂକ୍ଷ୍ମସୂତ୍ରରେ ଜଣାଇ ଦେଇଥିଲେ । ତାହା ଜାଣିବା ପରେ ଅଚ୍ୟୁତାନନ୍ଦ ପ୍ରିୟଶିଷ୍ୟ ରାମଦାସଙ୍କୁ ତାହା ଅବଗତ କରାଇଥିଲେ । ତାହା ମାଳିକା ପୃଷ୍ଠାରେ ଲିପିବଦ୍ଧ ହୋଇଅଛି -

କହୁଅଛି ରାମ ଦେଖିବୁ ତୁହିଁ । ବୁଝାଇ ତୋତେ କହୁଅଛି ମୁହିଁ ॥
କେବେ ଅଧିବାସ ହେବଇ ତହିଁ । କହୁଅଛି ରାମ ଏଥିଁ ଏଠାଇଁ ॥
ମାସ ଦଶ ପୁଣି ଦିନ ଯେ ରୁଦ୍ର । ମାଘଦିନ ତିନି କନ୍ୟାରେ ଚନ୍ଦ୍ର ॥
ବାରନାମ ହୋଇଥିବ ମଙ୍ଗଳ । ଚରମ ପୁରୁଷ ଭେଇବ ଖେଳ ॥

ଶୁଭ ଅଧିବାସ ସେଇ ବାସରେ । ହୋଇବ ସେଦିନ ସର୍ବଶୁଭରେ ।।
ଭକତଜନଙ୍କ ମେଳା ହୋଇବ । ଗହଗହ ନାଦ ପୀଠୁଁ ଉଠିବ ।।
କୃଷ୍ଣପକ୍ଷ ଅଷ୍ଟମୀ ସେ ଭୋଗଇ । ଚିତ୍ରାନକ୍ଷତ୍ରରେ ଚନ୍ଦ୍ର ଥିବଇଁ ।।
ତୁଳାରେ ଚନ୍ଦ୍ରମା ଥିବଟି ରହି । ଏକାଳେ ଆହୁତି ଦଉଚ୍ଛିକହି ।।
ବେଦଗଣି ଦିନ ଆହୁତି ହେବ । ଚତୁର୍ଥରେ ପୂର୍ଣ୍ଣ ଆହୁତି ଦେବ ।।
କୃଷ୍ଣ ଏକାଦଶୀ ବାର ଯେ ଶନି । ପୂର୍ଣ୍ଣାହୁତି ଦେବ ବାକ୍ୟକୁ ମାନି ।।

ମହାପୁରୁଷଙ୍କ ମାଳିକା ବାକ୍ୟରୁ ଜଣାଯାଏ ଯେ, ଦଶମ ମାସ ଅର୍ଥାତ୍ ମକର ମାସ । ଦିନ ଯେ ରୁଦ୍ର - ଅର୍ଥାତ୍, ଦ୍ୱାଦଶ ରୁଦ୍ର - ତେଣୁ ୧୨ଦିନ । ମକର ମାସ ବାର ଦିନ, ରାଷ୍ଟ୍ରୀୟ ମାଘ ମାସ ୩ ଦିନ, କନ୍ୟାରାଶିରେ ଚନ୍ଦ୍ର ଅବସ୍ଥାନ କାଳରେ, ମଙ୍ଗଳବାରରେ ଶୁଭ ଅଧିବାସ ସର୍ବଶୁଭରେ ହେବ । ପୁଣି, ତା'ପର ଦିନ ଅର୍ଥାତ୍ କୃଷ୍ଣପକ୍ଷ, ଅଷ୍ଟମୀତିଥି, ଚିତ୍ରାନକ୍ଷତ୍ରରେ ତଥା ତୁଳାରାଶିରେ ଚନ୍ଦ୍ର ଅବସ୍ଥାନ କରି ଭୋଗ କରୁଥିବା ସମୟରେ ଯଜ୍ଞ ଆରମ୍ଭ ହୋଇ ଆହୁତି ପ୍ରଦାନ କରାଯିବ । ବେଦଗଣି ଦିନ ଆହୁତି ହେବ - ଅର୍ଥାତ୍, ଚାରିବେଦ, ତେଣୁ ଚାରିଦିନ ଯଜ୍ଞ ହେବ ଓ ଚତୁର୍ଥଦିନ ଅର୍ଥାତ୍ କୃଷ୍ଣ ଏକାଦଶୀ ତିଥି, ଶନିବାରରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ । ନିର୍ବିକଳ୍ପ ସମାଧିସ୍ଥ ମହାପୁରୁଷ ଅଚ୍ୟୁତଙ୍କୁ ପରଂବ୍ରହ୍ମ ଦେଇଥିବା ଲଗ୍ନ ଅନୁସାରେ ସ୍ୱୟଂ ପରଂବ୍ରହ୍ମ ତାହା ଏଠାରେ ସ୍ୱବାକ୍ୟକୁ ମାନି ଯଜ୍ଞ ଏବଂ ସତ୍‌ସଙ୍ଗ ଅନୁଷ୍ଠାନ ସ୍ୱୟଂ ସୂକ୍ଷ୍ମସୂତ୍ରରେ ଉପସ୍ଥିତ ରହି କରାଇ ନେଉ ଅଛନ୍ତି ।

ପୁଣି ସେହି ମାଳିକାରେ ଅନ୍ୟ ଏକ ସ୍ଥାନରେ ପୁନର୍ବାର ଉଲ୍ଲିଖିତ ଅଛି -

ଦୁଇ ଶୂନ୍ୟ ଦୁଇ ଏକ ମସିହା । ପ୍ରଥମ ମାସର ହିସାବ ଏହା ।
ବ୍ରହ୍ମାବିଷ୍ଣୁଶିବ ମିଶା ଏଥର । ନବଗ୍ରହ ତହିଁ ଗୁଣନ କର ।।
ବଟସଂଖ୍ୟା ସେଥି କର ମିଶାଣ । ରିପୁକୁ ତହିଁରୁ କର ଫେଡ଼ାଣ ।।
ଫଳ ଯାହା ହେଲା ସେହି ତାରିଖ । ଦିନ ପୂର୍ଣ୍ଣାହୁତି ଏକାଗ୍ରେ ଦେଖ ।।
କଟିଯିବ ରିଷ୍ଟ ଲଭିବ ଇଷ୍ଟ । ପୂର୍ଣ୍ଣହେବ ସବୁ ମନ ଅଭୀଷ୍ଟ ।।
ପ୍ରତି ଆହୁତିରେ ପ୍ରଣାମ କର । ବୀଜମନ୍ତ୍ର ସୂତ୍ର ମାନସେ ଧର ।।
ମାନସରେ ଜପିଥିଲେରେ ବାବୁ । କଞ୍ଚା ବଅସରେ ନ ହେବୁ କାବୁ ।।
କାବୁ କରିବନି କାଳ କରାଳ । ମାନସରେ ଖେଳୁଥିବ ମରାଳ ।।
ଜୀବନ ନଉକା ସଂସାର ଜଳେ । ଭାସୁଥିବ ସୁଖେ ଦୁଃଖ ଅଥଳେ ।।
'ଗୁରୁସ୍ୱାମୀ ଦେଉଥିବ କଲ୍ୟାଣ । ହେବନି କେବେ ଅକାଳ ମରଣ ।।
ହାତଖୋଲି ଦାନ ଯଜ୍ଞ କାମରେ । ହରଷରେ ଦେବ ତା'ରି ନାମରେ ।।

ଅର୍ଥାତ୍ - ଦୁଇ (୨) ଶୂନ୍ୟ (୦) ଦୁଇଏକ (୧୧) ମସିହା - ୨୦୧୧ ମସିହା । ପ୍ରଥମ ମାସ ଅର୍ଥାତ୍ ଜାନୁୟାରୀ ମାସ । ୨୦୧୧ ମସିହା ଜାନୁୟାରୀ ମାସ ।

ବ୍ରହ୍ମାବିଷ୍ଣୁ ଶିବ ମିଶା ଏଥର, ୧+୧+୧=୩

ନବଗ୍ରହ ତହିଁ ଗୁଣନ କର, ୩ x ୯ =୨୭

ବଟ ସଂଖ୍ୟା ସେଥି ମିଶାଣ କର, ୨୭+୮=୩୫

ରିପୁକୁ ତହିଁରୁ ଫେଡ଼ାଣ କର, ୩୫-୬=୨୯

ଯାହାଫଳ ହେଲା ସେହି ତାରିଖ - ଅର୍ଥାତ୍ ୨୯ ତାରିଖ । ୨୦୧୧ ମସିହା ଜାନୁୟାରୀ ମାସର ୨୯ ତାରିଖ ଦିନ ପୂର୍ଣ୍ଣାହୁତି ହେବ । ଏହା ଏକାଗ୍ର ଚିତ୍ତରେ ଦେଖିଲେ, ସର୍ବରିଷ୍ଟ ଖଣ୍ଡନ ହେବ ଓ ଇଷ୍ଟ ବା ମଙ୍ଗଳ ଲାଭ ହେବ । ମନରେ ଥିବା ସବୁ ଅଭୀଷ୍ଟ ପୂର୍ଣ୍ଣ ହେବ । ପ୍ରତିଟି ଆହୁତିରେ ପ୍ରଣାମ କରିବା ସହିତ ବୀଜମନ୍ତ୍ର ମାନସ ଜପ କଲେ କଷ୍ଟାବୟସ ବା ବାର୍ଦ୍ଧକ୍ୟ ପୂର୍ବରୁ ଅକାଳ ବାର୍ଦ୍ଧକ୍ୟ ଗ୍ରାସ କରିବ ନାହିଁ । କରାଳ କାଳ ଗ୍ରାସ କରି ପାରିବ ନାହିଁ ଏବଂ ଶରୀରସ୍ଥ ମାନସରୋବର ବା ଜୀବନରସ ସାଗରରେ ମରାଳ ବା ହଂସ ଅର୍ଥାତ୍ ହଂସା ଉଡ଼ିଯିବ ନାହିଁ, ଜୀବନ ପୂର୍ଣ୍ଣ ଆୟୁ ଭୋଗ କରିବ । ସଂସାର ସାଗରର ଅଥଳ ଦୁଃଖର ଜଳରେ ଜୀବନ ନୌକା ସୁଖରେ ଭାସୁଥିବ । ବୁଡ଼ିଯିବ ନାହିଁ । ଗୁରୁସ୍ୱାମୀ କଲ୍ୟାଣ ଦେଉଥିବେ, ଅକାଳରେ ମୃତ୍ୟୁ ହେବ ନାହିଁ । ସେହି ଗୁରୁସ୍ୱାମୀଙ୍କ ଶୁଭ ନାମ ସ୍ମରଣ କରି କ୍ଷିତିଜ୍ୟୋତିଃ ଶାନ୍ତି ଯଜ୍ଞ କାମ ପାଇଁ ଆନନ୍ଦମନରେ ହାତଖୋଲି କୁଣ୍ଠିତ ନହୋଇ ଦାନ ଦେବାକୁ ଏଠାରେ ମହାପୁରୁଷ ଅଚ୍ୟୁତାନନ୍ଦ ପରାମର୍ଶ ଦେଇଅଛନ୍ତି ।

ଲୀଳାପୁରୁଷଙ୍କର ଲୀଳା ଅପାର । ସେ ଲୀଳାର ନା ଅଛି ଆଦି, ନା ଅଛି ଅନ୍ତ ! ଅନାଦି ଅନନ୍ତ ପୁରୁଷଙ୍କର ଲୀଳା ମଧ୍ୟ ଅନାଦି ଏବଂ ଅନନ୍ତ । ଇଚ୍ଛାମୟ ପୁରୁଷଙ୍କର ଇଚ୍ଛାରେ ଏ ଜଗତ ଆତଯାତ ହେଉଅଛି । ତାଙ୍କର ବଳୀୟାନ୍ ଇଚ୍ଛା ନିକଟରେ ଆମ ଇଚ୍ଛାର ବା ଶକ୍ତି କେତେ ? ଆମମାନଙ୍କ ଇଚ୍ଛାରେ ତ ସବୁକିଛି ହୋଇ ଉଠେନି । ତେଣୁ ତାଙ୍କରି ବଳବତୀ ଇଚ୍ଛାକୁ ନତଶିରରେ ସ୍ୱୀକାର କରି ତା'କୁ କାର୍ଯ୍ୟକାରୀ କରିପାରିଲେ, ସେ ସନ୍ତୁଷ୍ଟ ହୁଅନ୍ତି ବୋଲି ଶାସ୍ତ୍ରବାଣୀ ଅଛି । ଆଉ ଶାସ୍ତ୍ରବାକ୍ୟ ଅନୁସାରେ ତାଙ୍କୁ ସନ୍ତୁଷ୍ଟ କରିବାହିଁ ତ ଆମ୍ଭମାନଙ୍କର ପ୍ରଥମ ଏବଂ ପ୍ରଧାନ ସାଧନା । ଏ ସାଧନାକୁ ଛାଡ଼ିଦେଲେ ଆଉ କି ସାଧନା ଆମେ ଅବା କରିପାରିବା ! ଆଉ କେଉଁ ବଡ଼ ସାଧନାଟେ କରି ଆମେ ତାଙ୍କୁ ସନ୍ତୁଷ୍ଟ କରିପାରିବା ଯେ !!

ତେଣୁ ଆସନ୍ତୁ, ଯାହା କିଛିବି ଭଲମନ୍ଦ ଘଟିଯାଇଛି, ତା'କୁ ଅତୀତଗର୍ଭରେ ଫିଙ୍ଗି ଫୋପାଡ଼ି ଦେଇ ଭାତୃତ୍ୱ ସ୍ନେହରେ ଅବଗାହୀ ହୋଇ ଚରମପୁରୁଷ ପରମଗୁରୁ ଗୁରୁସ୍ୱାମୀଙ୍କୁ ସନ୍ତୁଷ୍ଟ କରିବାପାଇଁ ତାଙ୍କର ଶ୍ରୀମୁଖ ନିଃସୃତ ଆଦେଶ ପ୍ରାଣପଣେ ବାସ୍ତବରେ କାର୍ଯ୍ୟକାରୀ କରିତୋଳିବା ପାଇଁ ସଂଘର ଶରଣ ନେବା । ସତ୍‌ସଙ୍ଗର ଆଶ୍ରୟ ନେବା । ଆଜି ଏହି ବଜ୍ର ଶପଥ ନେବାର ଶୁଭଲଗ୍ନ ଉପନୀତ ।

**ଦ୍ୟୌଃ ଶାନ୍ତିଃ ! ଅନ୍ତରୀକ୍ଷଂ ଶାନ୍ତିଃ ! ପୃଥିବୀ ଶାନ୍ତିଃ ! ଆପଃ ଶାନ୍ତିଃ ! ଓଷଧୟଃ ଶାନ୍ତିଃ !**

ବନସ୍ପତୟଃ ଶାନ୍ତିଃ ! ବିଶ୍ୱଦେବାଃ ଶାନ୍ତିଃ ! ବ୍ରହ୍ମଃ ଶାନ୍ତିଃ ! ସର୍ବଂ ଶାନ୍ତିଃ ! ଶାନ୍ତିରେବ ଶାନ୍ତିଃ ! ସା ମା ଶାନ୍ତିରେଧି !!

**ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!**

**ଶ୍ରୀ କେଶବାର୍ପଣମସ୍ତୁ**
**କ୍ଷିତିଜ୍ୟୋତିଃ ଆଶ୍ରମ,**
**ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ,**
**ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ପରିବାର,**
**ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି:କଟକ, ଓଡ଼ିଶା ॥**

**ତା ୨୫।୧।୨୦୧୧ରିଖ**
**ମଙ୍ଗଳବାର**

# ଆଶ୍ରମ ସମ୍ବାଦ

| | | |
|---|---|---|
| ତା ୦୧.୦୪.୨୦୧୧ (ଶୁକ୍ରବାର) | : | କେନ୍ଦ୍ରାପଡ଼ା ଜିଲ୍ଲା କ୍ଷିତିଜ୍ୟୋତିଃ ଆଶ୍ରମ ମାର୍ଶାଘାଇ ଶାଖା ପରିସରରେ ସତ୍‌ସଙ୍ଗ ମହୋତ୍ସବ । |
| ତା ୦୪.୦୪.୨୦୧୧ (ସୋମବାର) | : | ଭଦ୍ରକ ଜିଲ୍ଲାର ବେତାଳି ଗ୍ରାମରେ ଗୁରୁଭ୍ରାତା ଶ୍ରୀ ଭରତ ଚନ୍ଦ୍ର ସେଠୀଙ୍କ ଆୟୋଜନରେ ସତ୍‌ସଙ୍ଗ ମହୋତ୍ସବ । |
| ତା ୦୬.୦୪.୨୦୧୧ (ବୁଧବାର) | : | କେନ୍ଦ୍ରାପଡ଼ା ଜିଲ୍ଲାର କୋଶିଦା ମାହାଙ୍ଗା ଗ୍ରାମରେ ଗୁରୁଭଗ୍ନୀ ବାସନ୍ତୀ ଅପାଙ୍କ ଉଦ୍ୟମରେ ସତ୍‌ସଙ୍ଗ ମହୋତ୍ସବ । |
| ତା ୦୭.୦୪.୨୦୧୧ (ଗୁରୁବାର) | : | କଟକ ନାରାୟଣ ମିଶ୍ରଲେନରେ ଗୁରୁଭ୍ରାତା ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ବାସଭବନ ପରିସରରେ ସତ୍‌ସଙ୍ଗ ମହୋତ୍ସବ । |
| ତା ୦୯.୦୪.୨୦୧୧ (ଶନିବାର) | : | କେନ୍ଦ୍ରାପଡ଼ା ଜିଲ୍ଲାର ରାଜଗଡ଼ ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ । |
| ତା ୧୩.୦୪.୨୦୧୧ (ବୁଧବାର) | : | କେନ୍ଦ୍ରାପଡ଼ା ଜିଲ୍ଲାର ଡେ଼ରାବିଶ ଛକ ନିକଟ ହଳଦିଆ ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ । |
| ତା ୧୪.୦୪.୨୦୧୧ (ଗୁରୁବାର) | : | ସ୍ୱର୍ଣ୍ଣକ୍ଷେତ୍ରରେ ଠାକୁମା ସୁକାନ୍ତୀ ଦେବୀଙ୍କ ଜନ୍ମଜୟନ୍ତୀ ପାଳନ ଓ ସତ୍‌ସଙ୍ଗ ମହୋତ୍ସବ । |
| ତା ୧୮.୦୪.୨୦୧୧ (ସୋମବାର) ଠାରୁ | | |
| ତା ୨୦.୦୪.୨୦୧୧ (ବୁଧବାର)ପର୍ଯ୍ୟନ୍ତ | : | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଅଷ୍ଟମପ୍ରହର ବ୍ୟାପି ଚତୁର୍ମଣ୍ଡପେ ଚତୁର୍ଯୁଗ ନାମଯଜ୍ଞ ମହୋତ୍ସବ । |
| ତା ୨୯.୦୪.୨୦୧୧ (ଶୁକ୍ରବାର) | : | କେନ୍ଦ୍ରାପଡ଼ା ଜିଲ୍ଲାର ରାଇବୋଲ ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ । |
| ତା ୦୧.୦୫.୨୦୧୧ (ରବିବାର) | : | କଟକ ଜିଲ୍ଲାର ଓମୋଗଲ ପାଟଣା ଗ୍ରାମରେ ବ ସନ୍ତୋଷ କୁମାର ଦାସଙ୍କ ତିଳତର୍ପଣ ଓ ସତ୍‌ସଙ୍ଗ ମହୋତ୍ସବ । |
| ତା ୦୬.୦୫.୨୦୧୧ (ଶୁକ୍ରବାର) | : | ସ୍ୱର୍ଣ୍ଣକ୍ଷେତ୍ରରେ ଅକ୍ଷୟ ତୃତୀୟା ତିଥିରେ ସଂଘ ଓ ପରିଷଦ୍‌ର ପ୍ରତିଷ୍ଠା ଦିବସ ଓ ସନାତନ କେତନର ଜନ୍ମଜୟନ୍ତୀ ମହୋତ୍ସବ ପାଳନ । |
| ତା ୦୯.୦୫.୨୦୧୧ (ସୋମବାର) | : | କ୍ଷିତିଜ୍ୟୋତିଃ ଆଶ୍ରମ-ବଟିରା ଶାଖା ଅନ୍ତର୍ଭୁକ୍ତ ନନ୍ଦିପଡ଼ା ଗ୍ରାମରେ ଗୁରୁଭ୍ରାତା ଶ୍ରୀ ଶିବ ଭାଇଙ୍କ ସତ୍‌ସଙ୍ଗ ମହୋତ୍ସବ । |
| ତା ୧୨.୦୫.୨୦୧୧ (ଗୁରୁବାର) | : | ଯାଜପୁର ଜିଲ୍ଲାର ଗହରନଗର କ୍ଷିତିଜ୍ୟୋତିଃ ଆଶ୍ରମ ଶାଖା ପରିସରରେ ସତ୍‌ସଙ୍ଗ ମହୋତ୍ସବ । |
| ତା ୧୫.୦୫.୨୦୧୧ (ରବିବାର) | : | ଜଗତସିଂହପୁର ଜିଲ୍ଲାର ବାଲିଭଉଁରି ଗ୍ରାମରେ ଗୁରୁଭ୍ରାତା ଶ୍ରୀ ତପନ ଭାଇଙ୍କ ଉଦ୍ୟମରେ ସତ୍‌ସଙ୍ଗ ମହୋତ୍ସବ । |

ତା ୧୩.୦୫.୨୦୧୧ (ଶୁକ୍ରବାର ଠାରୁ : କଟକ ଜିଲ୍ଲାର ଭଇଦିଆ ଠାରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘ ଆନୁକୂଲ୍ୟ
ତା ୧୭.୦୫.୨୦୧୧ (ମଙ୍ଗଳବାର ପର୍ଯ୍ୟନ୍ତ) କ୍ଷିତିଜ୍ୟୋତିଃ ଶାନ୍ତି ଯଜ୍ଞ ଓ ସତ୍‌ସଙ୍ଗ ମହୋତ୍ସବ ।

ତା ୨୨.୦୫.୨୦୧୧ (ରବିବାର) : କେନ୍ଦ୍ରାପଡ଼ା ଜିଲ୍ଲାର ଯମପଡ଼ା ଠାରେ ଗୁରୁଭ୍ରାତା ଶ୍ରୀ ରବିନ୍ଦ୍ର ପରିଡ଼ାଙ୍କ ବାସଭବନ ପରିସରରେ ସତ୍‌ସଙ୍ଗ ମହୋତ୍ସବ ।

ତା ୨୪.୦୫.୨୦୧୧ (ମଙ୍ଗଳବାର) : ଝାରସୁଗୁଡ଼ା ଜିଲ୍ଲାର ସମାସିଂହଗ୍ରାମରେ ଗୁରୁଭ୍ରାତା ଲବଧରଣୀଧର ଚାନ୍ଦଙ୍କ ତିଳତର୍ପଣ ଓ ସତ୍‌ସଙ୍ଗ ମହୋତ୍ସବ ।

ତା୨୯.୫.୨୦୧୧ରିଖ (ରବିବାର) : କଟକ ଜିଲ୍ଲାର ମୋଗଲପାଟଣା ଗ୍ରାମରେ ନୂତନ ଘର ପ୍ରତିଷ୍ଠା ଓ ସତ୍‌ସଂଗ ମହୋତ୍ସବ ।

ତା୩୧.୫.୨୦୧୧ ରିଖ (ମଙ୍ଗଳବାର) : କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ଛତା ନିକଟ ହଳଦୀ ବସନ୍ତ ଗ୍ରାମ ପରିସରରେ ସତ୍‌ସଂଗ ମହୋତ୍ସବ ।

ତା୩୧.୫.୨୦୧୧ରିଖ (ମଙ୍ଗଳବାର) : କଟକ ଜିଲ୍ଲା ଚାୟାଁପାଳ ଗ୍ରାମର ଗୁରୁଭ୍ରାତା ଶ୍ରୀ ଧନୁଭାଇଙ୍କ ଅପା ଲ ଅନ୍ନପୂର୍ଣ୍ଣା ଯେନାଙ୍କ ତିଳତର୍ପଣ ଓ ସତ୍‌ସଂଗ ମହୋତ୍ସବ ।

ତା୩୧.୫.୨୦୧୧ରିଖ (ମଙ୍ଗଳବାର)ଠାରୁ
ତା ୪.୬.୨୦୧୧ ରିଖ (ଶନିବାର)ପର୍ଯ୍ୟନ୍ତ : ରାଉରକେଲାର ଦେଓଗାଁ ଡରକରା ଶିବ ମନ୍ଦିର ପରିସରରେ କ୍ଷିତିଜ୍ୟୋତିଃ ଶାନ୍ତି ଯଜ୍ଞ ଓ ସତ୍‌ସଂଗ ମହୋତ୍ସବ ।

ତା.୧.୬.୨୦୧୧ରିଖ (ବୁଧବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଗୁରୁପ୍ରଦତ୍ତ ବିଧିବିଧାନରେ ଭଉଣୀମାନଙ୍କ ସାବିତ୍ରୀ ବ୍ରତ ଉପାସନା ପୂଜା ।

ତା ୩.୬.୨୦୧୧ରିଖ (ଶୁକ୍ରବାର) : କ୍ଷିତିଜ୍ୟୋତି ଆଶ୍ରମ-କାଳିଅଣ୍ଡି ଶାଖାରେ ବାର୍ଷିକ କେତନ ସତ୍‌ସଂଗ ମହୋତ୍ସବ ।

ତା ୪.୬.୨୦୧୧ ରିଖ (ଶନିବାର) : କେନ୍ଦ୍ରାପଡ଼ା ଜିଲ୍ଲାର ନହଙ୍ଗ (ବଡ଼ ସାରଦେଇପୁର) ଗ୍ରାମରେ ସତ୍‌ସଂଗ ମହୋତ୍ସବ ।

ତା ୯.୬.୨୦୧୧ ରିଖ (ଗୁରୁବାର) : କ୍ଷିତିଜ୍ୟୋତିଃ ଆଶ୍ରମ-ପାନଦା ଶାଖା ଅନ୍ତର୍ଭୁକ୍ତ ଦୁଦୁରା ଗ୍ରାମର ଗୁରୁଭ୍ରାତା ଶ୍ରୀ ବୈରାଗୀ ଭାଇଙ୍କ ବାସଭବନରେ ସତ୍‌ସଂଗ ମହୋତ୍ସବ ।

ତା ୧୧.୬.୨୦୧୧ରିଖ (ଶନିବାର) : ଡେରାବିଶ ଲକ୍ଷ୍ମୀନାରାୟଣପୁର ନିକଟ ବଢାରଗ୍ରାମରେ ସତ୍‌ସଂଗ ମହୋତ୍ସବ ।

ତା ୧୪.୬.୨୦୧୧ରିଖ (ମଙ୍ଗଳବାର) : କ୍ଷିତିଜ୍ୟୋତିଃ ଆଶ୍ରମ-ସଠିଲ ଶାଖା ଅନ୍ତର୍ଭୁକ୍ତ ପକ୍ଷୋଟ ଗ୍ରାମର ଶ୍ରୀ ନିତ୍ୟାନନ୍ଦ ଭାଇଙ୍କ ବାସଭବନରେ ସତ୍‌ସଂଗ ମହୋତ୍ସବ ।

ତା ୧୭.୬.୨୦୧୧ ରିଖ (ଶୁକ୍ରବାର) : ଗୁରୁପାଦ ଶ୍ରୀଶ୍ରୀ ବିଜୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ ବରିପଦା ବାଘଡା ରୋଡ୍‌ସ୍ଥିତ ବାସଭବନରେ ମହାସମାରୋହରେ ପାଳନ ।

| | | |
|---|---|---|
| ତା ୩.୭.୨୦୧୧ ରିଖ (ରବିବାର) | : | ସ୍ୱର୍ଣ୍ଣକ୍ଷେତ୍ରରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା ମହୋତ୍ସବ ମହାସମାରୋହରେ ପାଳନ । |
| ତା ୬.୭.୨୦୧୧ରିଖ (ବୁଧବାର) | : | କେନ୍ଦ୍ରାପଡ଼ା ଜିଲ୍ଲା ସଠିଲ କ୍ଷିତିଜ୍ୟୋତିଃ ଆଶ୍ରମ ଶାଖାର ପୂଜକ ତଥା ସଂଘର ତିଳକ ସେବାବାହୀ ଵ ନୟନ କିଶୋର ମହାନ୍ତିଙ୍କ ତିଳତର୍ପଣ ଓ ସତ୍‌ସଂଗ ମହୋତ୍ସବ । |
| ତା ୮.୭.୨୦୧୧ରିଖ (ଶୁକ୍ରବାର) | : | ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ପ୍ରଥମାଚାର୍ଯ୍ୟ ଯତିଶଦା'ଙ୍କ ବାର୍ଷିକ ଶ୍ରାଦ୍ଧମହୋତ୍ସବ ପାଳନ । |
| ତା ୧୧.୭.୨୦୧୧ ରିଖ (ସୋମବାର) | : | ସ୍ୱର୍ଣ୍ଣକ୍ଷେତ୍ରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାହୁଡା ଯାତ୍ରା ମହାସମାରୋହରେ ପାଳନ । |
| ତା ୧୭.୭.୨୦୧୧ରିଖ (ରବିବାର) | : | ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ ଆନୁକୂଲ୍ୟରେ ଗୁରୁଭ୍ରାତା ଵ ଯାଦବଭାଇଙ୍କ ବାର୍ଷିକ ଶ୍ରାଦ୍ଧ ମହୋତ୍ସବ ପାଳନ । |
| ତା ୧୩.୮.୨୦୧୧ ରିଖ (ଶନିବାର) | : | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଶ୍ରୀପାଦକ୍ଷ୍ନାସ୍ନାନ ମହୋତ୍ସବ ପାଳନ । |
| ତା ୨୧.୮.୨୦୧୧ ରିଖ (ରବିବାର) | : | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ପ୍ରଥମ କରି ସଂଘ ତରଫରୁ ଜନ୍ମାଷ୍ଟମୀ ମହୋତ୍ସବ ମହା ସମାରୋହରେ ପାଳନ । |
| ତା ୧୨.୯.୨୦୧୧ରିଖ (ସୋମବାର) ଠାରୁ | | |
| ତା ୨୦.୯.୨୦୧୧ରିଖ ପର୍ଯ୍ୟନ୍ତ | : | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଶ୍ରୀଶ୍ରୀଗୁରୁସ୍ୱାମୀଙ୍କ ନବଦିବସ ବ୍ୟାପୀ ଆବିର୍ଭାବ ମହୋତ୍ସବ ପାଳନ । ଯଜ୍ଞାନୁଷ୍ଠାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପାଳନ ଓ ଚରମ ୪୪ ସଂଖ୍ୟାର ଶୁଭ ଉନ୍ମୋଚନ । |
| ତା ୧୧.୧୦.୨୦୧୧ରିଖ (ମଙ୍ଗଳବାର) (କୁମାର ପୂର୍ଣ୍ଣିମା) | : | କଟକ ଜିଲ୍ଲାର ଜଗତପୁର କେଶବ ଭବନ ଠାରେ 'ଚରମ ମର୍ତ୍ତ୍ୟାବତରଣର ବାର୍ଷିକ ମହୋତ୍ସବ ତଥା ଚରମ ୪୫ତମ ସଂଖ୍ୟା ଉନ୍ମୋଚନ ଓ ସତ୍‌ସଂଗ ମହୋତ୍ସବ ପାଳନ । |

**DECLARATION FORM-I**

(Rule-8)

**THE CHARAM PUBLICATION**

| | | | |
|---|---|---|---|
| 1. | Place of Publication | : | Kshitijyoti Ashram Swarnakshetra, Mahanga, Cuttack - 754206 |
| 2. | Periodicity of Publication | : | Bi-Monthly |
| 3. | Place of Printing | : | Rasad Ad Agency, Cuttack-12 |
| 4. | Publisher' Name | : | General Secretary, Vishwa Bhratrutwa Dibyatma Parishad |
| | Address | : | Swarnakshetra, Mahanga - 754206 |
| | Nationality | : | Indian |
| 5. | Editor's Name | : | Kehsab Das Brundaban |
| | Nationality | : | Indian |
| | Address | : | Kshitijyoti Ashram, Swarnakshetra, Mahanga - 754206 |
| 6. | Name & Address of Individual who owns the magazine | : | General Secretary, Vishwa Bhratrutwa Dibyatma Parishad Swarnakshetra, Mahanga - 754206 |
| 7. | Partner or Share Holders Holding more than one percent of the total capital | : | NIL |

Printed by Rasad Ad Agency, Cuttack and published by Keshab Chandra Samal on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarnakshetra, Mahanga, Cuttack and printed at Rasad Ad Agency, Cuttack and published at Kshitijyoti Ashram Swarnakshetra, Mahanga, Cuttack. Editor - Keshab Das Brundaban.

1. Keshab Chandra Samal, General Secretary, on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarnakshetra, Mahanga, Cuttack, Odisha here by declare that I am the publisher of the periodical magazine entitled "THE CHARAM" printed at Cuttack City and published at the office of the 'THE CHARAM PUBLICATION" Kshitijyoti Ashram, Swarnakshetra, Mahanga, Cuttack-754206 and the particular in respect of the said magazine given above are true to the best of my knowledge and belief.

Sd-

**KESHAB CHANDRA SAMAL**

Signature of the Publisher

**Place : Mahanga**

Date : 03.07.2011

ଆମର ଲକ୍ଷ୍ୟ : ଚରମପ୍ରାପ୍ତି